
The Anuswaar
Monthly e-Magazine
Vol - 1/Issue-VIII
April -2026

# ଅନୁସ୍ୱାର

ମାସିକ ଇ-ପତ୍ରିକା

ଏପ୍ରିଲ-୨୦୨୬



ପଦ୍ମଭୂଷଣ ଗୋପିନାଥ ମହାନ୍ତି
ଜନ୍ମ : ୨୦ ଏପ୍ରିଲ ୧୯୧୪

ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar

Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com

# ଅନୁସ୍ୱାର

ମାସିକ ଇ–ପତ୍ରିକା

ପ୍ରଥମ ବର୍ଷ, ଅଷ୍ଟମ ସଂଖ୍ୟା, ଏପ୍ରିଲ - ୨୦୨୬

ସମ୍ପାଦନା: ସରୋଜ କୁମାର ଶତପଥୀ

ପ୍ରକାଶକ: ନ୍ୟୁଟ୍ରା କ୍ରିଏସନ୍ସ
ପ୍ଲଟ୍ ନଂ-୫, ଜୟଦେବ ନଗର,
ଭୁବନେଶ୍ୱର-୭୫୧୦୦୨

ଯୋଗାଯୋଗ:
ମୋ: +୯୧ ୯୯୩୭୧୨୮୫୪୭

Vol. - I, Issue-VIII,APRIL-2026
Editing :Saroj Kumar Satpathy
Publisher: Newtra Creations,Plot no-5, Jayadev Nagar,Bhubaneswar - 751002
Mob :+91 9937128547/e-mail : editor.anuswaar@gmail.com/
website : www.anuswaar.com/ www.newtracreations.com

# ଆମ ପୃଷ୍ଠପୋଷକ


ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡଙ୍ଗୀ


ଛନ୍ଦା ମିଶ୍ର


ବସନ୍ତ କୁମାର ଦାସ


ପ୍ରଫେସର ଅଭୟ ବେହେରା


ପ୍ରତିମା ମିଶ୍ର


ମନୋରମା ପଣ୍ଡା


ବିନୋଦିନୀ ଗଉଡ଼


ଅପରାଜିତା


ଗୀତା ପଟ୍ଟନାୟକ


ପ୍ରତିତୀ ମହାନ୍ତି


ମୌସୁମୀ ମିଶ୍ର


ଶରତ କୁମାରୀ ମିଶ୍ର


ଅନୁସୟା ବାରିକ


କମଳିନୀ ଦେବୀ


ରାଧାରାଣୀ ପଟ୍ଟନାୟକ


ପ୍ରଫେସର ବୀଣାପାଣି ତ୍ରିପାଠୀ



ଶୋଭାମୟୀ ପଣ୍ଡା



ମଧୁସ୍ମିତା ମହାପାତ୍ର



ଅନୀତା ମିଶ୍ର



ଶୁଭଶ୍ରୀ ସିଂ



ନିହାରୀକା ରାୟ ବରାଳ



ସରୋଜଲକ୍ଷ୍ମୀ ମହାନ୍ତି



ଶ୍ରୀମତୀ ହରପ୍ରିୟା ପଣ୍ଡା



ସୁବ୍ରତା ମିଶ୍ର



ଭୁବନେଶ୍ୱର ବିଶି



ଅଜୟ କୁମାର ସେଠୀ



ସଚ୍ଚିଦାନନ୍ଦ ବସ୍ତିଆ





ଶମ୍ଭୁନାଥ ରାଉଳ



ବୀରେଶ୍ୱର ମହାନ୍ତି



ଅସୀମା ରାୟ ଖୁଣ୍ଟିଆ



ରୀତା ମିଶ୍ର



ଆଶାଲତା ପାଣ୍ଡବ



ଦମୟନ୍ତୀ ଷଡ଼ଙ୍ଗୀ



ବୀଣାପାଣି ସାହୁ



ମନୋରମା ମିଶ୍ର



# ନିବେଦନ

ପ୍ରିୟ ସୃଜନଶୀଳ ସ୍ରଷ୍ଟାଙ୍କୁ ବିନମ୍ର ପ୍ରଣାମ ।

ଜାଣି ଖୁସି ହେବେ ଆମ ପ୍ରିୟ ମାସିକ ଡିଜିଟାଲ ସାହିତ୍ୟ ପତ୍ରିକା 'ଅନୁସ୍ୱାର'ର ଶୁଭ ଲୋକାର୍ପଣ ଗତ ୨୨.୦୫.୨୦୨୫ ତାରିଖରେ ବରେଣ୍ୟ ଅତିଥିମାନଙ୍କ କରକମଳରେ ପ୍ରିୟ ପାଠକ/ପାଠିକା ତଥା ଆପଣମାନଙ୍କ(ଲେଖକ/ଲେଖିକା) ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି ଏବଂ ଗତ ୧୯.୦୮.୨୦୨୫ ତାରିଖରେ ପତ୍ରିକାର ୱେବ୍ ସାଇଟ୍ www.anuswaar.com ମଧ୍ୟ ଲୋକାର୍ପିତ ହୋଇଛି । ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା ଆମେ ଏଭଳି ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା, ଯେଉଁଥିରେ ଓଡ଼ିଆ ସାହିତ୍ୟକୁ ଭଲପାଉଥିବା ସମସ୍ତ ସୃଜନଶୀଳ ସ୍ରଷ୍ଟା ଓ ପାଠକଙ୍କର ସମନ୍ୱୟରେ ଓଡ଼ିଆ ସାହିତ୍ୟର ବିଶ୍ୱ ସ୍ତରରେ ପ୍ରଚାର ଓ ପ୍ରସାର ସହଜ ହୋଇପାରିବ । ଏହି ପରିପ୍ରେକ୍ଷୀରେ 'ଅନୁସ୍ୱାର', ଆପଣମାନଙ୍କ ବଳିଷ୍ଠ ଲେଖନୀ ଚାଳନା, ଦେଇଥିବା ଅନୁଦାନ ରାଶି ଓ ପ୍ରକାଶକ ସଂସ୍ଥା 'ନ୍ୟୁଟ୍ରା କ୍ରିଏସନ୍'ର ସହଭାଗିତା ତଥା ନିରନ୍ତର ପ୍ରୟାସ ଯୋଗୁଁ ୪୬୦୦୦ ରୁ ଉର୍ଦ୍ଧ୍ୱ ନିୟମିତ ପାଠକ ହାସଲ କରିପାରିଛି । ବର୍ତ୍ତମାନ ସୁଦ୍ଧା ଏକୋଇଶି ଲକ୍ଷରୁ ଉର୍ଦ୍ଧ୍ୱ ଆମ ପୋର୍ଟାଲର views ରହିଛି । ଦିନକୁ ଦିନ 'ଇ-ମ୍ୟାଗାଜିନ୍'ର ଚାହିଦା ବିଶ୍ୱସ୍ତରରେ ବଢ଼ିବାରେ ଲାଗିଛି । ନିଜର user friendly interface ଯୋଗୁ ଏହା ସମଗ୍ର ବିଶ୍ୱରେ ଥିବା ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରୁଛି । ଆମ ପତ୍ରିକା ପାଇଁ କରାଯାଇଥିବା ପୋର୍ଟାଲ ଡିଜାଇନ ଭାରତବର୍ଷରେ ପ୍ରଥମ ଓ କେବଳ ଆମ ପାଖରେ ହିଁ ଅଛି । ଆଜି ଯାଏ ଅନ୍ୟ କୌଣସି ସାହିତ୍ୟ ସଂସଦ କିମ୍ବା ପ୍ରକାଶନୀ ସଂସ୍ଥା ଏଭଳି ଏକ ବ୍ୟୟବହୁଳ ପୋର୍ଟାଲ ତିଆରି କରିନାହାନ୍ତି । କହିବା ବାହୁଲ୍ୟ ଯେ, ଆଜିର ଏଇ ଡିଜିଟାଲ୍ ଯୁଗରେ 'ଇ-ମ୍ୟାଗାଜିନ୍' ପ୍ରତ୍ୟେକଟି ସାହିତ୍ୟପ୍ରେମୀଙ୍କ ପାଖରେ ପହଞ୍ଚିବା ସହିତ ନୂତନ ଯୁବପିଢ଼ିର ଲେଖକ/ଲେଖିକାମାନଙ୍କୁ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟକରିବା ତଥା ବିଶ୍ୱ ଦରବାରରେ ସେମାନଙ୍କ ଲେଖାଗୁଡ଼ିକୁ ପହଞ୍ଚାଇବାର ଦାୟିତ୍ୱ ବହନ କରି ନିଜର ନିରନ୍ତର ପ୍ରୟାସ ଜାରି ରଖିଛି ।

ଆସନ୍ତୁ, ଆମେ ସମସ୍ତେ 'ଇ-ମ୍ୟାଗାଜିନ୍'ର ଏହି ଯାତ୍ରାରେ ସାମିଲ୍ ହୋଇ 'ଅନୁସ୍ୱାର' ମାସିକ ଇ-ମ୍ୟାଗାଜିନ ବା ଡିଜିଟାଲ ମ୍ୟାଗାଜିନ ମାଧ୍ୟମରେ ଓଡ଼ିଆ ଭାଷା-ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯଥା ସମ୍ଭବ ପ୍ରୟାସ କରିବା ।

ବିନୀତ,
ସମ୍ପାଦକ 'ଅନୁସ୍ୱାର'



**ସମ୍ପାଦକୀୟ...**



# ଅରଣ୍ୟର ସ୍ୱରରୁ ଆକାଶର ବ୍ୟାପ୍ତି : ପଦ୍ମଭୂଷଣ ଗୋପୀନାଥ ମହାନ୍ତି



ଓଡ଼ିଆ କଥାସାହିତ୍ୟର ଇତିହାସକୁ ଯଦି ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଏ, ତେବେ ଫକୀର ମୋହନଙ୍କ ପରବର୍ତ୍ତୀ ସମୟରେ ଯେଉଁ ବ୍ୟକ୍ତିତ୍ୱ ସବୁଠାରୁ ଅଧିକ ପ୍ରଭାବଶାଳୀ ମନେହୁଅନ୍ତି, ସେ ହେଉଛନ୍ତି ପଦ୍ମଭୂଷଣ ଗୋପୀନାଥ ମହାନ୍ତି। ଯିଏ ମାଟିର ଶବ୍ଦକୁ ଆକାଶର ବ୍ୟାପ୍ତି ଦେଇଥିଲେ। ଆଜି ଯେତେବେଳେ ଆମେ 'ଅନୁସ୍ୱାର'ର ଏହି ସଂସ୍କରଣ ପ୍ରସ୍ତୁତ କରୁଛୁ, ସେତେବେଳେ ଏହି ମହାନ ସ୍ରଷ୍ଟାଙ୍କ ଜୀବନ ଓ କୃତିକୁ ପର୍ଯ୍ୟାଲୋଚନା କରିବା, କେବଳ ଏକ ଆବଶ୍ୟକତା ନୁହେଁ, ବରଂ ଏକ ସାହିତ୍ୟିକ ଦାୟିତ୍ୱ।

ଗୋପୀନାଥ ମହାନ୍ତି କେବଳ ଏକ ନାମ ନୁହେଁ, ସେ ଥିଲେ ଏକ ଅନୁଷ୍ଠାନ। ତାଙ୍କର ଲେଖନୀରେ ଓଡ଼ିଶାର ଭୂଗୋଳ କେବଳ କାଗଜ ଉପରେ ସୀମିତ ରହିନଥିଲା, ବରଂ କୋରାପୁଟର ଘଞ୍ଚ ଅରଣ୍ୟରୁ ଆରମ୍ଭ କରି ଭୁବନେଶ୍ୱରର କଂକ୍ରିଟ୍ ଜଙ୍ଗଲ ପର୍ଯ୍ୟନ୍ତ ସବୁକିଛି ପ୍ରାଣବନ୍ତ ହୋଇ ଉଠିଥିଲା। ଜଣେ ସଫଳ ପ୍ରଶାସକ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବା ସହିତ ଜଣେ ସମ୍ବେଦନଶୀଳ ଶିଳ୍ପୀ ଭାବେ ସେ ମଣିଷର ଅନ୍ତର ସତ୍ତାକୁ ଯେଭଳି ଚିହ୍ନିଥିଲେ, ତାହା ବିରଳ।

ତାଙ୍କର ପ୍ରାରମ୍ଭିକ କୃତି 'ଦାଦିବୁଢ଼ା' ଏବଂ ପରବର୍ତ୍ତୀ ସମୟର 'ପରଜା' ଓ 'ଅମୃତର ସନ୍ତାନ' କେବଳ ଉପନ୍ୟାସ ନୁହେଁ, ଏହା ହେଉଛି ଆଦିବାସୀ ଜୀବନର ଜୀବନ୍ତ ଦଲିଲ୍। ଯେଉଁ ସମୟରେ ଓଡ଼ିଆ ସାହିତ୍ୟ ମଧ୍ୟବିତ୍ତ ଶ୍ରେଣୀର ଜୀବନ ଦର୍ଶନରେ ସୀମିତ ଥିଲା, ସେତେବେଳେ ଗୋପୀନାଥ ବାବୁ କନ୍ଧ ଓ ଆଦିବାସୀମାନଙ୍କୁ ସାହିତ୍ୟର ମୁଖ୍ୟ ସ୍ରୋତକୁ ଆଣିଥିଲେ। ତାଙ୍କ ଦୃଷ୍ଟିରେ ସେମାନେ କେବଳ 'ନିଷ୍ପେସିତ' ନଥିଲେ, ବରଂ ସେମାନେ ଥିଲେ 'ଅମୃତର ସନ୍ତାନ'। ସେମାନଙ୍କର ସ୍ୱାଭିମାନ, ମାଟି ପ୍ରତି ମମତା ଏବଂ ଜୀବନ ପ୍ରତି ସକାରାତ୍ମକ ଦୃଷ୍ଟିକୋଣକୁ ସେ ଅତି ନିଖୁଣ ଭାବେ ଚିତ୍ରଣ କରିଥିଲେ। ୧୯୫୫ ମସିହାରେ ପ୍ରଥମ ଓଡ଼ିଆ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରି ସେ ଯେଉଁ ପରମ୍ପରା ଆରମ୍ଭ କରିଥିଲେ, ତାହା ୧୯୭୩ରେ 'ମାଟିମଟାଳ' ପାଇଁ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତିରେ ପୂର୍ଣ୍ଣତା ପାଇଥିଲା।


ତେବେ ଗୋପୀନାଥଙ୍କ ସାହିତ୍ୟ କେବଳ ଜଙ୍ଗଲରେ ସୀମିତ ନଥିଲା। 'ଦାନାପାଣି' ପରି ଉପନ୍ୟାସରେ ସେ ସହରୀ ମଣିଷର କ୍ଷମତା

ଲିପ୍ସା ଏବଂ ନୈତିକ ସଂଘର୍ଷକୁ ଯେଭଳି ବ୍ୟାଖ୍ୟା କରିଛନ୍ତି, ତାହା ଆଜିର ପରିପ୍ରେକ୍ଷୀରେ ଅଧିକ ପ୍ରାସଙ୍ଗିକ ମନେହୁଏ। ତାଙ୍କର ପ୍ରତ୍ୟେକ ଚରିତ୍ର ଆମ ପାଖରେ ଜଣେ ଜଣେ ଜାଣିବା ଶୁଣିବା ମଣିଷ ପରି ମନେହୁଅନ୍ତି।

ଆଜିର ବୈଶ୍ୱିକରଣ ଓ ବୈଷୟିକ ଯୁଗରେ ଆମେ ହୁଏତ ମାଟିଠାରୁ ଦୂରେଇ ଯାଉଛୁ। କିନ୍ତୁ ଗୋପୀନାଥଙ୍କ ସାହିତ୍ୟ ଆମକୁ ବାରମ୍ବାର ନିଜ ଚେର ନିକଟକୁ ଫେରାଇ ନିଏ। ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ଏହି ମହାପୁରୁଷଙ୍କ କୃତିଗୁଡ଼ିକର ପୁନଃପଠନ ଓ ପର୍ଯ୍ୟାଲୋଚନା ଆମ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଏକ ଅନିବାର୍ଯ୍ୟ ଆହ୍ୱାନ।

'ଅନୁସ୍ୱାର' ପରିବାର ପକ୍ଷରୁ ଏହି କାଳଜୟୀ ସାରସ୍ୱତ ସାଧକଙ୍କ ପ୍ରତି ଏହା ହିଁ ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଆଶା କରୁଛୁ, ଆମର ଏହି ପ୍ରୟାସ ପାଠକମାନଙ୍କୁ ଗୋପୀନାଥ ମହାନ୍ତିଙ୍କ ସୃଜନ ସଂସାରକୁ ଆଉଥରେ ଆବିଷ୍କାର କରିବାରେ ସହାୟକ ହେବ।

**ସରୋଜ କୁମାର ଶତପଥୀ**
**ସମ୍ପାଦକ**



# ମୁଖଶାଳା


| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୦୧. | ସମ୍ପାଦକୀୟ: ଅରଣ୍ୟର ସ୍ୱରରୁ ଆକାଶର ବ୍ୟାପ୍ତି: ପଦ୍ମଭୂଷଣ ଗୋପୀନାଥ ମହାନ୍ତି | ସରୋଜ କୁମାର ଶତପଥୀ | ୦୧ |

**ଗଦ୍ୟ ବିଭାଗ**

| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୦୨. | ଡାକ୍ତର ଯୋଗେଶ୍ୱର ରଥ : ମୋର ଜୀବନ ରକ୍ଷକ | ପ୍ରଫେସର ମଣୀନ୍ଦ୍ର କୁମାର ମେହେର | ୦୬ |
| ୦୩. | ଜୀବନର ଚଲାପଥରେ ସାଇକେଲ | ଡକ୍ଟର ଦିଗରାଜ ବ୍ରହ୍ମା | ୧୨ |
| ୦୪. | କେଉଁ ନାମ ଦେବି ଘରକୁ ମୋହର | ବିରଞ୍ଚି ମିଶ୍ର | ୧୭ |
| ୦୫. | ଶାବରମଲ୍ଲା | ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୧୯ |
| ୦୬. | ମୁଁ ତୁମକୁ ଭଲପାଏ | ଛନ୍ଦା ମିଶ୍ର | ୨୧ |
| ୦୭. | କଥାରେ କଥାରେ-୧୯ | ମନୋରମା ମିଶ୍ର | ୨୪ |
| ୦୮. | କେଉଁ କାମ ଛୋଟ ନୁହେଁ | ବିନୋଦିନୀ ଗଉଡ଼ | ୨୫ |
| ୦୯. | କ୍ଲାସିକ ଷ୍ଟୋରୀ | ଶମ୍ଭୁନାଥ ରାଉଳ | ୨୭ |
| ୧୦. | ସୁନାବେଡ଼ାର ଗୁମର କଥା | ପ୍ରମୋଦ କୁମାର ମହାପାତ୍ର | ୩୦ |
| ୧୧. | ଘର ଭଡ଼ା | ଶ୍ରୀମତୀ ସ୍ନିଗ୍ଧା ଜି. ମହାପାତ୍ର | ୩୪ |
| ୧୨. | ଜୀବନ ରହସ୍ୟ | ଅଜୟ କୁମାର ମହାନ୍ତି | ୩୬ |
| ୧୩. | ଯାଜପୁରର କେ ବିରଳ ଐତିହ୍ୟ : ଗଡ଼ମଧୁପୁର ରାଜବାଟୀ | ହେମଲତା ଜେନା | ୩୮ |
| ୧୪. | ସ୍ୱଭାବ-କବି ଗଙ୍ଗାଧର | ମାନଗୋବିନ୍ଦ ବାରିକ୍ | ୪୧ |
| ୧୫. | ମଣିଷ ଦେବତା | ଶ୍ରୀମତୀ ମନୋରମା ପଣ୍ଡା | ୪୪ |
| ୧୬. | ଜୀବନର ଚଲାପଥେ | ଗୀତାଞ୍ଜଳି ସ୍ୱାଇଁ | ୪୫ |
| ୧୭. | ଯାଦୁଖେଳ | ଶ୍ରୀ ଅଭୟ କୁଣ୍ଡ | ୪୬ |

**ପଦ୍ୟ ବିଭାଗ**

| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୦. | ଗୁଟା ରଙ୍ଗେ ଭକୁଆ(କୋଶଲୀ କବିତା) | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୫୦ |
| ୨୧. | ଗୁନ୍ଦାଲ | ଗଦାଧର ନିଆଲ | ୫୧ |
| ୨୨. | ମୁଁ ନଥିବାର ବେଳେ | ପ୍ରଫେସର ବୀଣାପାଣି ତ୍ରିପାଠୀ | ୫୨ |
| ୨୩. | ବୋଉ | ଡକ୍ଟର ରଶ୍ମି ଦାଶ | ୫୩ |
| ୨୪. | ମାଟିର ସନ୍ତୁ ଗୋପୀନାଥ | ସରୋଜ ଶତପଥୀ | ୫୪ |
| ୨୫. | କୈଫିୟତ | ଯୋଗେଶ ଚନ୍ଦ୍ର ମିଶ୍ର | ୫୫ |
| ୨୬. | ରଙ୍ଗ ପୀରତି - ୧୯ | ବିଦ୍ୟାଧର ଗୁରୁ | ୫୬ |
| ୨୭. | ଜାଣିବ ଏବେ ମୋ ସଖୀ | ବସନ୍ତ କୁମାର ଦାସ | ୫୭ |
| ୨୮. | ପ୍ରେମଭରା ଏ ପୃଥିବୀ | ସଚି ବେହେରା | ୫୮ |
| ୨୯. | କବିର ଆତ୍ମକଥା | ଅପରାଜିତା | ୫୯ |
| ୩୦. | ଅମର | ସଚ୍ଚିଦାନନ୍ଦ ସାହୁ | ୬୦ |
| ୩୧. | ରହିଛି ରହିବି ସତ ପଥରେ | ଡକ୍ଟର ମନ୍ଦାକିନୀ ପାଢ଼ୀ | ୬୧ |
| ୩୨. | ସୀମାବଦ୍ଧ | ଡକ୍ଟର ବୀଣାଦତ୍ତ ପଟ୍ଟନାୟକ | ୬୨ |

# ମୁଖଶାଳା


| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୩. | ନୀଳାଚଳ ଦର୍ଶନ | କମଳିନୀ ଦେବୀ | ୬୩ |
| ୩୪. | ସବୁବେଳେ ହସୁଥିବା ଝିଅ | ସବିତା ଶତପଥୀ | ୬୪ |
| ୩୫. | ଅବ୍ୟକ୍ତ | ନିହାରିକା ରାୟବରାଳ | ୬୫ |
| ୩୬. | ପୁନଶ୍ଚ ପୃଥିବୀ | ଶରତ କୁମାରୀ ମିଶ୍ର | ୬୬ |
| ୩୭. | ପଲ୍ଲୀଗୀତ | ପ୍ରତିମା ମିଶ୍ର | ୬୭ |
| ୩୮. | ଆସିବେ ଶ୍ରୀରାମ | ସରୋଜଲକ୍ଷ୍ମୀ ମହାନ୍ତି | ୬୮ |
| ୩୯. | ଲେଖନୀ ମୁନରୁ | ମଧୁସ୍ମିତା ମହାପାତ୍ର | ୬୯ |
| ୪୦. | ବିରଳ | ସୁବ୍ରତା ମିଶ୍ର | ୭୦ |
| ୪୧. | ସୁନାରୀ ଫୁଲର କାହାଣୀ | ଶ୍ୱାତି ମହାନ୍ତି | ୭୧ |
| ୪୨. | ଲୋକ ଚିହ୍ନିବା ଶିଖ | ଡକ୍ଟର ପ୍ରବୀଣା ପରିଡ଼ା | ୭୨ |
| ୪୩. | ଲୋକ ଦେଖାଣିଆ | ଦମୟନ୍ତୀ ଷଡ଼ଙ୍ଗୀ | ୭୩ |
| ୪୪. | ଆକାଙ୍‌କ୍ଷା | ଗୀତା ପଟ୍ଟନାୟକ | ୭୪ |
| ୪୫. | ସମୟର ଚକ ନୋ ରିଭର୍ସ ବଟନ୍ | ପ୍ରତିତୀ ମହାନ୍ତି | ୭୫ |
| ୪୬. | ଚାଲିବା ଏକାଠି ହୋଇ | ଜୟନ୍ତୀ ନାୟକ | ୭୬ |
| ୪୭. | ଶାନ୍ତି | ସ୍ୱର୍ଣ୍ଣଲତା ମହାପାତ୍ର | ୭୭ |
| ୪୮. | ତମ ଓଠର ହସ | ଡା. ନୀଳମାଧବ କର | ୭୮ |
| ୪୯. | କବିତା | ନୀଳମଣି ଚାନ୍ଦ | ୭୯ |
| ୫୦. | ଭାଇ | ବୀରେଶ୍ୱର ମହାନ୍ତି | ୮୦ |
| ୫୧. | ଖରାମାରେ ଟାଇଁ ଟାଇଁ | ଅଜୟ କୁମାର ସେଠୀ | ୮୧ |
| ୫୨. | ଯନ୍ତ୍ରଣା | ଭୁବନେଶ୍ୱର ବିଶି | ୮୨ |
| ୫୩. | ସମ୍ପର୍କ | ଯଜ୍ଞଦତ୍ତ ସାମନ୍ତରାୟ | ୮୩ |
| ୫୪. | ବୈଶିଷ୍ଟ୍ୟ | ପ୍ରଫେସର ପ୍ରତିମା ଷଡ଼ଙ୍ଗୀ | ୮୪ |
| ୫୫. | ବଦଳୁଥିବା ପରିଚୟ | ହରପ୍ରିୟା ପଣ୍ଡା | ୮୫ |
| ୫୬. | ଅକ୍ଷୟ ତୃତୀୟା | ରାଧାରାଣୀ ପଟ୍ଟନାୟକ | ୮୬ |
| ୫୭. | ଅପେକ୍ଷା | ଅସୀମା ରାୟ ଖୁଣ୍ଟିଆ | ୮୭ |
| ୫୮. | ପ୍ରେମ | ନୀନା ବଳିୟାରସିଂ | ୮୮ |
| ୫୯. | ଫେରିବାଲା | ଅନୀତା ମିଶ୍ର | ୮୯ |
| ୬୦. | ଯାତ୍ରା | ପୁଷ୍ପାଞ୍ଜଳି ପଣ୍ଡା | ୯୦ |
| ୫୧. | ପ୍ରଳୟର ପଦଧ୍ୱନି | ମମତାବାଳା ହୋତା | ୯୧ |
| ୫୨. | ପ୍ରାତଃକାଳ | ଶୁଭଶ୍ରୀ ସିଂ | ୯୨ |
| ୫୩. | ଆମ ମାତୃଭାଷା ଆମ ଅସ୍ମିତା | ବାସନ୍ତି ବାରିକ୍ | ୯୩ |
| ୫୪. | ପାଇବାରେ ନାରୀ | ପ୍ରିୟଦର୍ଶିନୀ ନାୟକ | ୯୪ |
| ୫୫. | ସେଦିନ କୁଞ୍ଜରେ | ଅନୁସୟା ବାରିକ | ୯୫ |
| ୫୬. | ଅକ୍ଷୟ ତୃତ୍ତୀୟା | ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ | ୯୬ |
| ୫୭. | ଆଉ ନାହିଁ ସେଇ ଦିନ | ସାବିତ୍ରୀ ଦାସ | ୯୭ |
| ୫୮. | ଜୀବନ ଭରା ତୋ ଆଖି | ଜୟଶ୍ରୀ ଦାଶ | ୯୮ |
| ୫୯. | ଜୀବନ | ସ୍ମୃତିସ୍ମିତା ରାଉତ | ୯୯ |
| ୬୦. | ସାଥି ତୁମେ | ଅନୁରାଧା ମହାପାତ୍ର | ୧୦୦ |
| ୬୧. | ଅସ୍ତିତ୍ୱ | ଭାଗ୍ୟଶ୍ରୀ ମହାପାତ୍ର | ୧୦୧ |
| ୬୨. | ପ୍ରତିଶବ୍ଦ | ଆକୁଳାନନ୍ଦ ପୃଷ୍ଟି | ୧୦୨ |
| ୬୩. | ବାପୁ ତୁମେ ଚାଲିଗଲାପରେ | ବସନ୍ତ କୁମାର ପ୍ରଧାନ | ୧୦୩ |
| ୬୪. | ଧରଣୀ ବୁକୁରେ ସମୁଦ୍ର | ସୁନନ୍ଦା ମହାନ୍ତି | ୧୦୪ |

# ଗଦ୍ୟ ବିଭାଗ



# ଡାକ୍ତର ଯୋଗେଶ୍ୱର ରଥ : ମୋର ଜୀବନ ରକ୍ଷକ



ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ମୋର ଅସୁସ୍ଥ ଶରୀରକୁ ଯେଉଁ ଚିକିତ୍ସକମାନେ ବିଭିନ୍ନ ସମୟରେ ସୁସ୍ଥ କରି ମୋତେ ନବଜନ୍ମର ଅନୁଭୂତି ପ୍ରଦାନ କରିଛନ୍ତି, ସେମାନଙ୍କ ମଧ୍ୟରେ ଡାକ୍ତର ଯୋଗେଶ୍ୱର ରଥଙ୍କ ସ୍ଥାନ ସ୍ୱତନ୍ତ୍ର।

**ଅସୁସ୍ଥ ଶରୀର : ଉଦବିଗ୍ନ ପରିବାର**

ଜନ୍ମ ସମୟରୁ ହିଁ ମୋର ଅସୁସ୍ଥତା ଲାଗିରହିଥାଏ। ଭୂମିଷ୍ଠ ହେବାର ମାତ୍ର କେତୋଟି ଦିନ ମଧ୍ୟରେ ଦେହ ସାରା ଫୋଟକା ବାହାରି ପଡିଥିଲା। ଏପରି ଅବସ୍ଥାରେ ଯେ ମୋ ଜୀବନ ସୁରକ୍ଷିତ ତାହା କେହି ଭାବି ପାରୁ ନଥାନ୍ତି। ବରପାଲି ଡାକ୍ତରଖାନାରେ ସେତେବେଳେ କେଉଁ ଡାକ୍ତର ଥିଲେ କେଜାଣି। ତାଙ୍କ ଇଞ୍ଜେକ୍ସନ ଦ୍ୱାରା ମୁଁ ହୋଇପାରିଲି ଧୀରେ ଧୀରେ ସୁସ୍ଥ। ମାତ୍ର ମୋ ଦେହରେ ପାଣି ବି ଯାଏ ନାହିଁ। ଗାଧେଇଲେ ଜ୍ୱର ହୋଇଯାଏ। ବାପା ମା ତେଣୁ ଜଗି ରହନ୍ତି ସର୍ବଦା। ୧୯୬୩ ମସିହାରେ ଗଙ୍ଗାଧର ମେହେରଙ୍କ ଜନ୍ମଗୃହ କବି ଭବନରେ ମୋର ଜନ୍ମ। ଓଡିଶା ସରକାରଙ୍କ ଦ୍ୱାରା ଆମ ଗୃହ ଜାତୀୟ କରଣ ହୋଇଯିବାପରେ ଆମେ ଚାଲି ଆସିଲୁ ସରକାରଙ୍କ ସହାୟତାରେ ନିର୍ମିତ ନୂତନ ବାସଗୃହକୁ। ଏହା ୧୯୭୦ ମସିହାର ଏକ ଅବିସ୍ମରଣୀୟ ଗୌରବ-ଗାଥା। ନିଜର ଭିଟାମାଟିକୁ ଛାଡ଼ି ଦେଇ ଆସିବାରେ ପିତାମହ କବିପୁତ୍ର ଭଗବାନ ମେହେରଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କ ମନରେ ଭରି ରହିଥାଏ ଅପରିସୀମ ବ୍ୟଥା। କିନ୍ତୁ ଜଣେ ମହାନ କବିଙ୍କ ଉତ୍ତର ଦାୟାଦ ଭାବରେ ଜାତି ଉଦ୍ଦେଶ୍ୟରେ ତାହାକୁ ସମର୍ପିତ

କରିଦେବାରେ ଯେଉଁ ଗୌରବ ଅନୁଭବ କରିଛନ୍ତି ପିତାମହ ତାହା ଯେ ଅନନ୍ୟ ଏକ ଶ୍ରେଷ୍ଠ ଉପଲବ୍ଧି ଏହା କହିବା ବାହୁଲ୍ୟ ମାତ୍ର। ନୂଆଁଘରକୁ ଆସିବା ପରେ ମଧ୍ୟ ମଝିରେ ମଝିରେ ମୋର ଅସୁସ୍ଥତା ଲାଗି ରହିଥାଏ। ଆଶ୍ୱାସନାର କଥା ହେଲା, ଆମ ଗୃହ ସମ୍ମୁଖରେ ଛିଡା ହୋଇ ରହିଥାଏ ସର୍ବଦା ଅଭୟ ପ୍ରଦାନ କରୁଥିବା ସରକାରୀ ଚିକିତ୍ସା ମନ୍ଦିର। ମୁଁ ଜ୍ୱରାକ୍ରାନ୍ତ ହେବା ମାତ୍ରକେ ବାପାଙ୍କ ଚିନ୍ତା ବଢିଯାଏ। ବାପା ମା ଦୁଇଜଣ ରାତିସାରା ଜାଗ୍ରତ ରହି ବାରମ୍ବାର ଓଦା ଗାମୁଛାରେ ପୋଛି ଦେଉଥାନ୍ତି ଆପାଦମସ୍ତକ। ପିତାମହ ଥରକୁ ଥର ଆସି ମୋର କପାଳକୁ ସ୍ପର୍ଶ କରୁଥାନ୍ତି ଓ ନାଡି ଛୁଇଁ ପର୍ଯ୍ୟବେକ୍ଷଣ କରୁଥାନ୍ତି ମୋର ଅବସ୍ଥା ଉଦବିଗ୍ନ ଚିତ୍ତରେ। ମୁଁ ସୁସ୍ଥ ହୋଇଗଲେ ସାରା ପରିବାରରେ ଖେଳିଯାଏ ଉଲ୍ଲାସର ତରଙ୍ଗ।

**ଏକ ପକ୍ଷର ଜ୍ୱର-ଯନ୍ତ୍ରଣା : ଅସ୍ଥିର ଅସହାୟତା**

ବରପାଲି ହାଇସ୍କୁଲରେ ସେତେବେଳେ ମୁଁ ପଢୁଥାଏ ଅଷ୍ଟମ ଶ୍ରେଣୀରେ। ହଠାତ ଜ୍ୱରାକ୍ରାନ୍ତ ହୋଇ ପଡିଲି। ହୁଏତ ଦୁଇଚାରି ଦିନ ମଧ୍ୟରେ ସୁସ୍ଥ ହୋଇଯିବି ଅନ୍ୟଥର ଭଳି -ଏପରି ଭାବନା ସମସ୍ତଙ୍କ ମନରେ ରହିବା ଥିଲା ସ୍ୱାଭାବିକ। କିନ୍ତୁ ଅବସ୍ଥା ଧୀରେ ଧୀରେ ହୋଇ ଉଠିଲା ଅଣାୟତ୍ତ। ଜ୍ୱର ହେବା ମାତ୍ରକେ ବାନ୍ତି ହେବା ଥିଲା ନିଶ୍ଚିତ। ମାତ୍ର ସେଇ ଥରର ବାନ୍ତି କି ଭୟଙ୍କର!! ବରପାଲିରେ ଡାକ୍ତର ଧୀରେନ୍ଦ୍ରନାଥ ମୁଣ୍ଡ ମୋତେ ଦେଖୁଥାନ୍ତି। ଅନେକ ଥର ତାଙ୍କ ଚିକିତ୍ସାରେ ଆରୋଗ୍ୟ ଲାଭ କରିଛି। ସେଥର ଅବସ୍ଥା ଆହୁରି ବିଗିଡ଼ିବାରେ ଲାଗିଥାଏ। ଦିନକୁ ୧୦/୧୨ ଥର ବାନ୍ତି କରି କରି ଦୁର୍ବଳ ହୋଇଗଲି। ପୂଜ୍ୟ ପିତାମହ ଏହା ଦେଖି ବୁର୍ଲା ନେଇଯିବାକୁ ଆଦେଶ ଦେଉଥାନ୍ତି ବାପାଙ୍କୁ। କହୁଥାନ୍ତି :ଜମି ବାଡ଼ି ବିକ୍ରି କରିଦିଅ ପଛକେ, ବାବୁକୁ ଶୀଘ୍ର ନେଇଯାଅ ବୁର୍ଲା। ବାପା ମଧ୍ୟ ଦେଖିଲେ ଅନ୍ୟ ଉପାୟ କିଛି ନାହିଁ। ବୁର୍ଲା ଯିବା ପାଇଁ ଗାଡ଼ି ଆସି ଠିଆ ହେଲା ଘର ଆଗରେ। ବାପା, ମା, ପିଉସୀ, ବଡ଼ ବଡବାପା ଓ ମହେନ୍ଦ୍ର ଦାଦା ଗଲେ ମୋ ସହ।

**ବରଗଡ଼ : ଡାକ୍ତର ଯୋଗେଶ୍ୱର ରଥଙ୍କ ଚିକିତ୍ସାଳୟ**

ସେ ସମୟରେ ହଠାତ ଏକ ଖବର ଆସି ପହଁଚିଲା ଯେ, ବରଗଡ଼ରେ ଅଛନ୍ତି ଆମେରିକାରୁ ଶିକ୍ଷାର୍ଜନ କରି ଫେରିଥିବା ଜଣେ ଶିଶୁରୋଗ ବିଶେଷଜ୍ଞ। ତାଙ୍କ ପାଖକୁ ଗଲେ ନିଶ୍ଚୟ କିଛି ସୁଫଳ ମିଳିପାରେ। ଆମ ଗାଡ଼ି ଯାଇ ଲାଗିଲା ଡାକ୍ତର ଯୋଗେଶ୍ୱର ରଥଙ୍କ କ୍ଲିନିକରେ। ମୁଁ ତ ଡାକ୍ତର ବାବୁଙ୍କୁ ଭଲ ଭାବରେ ଦେଖିବା ବି ସମ୍ଭବ ନଥିଲା। ସେ ମୋତେ ଅବିଳମ୍ବେ ତାଙ୍କ କ୍ଲିନିକରେ ଆଡମିଟ କଲେ। ତା ସହିତ ଆରମ୍ଭ ହେଲା ସାଲାଇନ ଓ ଇଞ୍ଜେକ୍ସନ। ଦିନେ ଦୁଇଦିନ ମଧ୍ୟରେ ଫେରି ଆସିବାର ସମ୍ଭାବନା ନଥାଏ। ରହିଲୁ ପାଞ୍ଚ ଦିନ ବ୍ୟାପୀ। ପ୍ରତ୍ୟେକ ଦିନ ସାଲାଇନ ଦେବା ସଂଗେ ସଂଗେ ଇଞ୍ଜେକ୍ସନ ଚାଲିଥାଏ। ଡାକ୍ତର ରଥ ଯେତେବେଳେ ଭିଜିଟିଂ ଆୱାରରେ ଆସନ୍ତି ତାଙ୍କ ମଧୁର ସମ୍ବୋଧନ ଶୁଣି ସାମାନ୍ୟ ପୁଲକିତ ହୋଇଯାଏ ଭିତରେ ଭିତରେ। ଘରେ ମୋତେ ସମସ୍ତେ ଡାକନ୍ତି ବାବୁ। ଏଇ ସମ୍ବୋଧନ ଡାକ୍ତର ବାବୁଙ୍କ କଣ୍ଠରେ ଯେତେବେଳେ ଉଚ୍ଚାରିତ ହେଲା, ମନେହେଲା ସତେ କି ସେ ଆମ ପରିବାରର

କେହି ହିତାକାଂକ୍ଷୀ ଆତ୍ମୀୟ, ଗୁରୁଜନ। ସେ ମୋ ପାଖକୁ ଆସି ସ୍ନେହପୂର୍ଣ ଆଖିରେ ଅନାନ୍ତି। ବାପା ଗୋଟିଏ କାଗଜରେ ଟିପି ରଖିଥାନ୍ତି ଟିକିନିଖି ମୋର ଅବସ୍ଥା। ଡାକ୍ତର ବାବୁଙ୍କୁ ତାହା ବଢ଼ାଇ ଦିଅନ୍ତି। ଡାକ୍ତର ଅତି ଧ୍ୟାନ ସହକାରେ ପଢ଼ନ୍ତି ତାହା। ତାଙ୍କ ଚିକିତ୍ସାଧୀନ ହୋଇ କ୍ରମଶଃ ସୁସ୍ଥ ଅନୁଭବ କଲି। ଜ୍ୱର ବାନ୍ତି ଆଦି ବ୍ୟାଧି-ପିଶାଚ ସତେ କି ବରଦାନ ଦେଇ ସାରି ବିଦାୟ ନେଲେ। ପାଞ୍ଚଦିନ ପରେ ସୁସ୍ଥ ହୋଇ ଫେରିଲି ଘରକୁ। ଶାରୀରିକ ଦୁର୍ବଳତା ତଥାପି ରହିଥାଏ। ଠିକ ଭାବରେ ଖିଆପିଆ କଲେ ସମ୍ପୂର୍ଣ୍ଣ ଭଲ ହୋଇଯିବି -ଏହି ବିଶ୍ୱାସ ଅନ୍ତରରେ ଭରି ଦେଇଥିଲେ ଡାକ୍ତର ଯୋଗେଶ୍ୱର ରଥ।

**ଜଣ୍ଡିସ ପାଇଁ ସତର୍କତା : ଚିକିତ୍ସା ଅବ୍ୟାହତ**

ଯେଉଁ ଗମ୍ଭୀର ଅସୁସ୍ଥତା ଭୋଗ କଲି ଏତେ ଦିନ ଧରି ତାର କାରଣ ନିର୍ଦ୍ଧାରଣ କରି ଦେଇଥିଲେ ଡକ୍ଟର ରଥ। ପରେ ଜାଣିଲି ଯେ ମୁଁ ଜଣ୍ଡିସ ଆକ୍ରାନ୍ତ। ସେଇ ଦୃଷ୍ଟିରୁ ମୋତେ କେବଳ ଦିଆଯାଉଥାଏ ସିଝା ଖାଦ୍ୟ। ବାପା ମା ସର୍ବଦା ସତର୍କ ଦୃଷ୍ଟି ରଖିଥାନ୍ତି ଯେପରି ବାହାର ଖାଦ୍ୟ ପ୍ରତି ମୁଁ ପ୍ରଲୋଭିତ ନ ହୁଏ। ପ୍ରତି ୧୫ ଦିନରେ ମାସକରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ବାପା ନେଇ ଯାଆନ୍ତି ମୋତେ ବରଗଡ଼। ପ୍ରତିଟି ଥର ଯିବାବେଳେ ଲକ୍ଷ୍ୟ କରିଛି କି ସ୍ନେହରେ ସେ ସମ୍ବୋଧନ କରନ୍ତି ବାବୁ ବୋଲି। ନିୟମିତ ଔଷଧ ଖାଇ ଓ କଟକଣା ମଧ୍ୟରେ ରହି ମୁଁ ଜଣ୍ଡିସର ପ୍ରଭାବରୁ ମୁକ୍ତ ହୋଇଥିଲି।

**ଡାକ୍ତର ଯୋଗେଶ୍ୱର ରଥ :ଈଶ୍ୱର ପ୍ରେରିତ ଚିକିତ୍ସକ**

ପୃଥିବୀରେ ଡାକ୍ତରମାନଙ୍କ ଅଭାବ ନାହିଁ। ତେବେ ନିର୍ଦ୍ଦିଷ୍ଟ କେତେଜଣ ଚିକିତ୍ସକ ଯେ, ଈଶ୍ୱର ପ୍ରେରିତ ହୋଇ ଆସିଥାନ୍ତି, ଏଥିରେ ସନ୍ଦେହ ନାହିଁ। ଶ୍ରୀଯୁକ୍ତ ରଥଙ୍କ ହୃଦୟ ଗଠିତ ହୋଇଥିଲା ସ୍ନେହଶୀଳତାର ମଧୁର ଉପାଦାନରେ। ସେ ଜୀବିକା ନିର୍ବାହ ସକାଶେ ଯେ କେବଳ କ୍ଲିନିକ ଖୋଲିଥିଲେ, ତାହା ନୁହେଁ।ଶିଶୁମାନଙ୍କ ପ୍ରତି ତାଙ୍କ ଅନ୍ତରରେ ଭରି ରହିଥିଲା ସ୍ୱତଃସ୍ଫୂର୍ତ୍ତ ବାତ୍ସଲ୍ୟ। ମୋ ସମ୍ପର୍କରେ ସେ ଆଉ ଅଧିକ ସଚେତନ ଓ ସ୍ନେହଶୀଳ ଥିଲେ ବୋଲି ଉପଲବ୍ଧି କରିଛି ବାରମ୍ବାର। ତାଙ୍କ ପାଖକୁ ଯେତିକି ବେଳେ ବି ଯାଇଛୁ ସେ ଆମ ପ୍ରତି ସ୍ୱତନ୍ତ୍ର ଶ୍ରଦ୍ଧା ପ୍ରକଟ କରନ୍ତି। ଚିକିତ୍ସାଳୟ ଭିତରେ ଥିବା ସୁସଜ୍ଜିତ ଡ୍ରଇଂ ରୁମରେ ଅପେକ୍ଷା କରିବାର ବ୍ୟବସ୍ଥା କରି ଦିଅନ୍ତି। ଭିଡ଼ କମିଯିବା ପରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝନ୍ତି ମୋ କଥା। ସ୍ନେହାତ୍ମକ ଦୃଷ୍ଟିରେ ତାଙ୍କର ପ୍ରସ୍ଫୁଟିତ ହୋଇ ଯାଉଥାଏ ଶୁଭ୍ର କାଶତଣ୍ଡି। ସିଧା ସଳଖ ସେ ଯେପରି ପ୍ରବାହିତ ହୋଇ ଆସିଛନ୍ତି ଗଙ୍ଗାଧାରା ପରି ମହାଦେବଙ୍କ ଶିରସ୍ଥ ଜଟା ମଧ୍ୟରୁ। ସେଥିପାଇଁ ତାଙ୍କ ନାମ ବି ହୋଇଛି ଯୋଗେଶ୍ୱର। ମୋ ପ୍ରତି ଡାକ୍ତରଙ୍କ ଗଭୀର ଆଦର ଲକ୍ଷ୍ୟ କରି କ୍ଲିନିକର ସମସ୍ତେ ଅନୁରୂପ ବ୍ୟବହାର ପ୍ରଦର୍ଶନ କରନ୍ତି। ମୋତେ ଇଞ୍ଜେକ୍ସନ ଦେଉଥିବା କମ୍ପାଉଣ୍ଡର, ଡାକ୍ତରଖାନାର ନର୍ସ ମାଉସୀମାନେ ଯେପରି ଶୁଭ୍ର ପୋଷାକ ପରିହିତ ସେପରି ଭଦ୍ରୋଚିତ ପରିମାର୍ଜିତ ବାର୍ତ୍ତାଳାପରେ ପ୍ରତୀତ ହୁଅନ୍ତି ଅତ୍ୟନ୍ତ ଘନିଷ୍ଠ ଓ ଅନ୍ତରଙ୍ଗ। ଏବେ ବି ସେମାନଙ୍କ କଥା ମନେ ପଡିଲେ, ଆଖି ଆଗରେ ଭାସି ଉଠୁଛି ଏକ

ପରେ ଏକ ସ୍ନେହାପ୍ଲୁତ ମୁଖମଣ୍ଡଳ ଓ ମମତାସିକ୍ତ ହସ ହସ ସଭାବ।

ଆଜି ଯେତେବେଳେ ମୁଁ ଭାବି ବସୁଛି ଡକ୍ଟର ରଥଙ୍କ ବିଷୟରେ ସେତେବେଳେ ମନରେ ପ୍ରଶ୍ନ ଉଠୁଛି :ସାର, ମୋ ପ୍ରତି କାହିଁକି ଏପରି ସ୍ୱତନ୍ତ୍ର ଶ୍ରଦ୍ଧା ପ୍ରକଟ କରୁଥିଲେ? ସେ ତ ସ୍ୱାଭାବିକ ଭାବରେ ଥିଲେ ଶିଶୁଅନୁରାଗୀ। ତେବେ ବି କେଉଁ କାରଣରୁ ସେ ସ୍ୱତନ୍ତ୍ର ଧ୍ୟାନ ଦେଉଥିଲେ ମୋ ପ୍ରତି?

ଉତ୍ତର ପାଇବାରେ ବିଳମ୍ବ ହୋଇନି। ସେ 'ମୋର' ଚିକିତ୍ସା କରୁ ନଥିଲେ। ସ୍ୱତନ୍ତ୍ର ଦୃଷ୍ଟି ଦେଉଥିଲେ ସ୍ୱଭାବ -କବି ଗଙ୍ଗାଧର ମେହେରଙ୍କ ପଣନାତି ପ୍ରତି। ପିତାମାତାଙ୍କ ଏଇ ଏକମାତ୍ର ସନ୍ତାନ ପ୍ରତି ସେ ଅନୁରାଗ ବିତରଣ କରୁଥିଲେ ଅପୂର୍ବ ଆନ୍ତରିକତାରେ।କବିଙ୍କ ଉତ୍ତର ଦାୟାଦକୁ ସୁସ୍ଥ ରଖିବା ଯେପରି ଥିଲା ତାଙ୍କର ଏକ ସାମାଜିକ ଦାୟିତ୍ୱ।

**'ଶିଶୁ 'ପୁସ୍ତକର ଲେଖକ :**

ବାପାଙ୍କୁ ଡକ୍ଟର ରଥ ସାର ଦେଇଥିଲେ ୨ଖଣ୍ଡ ପୁସ୍ତକ ଉପହାର। ସେଥିରୁ ଜାଣିଥିଲି ଯେ, ସାରଙ୍କ ପିତା ଜଗଦୀଶ ରଥ ଥିଲେ ଜଣେ ଆଦର୍ଶ ଶିକ୍ଷକ ଓ ଲେଖକ। ଝାପ୍ସା ଝାପ୍ସା ମନେ ପଡୁଛି ସେ ବହିଟିର ନାଁ କଣ ଥିଲା। ବୋଧହୁଏ ଆଲୋଚନା ମାଳା ବା ଏଇ ଭଳି କିଛି। ଆଉ ଖଣ୍ଡେ ବହି ସେ ଦେଇଥାନ୍ତି, ଯାହାର ନାମ ହେଉଛି ଶିଶୁ। ଏହା ତାଙ୍କ ନିଜ ଲେଖା। ଶିଶୁ ଜୀବନକୁ ଉପଯୁକ୍ତ ଭାବରେ ଗଠନ କରିବା ପାଇଁ ଶିକ୍ଷାପ୍ରଦ ବିଷୟ ସବୁ ବର୍ଣ୍ଣିତ ହୋଇ ରହିଛି ସେଥିରେ। ଦୁଇ ବହିର ଅନେକ ପୃଷ୍ଠା ପଢ଼ିଛି କେତେ ନିରୋଳା ମୁହୂର୍ତ୍ତରେ। ଅତି ଯତ୍ନର ସହ ଡକ୍ଟର ରଥଙ୍କ ସ୍ମୃତି ଭାବରେ ସାଇତି ରଖିଥିଲି ତାହା। ବରପାଲି ଘରେ ଏବେ ତାହା କେଉଁଠି ଥିବ ଜାଣେନା। ତେବେ ମୋର ସ୍ମୃତିର ଥାକରେ ତାହା ସ୍ୱତନ୍ତ୍ର ଭାବରେ ପ୍ରଦର୍ଶିତ ହେଉଛି, ଯାହାକୁ ସୁସ୍ପଷ୍ଟ ଭାବରେ ଦେଖି ପାରୁଛି। ଆକାଶୀରଙ୍ଗର ମଲାଟ ଉପରେ ଦୁଇଟି ପ୍ରିୟ ଅକ୍ଷର –'ଶିଶୁ'।

**ଗଙ୍ଗାଧର ଜୟନ୍ତୀରେ ମୁଖ୍ୟ ଅତିଥି :**

ଡକ୍ଟର ରଥ ଥିଲେ ଏକାନ୍ତ ସାହିତ୍ୟାନୁରାଗୀ। ଗଙ୍ଗାଧର ସାହିତ୍ୟ ପ୍ରତି ତାଙ୍କର ଭାବ -ସମ୍ପର୍କ ଥିଲା ମଧ୍ୟ ଆନ୍ତରିକ। ବୋଧହୁଏ ମୁଁ ଦଶମ ଶ୍ରେଣୀର ଛାତ୍ର ଥାଏ। କବି ଭବନରେ ଆୟୋଜିତ ଜୟନ୍ତୀ ତିଥିରେ ସେ ଆସିଥାନ୍ତି ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରିତ ହୋଇ। ଆମ ପରିବାରରେ ଆନନ୍ଦର ଢେଉ ଖେଳିଯାଏ।ବାପା ସାରଙ୍କୁ ନିମନ୍ତ୍ରଣ କରିଥାନ୍ତି ସପରିବାର ଆମ ଗୃହକୁ ଆସିବା ପାଇଁ। ତେଣୁ ସାର, ମାଡାମ ଓ ତାଙ୍କର ପ୍ରାୟ ୪ ବର୍ଷ ବୟସର ଶିଶୁପୁତ୍ରଙ୍କୁ ଦେଖି ଆନନ୍ଦରେ ପୂର୍ଣ୍ଣ ହୋଇ ଯାଇଥିଲା ହୃଦୟ। ସେ ଦିନ ବାହାରେ ରଖୋ ରଖୋ ବର୍ଷା। ଲାଗିଲା, ତାହା ମୋ ଅନ୍ତରର ଉଲ୍ଲସିତ ପ୍ରକାଶ। ଯେଉଁ କିଛି ମୁହୂର୍ତ୍ତ ସେ ସପରିବାର ରହିଲେ ଆମ ସହ, ତାହା ସ୍ମୃତିର ସମ୍ପଦ ହୋଇ ରହିଛି।

**ଡାକ୍ତର ରଥଙ୍କ ଆମେରିକା ଯାତ୍ରା: ଅବ୍ୟକ୍ତ କୋହ**

ମୁଁ ବରପାଲି କଲେଜରେ ଆଇ. ଏ ଶ୍ରେଣୀର ଛାତ୍ରଥିଲି। ବି. ଏ ମଧ୍ୟ ସେଠାରେ ପଢିଥାନ୍ତି। ମାତ୍ର ମୋର ଲକ୍ଷ୍ୟ ଥାଏ ଓଡ଼ିଆରେ ଅନର୍ସ ନେଇ ପଢ଼ିବା ପାଇଁ। ବରପାଲି କଲେଜରେ ଓଡ଼ିଆ ଅନର୍ସ କ୍ଲାସ

ପାଇଁ ଅନୁମତି ମିଳି ନଥାଏ। କେବଳ ଇତିହାସ ଓ ରାଜନୀତି ବିଜ୍ଞାନରେ ଅନର୍ସ କ୍ଲାସ ଆରମ୍ଭ ହେଲା ସେଇ ବର୍ଷ। ମୋତେ ତେଣୁ ଆସିବାକୁ ପଡିଲା ବରଗଡ଼ ପଂଚାୟତ କଲେଜକୁ। ସେହି ସମୟରେ ଜାଣିବାକୁ ପାଇଥିଲି ବାପାଙ୍କ ଠାରୁ ଯେ, ଡକ୍ଟର ରଥ ସାର ଆମେରିକା ଯାଇଛନ୍ତି। ଦେଖିଲି ମୋ ଛାତି ଭିତରେ ୧୩/୧୪ବର୍ଷ ବୟସର କିଶୋରଟିଏ ନିଜ କୋହ ସମ୍ଭାଳି ପାରୁନାହିଁ। ସେ ବେଳରେକିଅସହାୟତାଅନୁଭୂତହୋଇଥିଲାତାହା ପ୍ରକାଶ କରିବାର ସାମର୍ଥ୍ୟ ଏ ପର୍ଯ୍ୟନ୍ତ ପାଇନାହିଁ। ବରଗଡ଼ରେ ରହୁଥିବା ବେଳେ କେତେ ଥର ଯିବା ଆସିବା କରିଛି ଡକ୍ଟର ରଥଙ୍କ ଚିକିତ୍ସାଳୟ ମଧ୍ୟ ଦେଇ। ଖୁବ କରୁଣ ଦୃଷ୍ଟିରେ ଅନାଏ ପ୍ରତିଟି ଅଂଶକୁ। ଯେଉଁ ପ୍ରକୋଷ୍ଠ ମଧ୍ୟରେ ରହିଥିଲି ଚିକିତ୍ସା ପାଇଁ ତାହାକୁ ଅନାଇ ଦେବା କ୍ଷଣି ରହିଯାଏ ସ୍ତବ୍ଧ ହୋଇ। ନିଜ ଆଖିରେ ଦେଖିଛି କୋଠରୀଟି ଦିଶୁଛି କି ନିଶାଖା! କି ବ୍ୟଥାଭରା!! ମୁଁ ତାକୁ ସାନ୍ତ୍ୱନା ଦେବି ନା ସେ ମୋତେ ବୁଝାଇବ? ଦୁହେଁ ଆମେ ନିର୍ଜନ ସନ୍ଧ୍ୟାରେ ଅନେକ ଥର ହୋଇଛୁ ଏକାଠି। ସାର କେଉଁଠି ବସି ମୋତେ ଦେଖୁଥିଲେ, କେଉଁଠି ଥିଲା ମେଡ଼ିସିନ ଷ୍ଟୋର ତାହା ଦେଖିଲା ବେଳକୁ ପାଦ ବାରମ୍ବାର ଅଟକି ଯାଏ। ଶୁଣି ପାରେ ସମଗ୍ର ଅଞ୍ଚଳଟି ଚାପା କ୍ରନ୍ଦନ ଧ୍ୱନିରେ କେତେ ଉଦାସ, କେତେ ନିରାଶ୍ରୟ !! ଅଧିକ ବେଳ ସେଇ ଗହନ ନିସ୍ତବ୍ଧତା ମଧ୍ୟରେ ରହି ପାରେ ନାହିଁ। ଧୀର ଧୀରେ ଗୋଟିଏ ପରେ ଗୋଟିଏ ପାଦ ଆଗକୁ ପକାଏ। ଷ୍ଟ୍ରିଟ ଲାଇଟ ସବୁ ଦେଖାଯାନ୍ତି କେତେ ନିଷ୍ପ୍ରଭ। ସାରା ପରିବେଶ ମନେ ହୁଏ ଧୂମାଭ।

## ଶ୍ରଦ୍ଧାକର ସୂପକାରଙ୍କ ଆମେରିକା ଅନୁଭୂତି ବହି :

ବିଶିଷ୍ଟ ଲେଖକ ତଥା ଜନନାୟକ ଶ୍ରଦ୍ଧାକର ସୂପକାରଙ୍କ ଦ୍ୱାରା ରଚିତ 'ଆମେରିକା ଅନୁଭୂତି' ପଢ଼ିବାର ସୁଯୋଗ ପାଇଲି ବରପାଲି କଲେଜରେ ଅଧ୍ୟାପନା କାଳରେ। ହଠାତ ଗୋଟିଏ ପୃଷ୍ଠାରେ ଆଖି ଅଟକିଯାଏ। ଶ୍ରୀଯୁକ୍ତ ସୂପକାର ଆମେରିକା ଭ୍ରମଣ କଲାବେଳେ ଡକ୍ଟର ରଥ ସାରଙ୍କ ସହ ସାକ୍ଷାତ କରିଛନ୍ତି। ରଥ ସାର ଆମେରିକାର ସ୍ଥାୟୀ ନାଗରିକତା ଗ୍ରହଣ କରି ସାରିଥିଲେ। ସେ ତାଙ୍କ ଘର ଠାରୁ ଅନେକ ଦୂରରେ କିପରି ଏକ ବୃହତ ଉଦ୍ୟାନ କରିଛନ୍ତି ଓ ମଧ୍ୟରେ ମଧ୍ୟରେ ଅବସର ସମୟ କିପରି ଉକ୍ତ ସ୍ଥାନରେ ନିର୍ବାହ କରନ୍ତି ତା'ର ବର୍ଣ୍ଣନା କରିଛନ୍ତି ସରଳ ଓ ଅକୃତ୍ରିମ ଭାବରେ। ସେଇ ଗୋଟିଏ ଦୁଇଟି ପୃଷ୍ଠା ମଧ୍ୟରେ ଥରକୁ ଥର ମୁଁ ହଜାଇ ଦିଏଁ ନିଜକୁ । ଲାଗେ, ସତେ ଯେମିତି ଆମେରିକା ମାଟିରେ ରଥ ସାରଙ୍କ ତତ୍ତ୍ୱାବଧାନରେ ରହିବା ପାଇଁ ମୁଁ ପହଞ୍ଚି ଯାଇଛି।


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି :


ସମ୍ପ୍ରତି ଆଧୁନିକ ବୈଷୟିକ ଜ୍ଞାନ କୌଶଳରେ ନିର୍ମିତ ଗୁଗୁଲ ସହାୟତାରେ ସମଗ୍ର ବିଶ୍ୱର କେତେ କେତେ ଅଜଣା ତଥ୍ୟ ଅନ୍ୱେଷଣ କରାଯାଉଛି। ସେହି ଧାରାରେ ମୁଁ ସନ୍ଧାନ ପାଇଲି ଡକ୍ଟର ରଥଙ୍କ ବିଷୟରେ। ଯେତିକି ହେଲି ଆହ୍ଲାଦିତ, ସେତିକି ପୁଣି ମର୍ମାହତ। ସାର ଯେ ଆଉ ସଶରୀରେ ନାହାନ୍ତି, ଏହା ଜାଣିବା ପରେ ବିମର୍ଷତା ଆଚ୍ଛନ୍ନ କରି ରହିଲା କେତେବେଳ ପର୍ଯ୍ୟନ୍ତ। ତାଙ୍କ ପରିଣତ ବୟସର ଫୋଟୋଗ୍ରାଫ ଦେଖିଲି ଧ୍ୟାନସ୍ଥ ହୋଇ। ତା'ଭିତରେ ଖୋଜୁଥିଲି

ଅର୍ଦ୍ଧଶତାବ୍ଦୀ ପୂର୍ବର ଡକ୍ଟର ରଥଙ୍କ ତରୁଣ କାନ୍ତି ମଧ୍ୟରେ ଫୁଟିଉଠୁଥିବା ଅନାବିଳ ସ୍ନେହଶୀଳତାର ଆଭା। ତାଙ୍କ ମଧୁର କଣ୍ଠରୁ ଭାସି ଆସୁଥିଲା- 'ବାବୁ!!ମଣୀନ୍ଦ୍ର!! ଏବେ ଦେହ ଭଲ ଅଛି ତ?'

ସେଇ କୋମଳ ଶବ୍ଦ-ସ୍ପର୍ଶରେ ଆଖିର ଘାସଫୁଲ ଉପରେ ଝରି ପଡୁଥିଲା ବିନ୍ଦୁ ବିନ୍ଦୁ ସ୍ୱଚ୍ଛ ଶିଶିରକଣା। ଡକ୍ଟର ରଥଙ୍କ ଉଦ୍ଦେଶ୍ୟରେ ତାହା ହିଁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

ଗଙ୍ଗାଧର-ଶାନ୍ତା-ସଦନ
କଳିଙ୍ଗ ବିହାର, ଭୁବନେଶ୍ୱର
ମୋ -୯୯୩୭୩୭୫୬୯୮



# ଜୀବନର ଚଲାପଥରେ ସାଇକେଲ

ଡକ୍ଟର ଦିଗରାଜ ବ୍ରହ୍ମା





ଯେତେବେଳେ ମୋତେ ପାଞ୍ଚ ଛଅ ବର୍ଷ ହୋଇଥିଲା ,ସେ ସମୟରେ ଆମ ଗ୍ରାମରେ ପ୍ରାୟ ତିନି -ଚାରୋଟି ସାଇକେଲ ଦେଖିବାର ସୁଯୋଗ ପାଇଥିଲି । ବାପା ମୋତେ ବିଭିନ୍ନ ସମୟରେ କଥା ପ୍ରସଙ୍ଗରେ କହୁଥିଲେ ," ଗିରିଆନା ( ସ୍ୱର୍ଗତ ଗିରିଧାରୀ ପଣ୍ଡା ) ହେଉଛନ୍ତି ଆମ ଗ୍ରାମର ପ୍ରଥମ ମାଟ୍ରିକୁଲେଟ । ତାଙ୍କ ପରୀକ୍ଷା ଫଳ ବାହାରିଲା ପରେ ତାଙ୍କୁ ଆଖ ପାଖ ଅଞ୍ଚଳରୁ ଦଶଖଣ୍ଡ ମୌଜାର ଲୋକ ଦେଖିବାକୁ ଆସିଥିଲେ । ସେମିତି ତାଙ୍କ ପାଇଁ ଯେଉଁଦିନ ନୂଆ ସାଇକେଲଟିଏ ଆସିଥିଲା, ସେ ଦିନ ସେ ସାଇକେଲକୁ ଦେଖିବାକୁ ତାଙ୍କ ଘର ଆଗ ଗାଁ ଦାଣ୍ଡରେ ବହୁତ ଭିଡ଼ ଲାଗିଥିଲା । ସାଇକେଲଟି ଯେ , ସେ ସମୟରେ ବଡ଼ ଯାନଟିଏ ଥିଲା ଓ ଲୋକଙ୍କ ଅପହଁଞ୍ଚରେ ଥିଲା ତାହା ମୋ ଆଗରେ ବାପା କହିଲା ବେଳେ ଶିଶୁ ମନ ଓ ହୃଦୟ ଆପେ ଆପେ ରୋମାଞ୍ଚିତ ହୋଇଉଠୁଥିଲା ।

ପିଲାବେଳେ ଆମକୁ ପ୍ରାୟ ପାଞ୍ଚ ଛଅ କିଲୋମିଟର ଚାଲି ଚାଲି ଯାଇ ପାଠ ପଢ଼ିବାକୁ ପଡୁଥିଲା । ଘରେ ଅଭିଭାବକ ମାନଙ୍କ ଆର୍ଥିକ ସ୍ଥିତି ସେତେ ଭଲ ନ ଥିଲା । ସେମାନଙ୍କର ତ ସାଇକେଲ ନ ଥିଲା । ସେମାନେ ଆଉ ଯାତାୟାତ ନିମନ୍ତେ ପିଲାମାନଙ୍କୁ କ'ଣ ସାଇକେଲ କିଣିଦେଇ ପାରିବେ ?

ଏମିତି ମୁଁ ଚାଲି ଚାଲି ନିମ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପାଠପଢା ସାରିଦେଲି । ୧୯୬୬ ମସିହାରେ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପ୍ରତିଷ୍ଠିତ ଛତିଆ ନିକଟବର୍ତ୍ତୀ ଗାନ୍ଧି ଶିକ୍ଷାଶ୍ରମ , ଚମ୍ପାପୁର ଉଚ୍ଚବିଦ୍ୟାଳୟରୁ ମାଟ୍ରିକ ପାଶ କଲା ପରେ ରେଭେନ୍ସା ମହାବିଦ୍ୟାଳୟରେ ପ୍ରାକ୍-ବିଶ୍ୱବିଦ୍ୟାଳୟ ସ୍ତର ପାଠ ପଢ଼ିବା ନିମନ୍ତେ ନାମ ଲେଖାଇଲି । ରେଭେନ୍ସା ମହାବିଦ୍ୟାଳୟର

ଦୂରତ୍ୱ ଇତିହାସ ପ୍ରସିଦ୍ଧ ଜଳୌକା ପାହାଡ଼ ନିକଟରେ ଅବସ୍ଥିତ ରୁଦ୍ରପୁର ଗ୍ରାମ ମଧ୍ୟରେ ପ୍ରାୟ ୫୭ କିଲୋମିଟର । ଏଇ ଦୂରତ୍ୱ ଯୋଗୁ ମତେ ବାଧ୍ୟହୋଇ ରେଭେନ୍ସା ମହାବିଦ୍ୟାଳୟର ପୂର୍ବ ଛାତ୍ରାବାସର ଜଣେ ଅନ୍ତେବାସୀ ହୋଇ ରହିବାକୁ ପଡିଥିଲା । ଏହି ଛାତ୍ରାବାସରେ ମୁଁ ୧୯୬୬ ରୁ ୧୯୭୦ ମସିହା ପର୍ଯ୍ୟନ୍ତ ଅର୍ଥାତ୍ ବି.ଏ. ପାଶ କରିବା ପର୍ଯ୍ୟନ୍ତ ରହିଥିଲି ।

ସେ ସମୟରେ ମୋ କକେଇ କଟକରେ ରହୁଥିଲେ । ସେ ମୋର ସ୍ଥାନୀୟ ଅଭିଭାବକ ଥିଲେ । କଟକର ଚାନ୍ଦିନୀଚୌକ ନିକଟବର୍ତ୍ତୀ ଜଗନ୍ନାଥ ବଲ୍ଲଭ ଅଞ୍ଚଳରେ ରହୁଥିଲେ । ଏହାର ଦୂରତା ରେଭେନ୍ସା କଲେଜ ଛକଠାରୁ ପ୍ରାୟ ୬- ୭ କିଲୋମିଟର ଥିଲା । ମୋତେ ମଝିରେ ମଝିରେ ସେଠାକୁ ଯିବାକୁ ପଡୁଥିଲା ।

ଏଇ ସମୟରେ ମୋର ଏକ କବିତା ପୁସ୍ତକ "ପ୍ରଭାତୀ ତାରା" କଲେଜ ଛକର ଜଣେ ପ୍ରକାଶକ ଆଳିସାବଜାରର ଏକ ପ୍ରେସରେ ଛପାଇବାକୁ ଦେଇଥିଲେ। ମୋତେ ମଝିରେ ମଝିରେ ସେଠାକୁ ଯାଇ ପ୍ରୁଫ୍ ସଂଶୋଧନ ଓ ଛପାକାମ ଦେଖିବାକୁ ପଡ଼ିଲା । ସେଥିପାଇଁ ଏକ ସାଇକେଲର ଆବଶ୍ୟକତାମୁଁଅନୁଭବକଲି।ମାତ୍ରସାଇକେଲଟିଏ ମୋତେ କିଏ କିଣି ଦେବ ?

ଥରେ ଛୁଟିରେ ଗାଆଁକୁ ଯାଇଥିଲି । ସୁବିଧା ସୁଯୋଗ ଦେଖି ବୋଉକୁ ସାଇକେଲଟିଏ କିଣିଦେବାକୁ କହିଲି । ତା'ର ଆବଶ୍ୟକତା ମଧ୍ୟ ଥ ଥ ମ ମ ହୋଇ କହିଲି । ସେ କ'ଣ ଭାବିଲା କେଜାଣି, ମୁଁ ଘରୁ କଲେଜ ଅଭିମୁଖେ ଫେରିଲା ବେଳେ ସାଇକେଲ କିଣିବା ନିମନ୍ତେ ଆପେ ଯାଚି ଅଶୀ ଟଙ୍କା ଦେଲା । କହିଲା," ରାଲି (Raleigh)କମ୍ପାନିର ସାଇକେଲଟିଏ କିଣିବୁ ।"

ବୋଉ ଯେ ,ସାଇକେଲ କିଣିବାକୁ ପଇସା ଦେବ ଏ କଥା ମୁଁ ଭାବି ପାରି ନଥିଲି । ସେ ସମୟରେ ୧୮୮୭ ରେ ବିଲାତରେ ପ୍ରତିଷ୍ଠିତ ରାଲି କମ୍ପାନିର ସାଇକେଲର ମର୍ଯାଦା ସମଗ୍ର ବିଶ୍ୱରେ ଥିଲା ସ୍ୱତନ୍ତ୍ର । ଏଇ ବ୍ରାଣ୍ଡର ସାଇକେଲଟି ଚଢୁଥିବା ବ୍ୟକ୍ତିର ମଧ୍ୟ ସାମାଜିକ ସମ୍ମାନ ଯଥେଷ୍ଟ ଥିଲା ।

ସେ ଯାହା ହେଉ, ବୋଉଠାରୁ ଟଙ୍କା ପାଇ ଶୀଘ୍ର କଟକ ଫେରି ଆସିଲି । ସିଧା ବାଲୁବଜାର ଯାଇ ରାଲି ସାଇକେଲଟିଏ କିଣି ଇଷ୍ଟ ହଷ୍ଟେଲକୁ ଫେରି ଆସିଲି । କଟକ ଭିତରରେ ଯେତେବେଳେ ଯେଉଁଠିକି ଯିବାକୁ ଦରକାର ପଡ଼ିଲା ଯିବା ସହଜ ହେଲା । ମଝିରେ ମଝିରେ ଗାଆଁକୁ ଆସିବା ମଧ୍ୟ ସହଜ ହେଲା । ମୋର ସାହିତ୍ୟିକ ଜୀବନର ଉନ୍ମେଷ ଓ ବିକାଶରେ ଏଇ ସାଇକେଲର ଆବେଗିକ ଯୋଗଦାନ ସାହାଯ୍ୟ କଲା ।

ସାଇକେଲ ଥିବା ହେତୁ ମୁଁ ୧୯୬୮ ରୁ ୧୯୭୦ ମସିହା ପର୍ଯ୍ୟନ୍ତ କଟକସ୍ଥିତ ପ୍ରଜାତନ୍ତ୍ର ପ୍ରଚାର ସମିତିର ବିଷୁବ ମିଳନ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ଠିକ୍ ସମୟରେ ହଷ୍ଟେଲକୁ ଫେରି ଆସିପାରୁଥିଲି , ଆଳିସା ବଜାର ଯାଇ ମୋ ରଚିତ ପୁସ୍ତକର ପ୍ରୁଫ ସଂଶୋଧନ କରି ପାରୁଥିଲି । ଏତଦ୍ ବ୍ୟତୀତ ଛୁଟି ଦିନରେ ସାଙ୍ଗସାଥୀଙ୍କ ଘରକୁ ମଧ୍ୟ ଯାଇ ପାରୁଥିଲି ।

ସବୁଠାରୁ ବଡ଼ କଥା ହେଲା ମୁଁ ଯେତେବେଳେ ୧୯୬୯ ମସିହାରେ ରେଭେନ୍ସା ମହାବିଦ୍ୟାଳୟର ପୂର୍ବ ଛାତ୍ରାବାସ ମୁଖପତ୍ର "ଜାଗରଣ"ର ସମ୍ପାଦକ ହେଲି, ସେ ସମୟରେ ଜାଗରଣର ସମ୍ପାଦନା କାର୍ଯ୍ୟରେ ମୋତେ ଅନେକ ସମୟରେ କଟକର ଭାଷାକୋଷଲେନ୍ ସ୍ଥିତ ପୌରୁଷ ପ୍ରେସକୁ ଯାଆସ କରିବାକୁ ପଡ଼ୁଥିଲା । ଏଇ ସାଇକେଲ ହିଁ ସେତେବେଳେ ମୋର ଏକମାତ୍ର ଗମନାଗମନର ମାଧ୍ୟମ ଥିଲା ।

ସେ ସମୟରେ " ପୌରୁଷ"ର ପ୍ରତିଷ୍ଠାତା ସମ୍ପାଦକ ଥିଲେ ବିଶିଷ୍ଟ ସାହିତ୍ୟିକ ଜାନକୀ ବଲ୍ଲଭ ପଟ୍ଟନାୟକ । ସାହିତ୍ୟ ପ୍ରତି ମୋର ଅଭିରୁଚି ଦେଖି ଜାନକୀବାବୁ ଅନେକ ସମୟରେ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ମୋ ସହିତ ଆଲୋଚନା କରୁଥିଲେ । ବିଭିନ୍ନ ସମୟରେ କହୁଥିଲେ ଯେ, ଆମ ସମୟରେ ସେକ୍ ମତଲୁବ୍ ଅଲ୍ଲି ପଶ୍ଚିମ ଛାତ୍ରାବାସ ମୁଖପତ୍ର "ଉର୍ମି" ର ସମ୍ପାଦକ ଥିଲେ । ତାଙ୍କର ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଯୁବ ବୟସରୁ ପ୍ରଗାଢ଼ ଅନୁରକ୍ତି ରହିଥିଲା ବୋଲି ପଟ୍ଟନାୟକ ମହୋଦୟ ଅନେକ ସମୟରେ ମୋ ସହିତ ଆଲୋଚନା ପ୍ରସଙ୍ଗରେ କହୁଥିଲେ ।

" ଜାଗରଣ"ର ସମ୍ପାଦକ ଥିଲା ବେଳେ ଦିନେ ମୋ ମୁଣ୍ଡକୁ ଏକ ଅଦ୍ଭୁତ ଖିଆଲ ଜୁଟିଲା ।

ମୁଁ ଜାଣିଥିଲି ଯେ , ୧୯୨୧ ମସିହାରେ ଜାଗରଣର ପ୍ରଥମ ସମ୍ପାଦକ ଥିଲେ ସବୁଜ ଯୁଗର କବି କାଳିନ୍ଦୀ ଚରଣ ପାଣିଗ୍ରାହୀ। ମୋର ପୂର୍ବବର୍ତ୍ତୀ କେତେକ ସମ୍ପାଦକ ଜାଗରଣର ବାର୍ତ୍ତା ବିଭାଗରେ ତତ୍କାଳୀନ ରାଷ୍ଟ୍ରପତି, ରାଜ୍ୟପାଳ ଆଦିଙ୍କ ବାର୍ତ୍ତା ଦେଉଥିଲେ । ମୁଁ ଭାବିଲି , ଯଦି ମୁଁ ଜାଗରଣର ପ୍ରଥମ ସମ୍ପାଦକଙ୍କର ବାର୍ତ୍ତାଟିଏ ଦେଇପାରିବି, ତେବେ ହୁଏତ ତାହା ରେଭେନ୍ସାର ବୌଦ୍ଧିକ ମହଲରେ ଆଦୃତ ହେବ । ତେବେ କବି ପାଣିଗ୍ରାହୀଙ୍କୁ ପାଇବି କେମିତି, ଦେଖାକରିବି କେମିତି, ତାହା ମୋ ପାଇଁ ସମସ୍ୟା ଥିଲା । ଏ ସମ୍ପର୍କରେ ଜଣେ ଅଧ୍ୟାପକଙ୍କୁ ପଚାରିବାରୁ ସେ ମୋତେ କହିଲେ, " ସମ୍ପ୍ରତି କାଳିନ୍ଦୀବାବୁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ଦ୍ୱାରା ମନୋନୀତ ହୋଇ କଟକ ଆକାଶବାଣୀରେ ପରାମର୍ଶଦାତା ରୂପେ ଯୋଗଦାନ କରିଛନ୍ତି । ସେଠାରେ ତୁମେ ତାଙ୍କକାର୍ଯ୍ୟାଳୟରେ ତାଙ୍କୁ ଦେଖାକରିପାର ।"

ଦିନେ ବାରଟା ବେଳେ ମୁଁ ଆକାଶବାଣୀ ଅଭିମୁଖେ ଯିବା ନିମନ୍ତେ ମୋ ସାଇକେଲଟି ହଷ୍ଟେଲରୁ ବାହାର କରି ସମାଜ ଖବରକାଗଜ କାର୍ଯ୍ୟାଳୟ -ତଥା- ଗୋପବନ୍ଧୁ ଭବନର ଅପର ପାର୍ଶ୍ୱରେ ଥିବା କଟକ ଆକାଶବାଣୀ କାର୍ଯ୍ୟାଳୟରେ ପହଞ୍ଚିଲି ।ସେତେବେଳେ କାଳିନ୍ଦୀବାବୁ କାର୍ଯ୍ୟାଳୟ ବାହାରେ ଏକାକୀ ବୁଲାବୁଲି କରୁଥିଲେ । ଜଣେ ଭଦ୍ରବ୍ୟକ୍ତିଙ୍କୁ ତାଙ୍କ ସମ୍ପର୍କରେ ପଚାରିବାରୁ ସେ ମୋତେ ଅଙ୍ଗୁଳି ନିର୍ଦ୍ଦେଶ କରି ଅନତି ଦୂରରେ ପଦଚାଳନା କରୁଥିବାବ୍ୟକ୍ତିଜଣଙ୍କ ଆଡ଼କୁ ଇଙ୍ଗିତ କଲେ ।

ମୁଁ ସଙ୍ଗେ ସଙ୍ଗେ ତାଙ୍କ ପାଖକୁ ଗଲି । ମଥା ଅବନତ କରି ନମସ୍କାର କଲି । ସେ ମୋର

ପରିଚୟ ଚାହିଁଲେ । ମୁଁ "ଜାଗରଣ"ର ସମ୍ପାଦକ ଥିବା ଜାଣି ସେ ଖୁସି ହେଲେ । ତାଙ୍କ ପାଖକୁ ଯିବାର କାରଣ ପଚାରିଲେ । ଜାଗରଣ ନିମନ୍ତେ ବାର୍ତ୍ତାଟିଏ ଦେବାକୁ କହିଲି । ସେ ମୋତେ ଏକ ନିର୍ଦ୍ଦିଷ୍ଟ ଦିନ ତାଙ୍କ ପାଖକୁ ଯାଇ ବାର୍ତ୍ତା ଆଣିବାକୁ କହିଲେ । ମୁଁ ପୂର୍ବବତ୍ ତାଙ୍କୁ ନମସ୍କାର ଜଣାଇ ସେ ସ୍ଥାନରୁ ଫେରି ଆସିଲି ।

ଏଇ ମହାନ କବି ମୋତେ ଦେଇଥିବା ନିର୍ଧାର୍ଯ୍ୟ ଦିନ ଓ ସମୟ ଅନୁସାରେ ଆକାଶବାଣୀ କେନ୍ଦ୍ରରେ ପହଁଞ୍ଚିଲି । ମୋତେ ଦେଖି ସେ ସଙ୍ଗେ ସଙ୍ଗେ ପକେଟରୁ ଏକ ପୁରୁଣା ଦରଫଟା କାଗଜଟିଏ ବାହାରକରି ଦେଲେ । ମୁଁ ପ୍ରଦତ୍ତ ବାର୍ତ୍ତାକୁ ପଢ଼ିଲି । ଭାବିଥିଲି ତାହା ଆଜିକାଲି ପତ୍ରପତ୍ରିକାରେ ପ୍ରକାଶ ପାଉଥିବା ଗତାନୁଗତିକ ବାର୍ତ୍ତା ଭଳି ହୋଇଥିବ । ମାତ୍ର ତାହାଥିଲା ଏକ ଯୁଗଜିଣା କାଳଜୟୀ ଉଦ୍ବୋଧନ ମୂଳକ କବିତା । ଉଦ୍ଦିଷ୍ଟ ଥିଲା ତରୁଣ ଗୋଷ୍ଠୀଙ୍କ ନିମନ୍ତେ । ସେ କାଗଜଟି ପୁଣି କଟାକଟି ହୋଇ ଚୂଡ଼ାନ୍ତ ହୋଇଥିଲା । ବାର୍ତ୍ତାଟି ଥିଲା ଏହିପରି :


ହେ ଚିର ନୂତନ ଚିର ଚଞ୍ଚଳ
ଉଦ୍ଦାମ ଯଉବନ
ଘୋର ଅନ୍ଧାରେ ଜାଗର ଜାଳୁ ହେ
ତୁମରି ଏ " ଜାଗରଣ" ।
ଆଲୁଅ ! ଆଲୁଅ !! ଦେଖାଦିଅ ବାରେ
ଛଳନାର ସବୁ ଭିତର ବାହାରେ
ଫିଟାଇ ଦିଅରେ ଦୁନିଆର ଯେତେ
ମିଥ୍ୟାର ଆବରଣ ।
ସତ୍ୟର ନିଆଁ ଜାଳି ଦେଉ ଆଜି
ତୁମରି ଏ "ଜାଗରଣ" ।
ଜମିଲାଣି ଘୋର ଜଞ୍ଜାଳ ରାଶି
ଖାଲି ଫାଙ୍କୀ ଦଗାବାଜି !
ଜାଗ !ଜାଗ !! ଜାଗ !!! ଉଠୁ ଆହ୍ୱାନ
ଗଗନ ପବନେ ବାଜି
ଉଡ଼ାଅ ଭୁବନେ ବିଜୟର କେତ
ମରଣ ବିଜୟୀ ଆରେ ନଚିକେତ !
ଜଡ଼ ଅଙ୍ଗରେ ଜୀବନ ଖେଳାଉ
ତୁମ ଦୁନ୍ଦିଭି - ରଣ
ସତ୍ୟର ନିଆଁ ଜାଳିଦେଉ ଆଜି
ଆଜିର ଏ " ଜାଗରଣ " ।


୧୯୭୦ ମସିହାରେ "ଜାଗରଣ"ର ପୃଷ୍ଠା ମଣ୍ଡନ କରିଥିବା "ଜାଗରଣ"ର ପ୍ରଥମ ସମ୍ପାଦକଙ୍କ ଏଇ ବାର୍ତ୍ତା ମୁଁ ଫେସବୁକରେ ୨୦୧୭ ମସିହାରେ ଦେଇଥିଲି । ଏହା ସେତେବେଳେ ପୂର୍ବଛାତ୍ରାବାସ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୃଷ୍ଟି ଆକର୍ଷଣ କରିଥିଲା । ମୋର ସୌଭାଗ୍ୟ ଯେ, ସବୁଜ ସାହିତ୍ୟ ସମିତି, ପୂର୍ବଛାତ୍ରାବାସ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୨୦୧୮ ମସିହାରେ ଛାତ୍ରାବାସର ୯୭ ତମ ବାର୍ଷିକ ଉତ୍ସବରେ ମୋତେ ମୋର ଅତୀତର ଉଦ୍ୟମ, ପ୍ରେରଣାଦାୟୀ କୃତି ଓ କୃତିତ୍ୱକୁ ସମ୍ମାନ ଜଣାଇ ମାନପତ୍ର ଓ ଉପାୟନ ପ୍ରଦାନ କରାଯାଇଥିଲା । ଏହି ମହାନ ବୌଦ୍ଧିକ ପୀଠରୁ ମୋତେ ଦୀର୍ଘ ୪୮ ବର୍ଷ ପରେ ଯେ କବି କଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ବାର୍ତ୍ତା ନିମନ୍ତେ ସମ୍ମାନିତ କରାଯିବ - ଏହା ମୋର କଳ୍ପନା ବାହାରେ ଥିଲା । ହୁଏତ ଏହା ଥିଲା ମୋ ପ୍ରତି କବିଙ୍କ ସ୍ୱର୍ଗୀୟ ଆଶୀର୍ବାଦ ।

ପରବର୍ତ୍ତୀ ସମୟରେ ରେଭେନ୍ସା ସ୍ମୃତିରେ ଥିବା ମୋ ସାଇକେଲ ମୋର ଜୀବନର ପ୍ରିୟ ସାଥୀଟିଏ ହୋଇଯାଇଥିଲା । ଏଇ ସାଥୀଟିକୁ ମୁଁ କେବେ ହାତଛଡ଼ା କରିବାର ସୁଯୋଗ ଦେଇନି । ନବେ ଦଶକରେ  ସ୍କୁଟର ଆସିଲା ପରେ ମଧ୍ୟ ମୁଁ ତାକୁ ଭୁଲି ପାରିନଥିଲି । ମାତ୍ର ବାର୍ଦ୍ଧକ୍ୟର ଛାପ ପଡ଼ିଲା ପରେ ସାଇକେଲ ଚଢ଼ିବା କଷ୍ଟକର ହେଲା । ସମୟର ତାଡ଼ନା ମଧ୍ୟ ପରସ୍ପରକୁ ପରସ୍ପର ଠାରୁ ଦୂରେଇ ଦେଲା ।

ତଥାପି ଏ ପରିଣତ ବୟସରେ ମୋ ସ୍ମୃତି, ମୋ ସାଇକେଲ ଓ ରେଭେନ୍ସାର ଛାତ୍ର ଜୀବନରେ ତା'ର ମହାର୍ଘ ଅବଦାନ ମୋର ଚିର ନମସ୍ୟ ହୋଇ ରହିଛି ।

**ବ୍ରହ୍ମା ନିବାସ,**
**ମହାବୀର ବିହାର, କଳାରାହାଙ୍ଗ,**
**ଭୁବନେଶ୍ୱର- ୭୫୧୦୨୪**
**ମୋ.ନଂ: ୯୪୩୭୭୮୪୫୯୨**



# କେଉଁ ନାମ ଦେବି ଘରକୁ ମୋହର

ବିରଞ୍ଚି ମିଶ୍ର





କଥା ପ୍ରସଙ୍ଗରେ ଅଜୟ ସେ ଦିନ ସାଙ୍ଗ ମାନଙ୍କୁ କହୁଥିଲା, "ଭୁବନେଶ୍ୱରରେ ଗୋଟିଏ ଘର କିଣିବାକୁ ଦୁଇ ଚାରି ଜଣ ବିଲ୍ଡରଂକ ସହିତ କଥାବାର୍ତ୍ତା କରିଛି । ଯା ଭିତରେ କୋଉଟା ଗୋଟାଏ ଫାଇନାଲ୍ ହୋଇଯିବ ।"

ଧର୍ମୁ ପଚାରିଲା, "କୋଉ ଏରିଆରେ ଦେଖିଛୁ ?"

ଅଜୟ କହିଲା,"ଗୋଟିଏ ଏରୋଡ୍ରମ୍ ଏରିଆ, ଆଉ ଗୋଟିଏ ମାଷ୍ଟର୍ କେଣ୍ଟିନ୍, ଅନ୍ୟଟି ରାମମନ୍ଦିର ଏରିଆ । ଯୋଉ ଏରିଆ ହଉ, ଭାବୁଛି, ଘରର ଗୋଟିଏ ସୁନ୍ଦର ନାଁ ରଖିବି । ଜଣେ ଜ୍ୟୋତିଷ ବି କହିଛି ଯେ କିଣିବା ପୂର୍ବରୁ ଘରର ନାମ କରଣ କରି ରଖିଲେ କୁଆଡ଼େ ଗ୍ରହଦୋଷ ରହିବ ନାହିଁ ।"

ଧର୍ମୁ କହିଲା -

"ଏଥିରେ ଅସୁବିଧା କଅଣ ଅଛି । ତୁ ରାମ ମନ୍ଦିର ପାଖରେ ଘର ନେ, ଆଉ ନାଁ ରଖ 'ପଦ୍ମାଳୟ' । ଗେଟ୍ ଡିଜାଇନ୍ ପଦ୍ମଫୁଲ ପରି କରିବୁ । ପଦ୍ମ, ଲକ୍ଷ୍ମୀଙ୍କ ପ୍ରତୀକ । ତୋ ଘର ଧନଜନ ଗୋପ ଲକ୍ଷ୍ମୀରେ ପୁରି ଉଠିବ । ମାର୍ଗଶୀର ଗୁରୁବାର ଓ ଶିରିଆ କଥା ମନେ ଅଛିଟି !"

ଏ କଥା ଶୁଣି ନବ କହିଲା, "ନାଇଁମ, ଲକ୍ଷ୍ମୀ ପରା ଚଞ୍ଚଳା । ସେ କୋଉ ସବୁଦିନ ତୋ ପାଖେ ରହିବେ ! ଏବେ ତ ଟଙ୍କିକିଆ ଚାଉଳ କାହିଁରୁ କେତେ । ତୋର କେବେ ଅଭାବ ରହିବ ନାହିଁ । ତେବେ ଯେ କୌଣସି ଶୁଭ କାମ ବେଳେ ଶଙ୍ଖ ଧ୍ୱନୀ ମଙ୍ଗଳ କାରକ ହୋଇଥାଏ । ଲକ୍ଷ୍ମୀପୂଜା ବେଳେ ମଧ ଶଙ୍ଖ ବାଜେ । ତେଣୁ ତୋ ଘରର ନାଁ 'ଶଙ୍ଖପୁରୀ' ରଖ । ଆଉ ହଁ, ଘର ଏରୋଡ୍ରମ୍ ପାଖରେ ନବୁ, ସେଇଟା ଖୁସିର ଏରିଆ ।"

ଏତିକି ବେଳେ ଅଜୟର ହାତ ଦେଖି ନିର କହିଲା, "ଅପ୍ପା ହାତ୍ ଜଗନ୍ନାଥ୍ । ଘର କିଣିବା ପାଇଁ ଯେମିତି ନିଜ ହାତରେ ପଇସା କମେଇଛୁ, ଘର ଚଳାଇବା ପାଇଁ ବି ସେମିତି ହାତରେ ପଇସା ରୋଜଗାର କରିବୁ । ତୋ ହାତରେଖା ଖୁବ୍ ସ୍ୱଷ୍ଟ ଦିଶୁଛି । ହାତ ଟାଣ ଥିଲେ ସବୁ କରିପାରିବୁ । ସ୍ୱୟଂ ବିଷ୍ଣୁ ବି ଶଙ୍ଖ ଚକ୍ର ଗଦା ପଦ୍ମ ନିଜ ହାତରେ ଧରିଥାନ୍ତି । ଭୁବନେଶ୍ୱରର କେନ୍ଦ୍ର ସ୍ଥଳ, ମାଷ୍ଟର କେଣ୍ଟିନ ଛକରେ ଘର ନବୁ, ଆଉ ନାଁ ରଖିବୁ 'ହସ୍ତରେଖା' ।"


ଏ ସମସ୍ତ କଥା ଶୁଣି ବୁଲିଆ କହିଲା,"ତୁ ଯୋଉ ସବୁ ଅଞ୍ଚଳରେ ଘର ଖୋଜୁଛୁ, ସେ ସବୁ ଭିଡ଼ଭାଡ଼ ଅଞ୍ଚଳ । ଭଲ ପଡ଼ୋଶୀ ନ ମିଳିଲେ, ଶାନ୍ତିରେ ରହି ପାରିବୁନି । ତା ଛଡ଼ା, ସେ ଅଞ୍ଚଳରେ ଦର ବି ଅଧିକ । ତେଣୁ, ସହର ବାହାରେ ଗୋଟିଏ ଖୋଲା ମେଲା ଜାଗା କିଣି, ନିଜ ପସନ୍ଦର ଡିଜାଇନରେ ଗୋଟିଏ ଘର କର । ତା' ନାଁ ରଖ 'ସ୍ୱାଧୀନ କୁଟୀର' |"

ଅଜୟ କଅଣ କରିବ ଚିନ୍ତା କରୁଥିବା ବେଳେ ଅଗାଧୁ କହିଲା -

"ମୂଳରୁ ମାଇପ ନାହିଁ, ପୁଅ ନାଁ ଗୋପାଳିଆ !" ଠିକ୍ ସେତିକି ବେଳେ ଟିଭିରେ ଗୋଟିଏ ପୁରୁଣା ଗୀତ ବାଜୁ ଥିଲା-

"କେଉଁ ନାମ ଧରି ଡାକିବି ତୁମକୁ
ତୁମେ ଯେ ସର୍ବନାମ ।"

ଭୁବନେଶ୍ୱର






# ଶାବରମଲ୍ଲା

ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ





ପର୍ବତ ଉପରେ ପମ୍ପା ସରୋବର ପୁରାଣ ପ୍ରସିଦ୍ଧ। ରାମଚନ୍ଦ୍ର ଓ ଲକ୍ଷ୍ମଣ ସୀତାଙ୍କୁ ହରେଇ ବୁଲୁବୁଲୁ ବନ ମଧ୍ୟରେ ମାତଙ୍ଗ ମୁନିଙ୍କ ଆଶ୍ରମରେ ପହଞ୍ଚି ଥିଲେ। ଏହାର ଏକ ରୋଚକ ଆଧ୍ୟାତ୍ମିକ - ପୌରାଣିକ - ରାମାୟଣବର୍ଣ୍ଣିତ କାହାଣୀ ରହିଛି। ମାତଙ୍ଗ ମୁନିଙ୍କ ଆଶ୍ରମରେ ରାମ ଲକ୍ଷ୍ମଣଙ୍କୁ ଦର୍ଶନ କରିବା ପାଇଁ ଅପେକ୍ଷା କରିବାକୁ ମାତଙ୍ଗ ମୁନି ଶବରୀକୁ କହିଥିଲେ। ରାମ ଆସିବେ ବୋଲି ସେ ସବୁଦିନ ଭୋରରୁ ଉଠି ରାସ୍ତା, ଆଶ୍ରମ ଓଳେଇ ସଫା କରେ। ଆସିବା ପଥରେ ଫୁଲ ବିଛେଇ ସଜେଇ ବନରୁ ବିଭିନ୍ନ ମିଠା ଫଳ ତୋଳି ଆଣି ଅପେକ୍ଷା କରିଥାଏ। ଯେତେବେଳେ ମାତଙ୍ଗ ମୁନି କହିଛନ୍ତି ନିଶ୍ଚୟ ରାମ ଏହି ବାଟ ଦେଇ ଯିବେ। ତୁମେ ଦର୍ଶନ କରିବ। ମାତଙ୍ଗ ମୁନିଙ୍କର ମଧ୍ୟ ଦର୍ଶନର ଅଭିଳାଷ ଥିଲା। ମାତ୍ର ତାଙ୍କର ଶରୀର ରକ୍ଷାର ସମୟ ହୋଇଗଲାରୁ ଶବରୀକୁ ଡାକି ଆଶ୍ରମର ଭାର ତା'ର ଉପରେ ସମର୍ପି ଦେଇ ଯୋଗ ବଳରେ ମାତଙ୍ଗ ମୁନି ଊର୍ଦ୍ଧ୍ୱ ଗମନ କରି ପରମଗତି ପ୍ରାପ୍ତ ହେଲେ।

ଏଇଠି ପ୍ରଶ୍ନ ଉଠେ, ଶବରୀ କିଏ ? କେବେ ଠାରୁ, କାହିଁକି ଓ କିପରି ମାତଙ୍ଗ ମୁନିଙ୍କ ପାଖରେ ଏତେ ପ୍ରିୟ ହୋଇ ଭକ୍ତିର ଅଧିକାରିଣୀ ହୋଇ ଶ୍ରୀରାମଙ୍କୁ ଦର୍ଶନର ଦୃଢ଼ ଆସ୍ଥା ଓ ବିଶ୍ୱାସ ରଖି ପ୍ରେମାଶ୍ରୁ ଗଡ଼େଇ ନବନୀଳଜ କାନ୍ତି ରାମଙ୍କୁ ଦର୍ଶନ କରିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲା ଓ ଦର୍ଶନ ପାଇଥିଲା।

ଶବରୀ ଶବର ରାଜାଙ୍କର କନ୍ୟା। ବିବାହ ବୟସ ଆସି ପହଞ୍ଚିଲା। ପିତାଙ୍କର ଝିଅ ପାଇଁ ବର ଖୋଜା ଶବରୀକୁ ଖୁସି କରିପାରିଲା ନାହିଁ। ପିଲାଦିନରୁ ସେ ଈଶ୍ୱରାଭିମୁଖୀ ଥିଲା। ଶେଷରେ ଦିନେ ରାତ୍ରିର ଅନ୍ଧକାର ମଧ୍ୟରେ ଘରୁ ବାହାରିଗଲା। ସକାଳ ହେଲେ ତାକୁ ଖୋଜି ପାଇଯିବେ ତେଣୁ ମାତଙ୍ଗ ମୁନିଙ୍କ ଆଶ୍ରମ ନିକଟରେ ଏକ ଗଛରେ ଚଢ଼ି ରାତି ଯାପନ କରେ। ସକାଳ ହେବା ଆଗରୁ ସିନ୍ଦୁରା ଫାଟିବାର ବହୁ ପୂର୍ବରୁ ଗଛରୁ ଓହ୍ଲାଇ ମୁନିଙ୍କ ଆଶ୍ରମର ଚତୁଃପାର୍ଶ୍ୱ ସଫା ସୁତରା କରି, ପୁଣି କେହି ଦେଖିବା ପୂର୍ବରୁ ଗଛରେ ଚଢ଼ିଯାଏ। ଏହିପରି କିଛି ଦିନ ଚାଲିଗଲା।

ଦିନେ ଆଶ୍ରମର ଜଣେ ସାଧକ ପମ୍ପା ସରୋବରରେ ସ୍ନାନ ସାରିଆଶ୍ରମକୁ ଆସୁଥିବା ସମୟରେ ଶବରୀ କାର୍ଯ୍ୟ କରୁଥିବାର ସମୟରେ ଦେଖି ପାରିନଥିଲା। ସାଧକ ମଧ୍ୟ ଦେଖିପାରି ନଥିଲେ। ଉଭୟଙ୍କର ଦୁର୍ଯୋଗବଶତଃ ଦୁର୍ଘଟଣା ଘଟି ଉଭୟେ ପିଟି ହୋଇଗଲେ। ତହୁଁ ସାଧକ ଅଭିଶାପ ଦେଲେ ଶବରୀକୁ ଓ ପୁନଃ ପମ୍ପା ସରୋବରକୁ ଶୁଦ୍ଧସ୍ନାନ କରିବାକୁ ଗଲେ। ମାତ୍ର, ଏ' କ'ଣ ? ପମ୍ପା ସରୋବରର ଜଳ ରକ୍ତବର୍ଣ୍ଣ ହୋଇ ଯାଇଥିଲା। ମାତଙ୍ଗ ମୁନିଙ୍କ ନିକଟକୁ ଖବର ଆସିଲା। ମାତଙ୍ଗ ମୁନିସାଧକଙ୍କୁ ତିରଷ୍କାର କରି କହିଥିଲେ। ସାଧକର କହିବା ଅନୁଯାୟୀ ଶବରୀ ଏହାର କାରଣ। ମାତ୍ର ଋଷି ମାତଙ୍ଗ ଉତ୍ତରରେ ସାଧକଙ୍କର ମନ ଅପବିତ୍ରତାର କାରଣରୁ ପମ୍ପାର ପବିତ୍ର ଜଳ ଏପରି ପରିବର୍ତ୍ତିତ ହୋଇଛି। ଶବରୀ ପବିତ୍ର, ତହୁଁ ଶବରୀକୁ ପମ୍ପା ସରୋବର ପାଣି ସ୍ପର୍ଶ କରିବା ପାଇଁ ଅନୁରୋଧ କଲେ। ଶବରୀ ଯାଇ ପାଣିକୁ ସ୍ପର୍ଶ କଲା ମାତ୍ରକେ ଜଳ ପୂର୍ବ ଅବସ୍ଥା ଫେରି ପାଇଥିଲା। ସ୍ୱଚ୍ଛ, ନିର୍ମଳ ଓ ଶୁଦ୍ଧ ହୋଇଗଲା। ଋଷି ସାଧକକୁ ପ୍ରମାଣ ଦେଖେଇ ଦେଲେ, "ଦେଖ, ତୁମର ମନ ଅପବିତ୍ର ଥିବାରୁ ଜଳ ମଧ୍ୟ ଅପବିତ୍ର ହୋଇଗଲା, ଶବରୀ ଶୁଦ୍ଧ, ପୁତ ଓ ପବିତ୍ର ତେଣୁ ତା'ର ସ୍ପର୍ଶ ମାତ୍ରକେ ଜଳ ଶୁଦ୍ଧ ହୋଇଗଲା।"

ଋଷି ଶବରୀକୁ ତା' ବିଷୟରେ ପରିଚୟ ପଚାରିବାରେ ଶବରୀ ତା'ର ଅତୀତ ବୃତ୍ତାନ୍ତ କହି ବସିଲା। ମାତଙ୍ଗ ମୁନି ତା' କଥାରେ ସନ୍ତୁଷ୍ଟ ହୋଇ ଆଶ୍ରମରେ ଗୋଟିଏ କୁଟୀର କରି ରହିବାର ସୁଯୋଗ ଦେଲେ। ଶବରୀ ଆଶ୍ରମ ସେବାରେ ରହି ମୁନିଙ୍କ ସଂସ୍ପର୍ଶରେ ଆହୁରି ପବିତ୍ର ଓ ଈଶ୍ୱରପ୍ରେମୀ ହୋଇ ଉଠିଲା।

ମାତଙ୍ଗ ମୁନିଙ୍କର ମହାପ୍ରୟାଣର ସମୟ ଆସିଲା। ଶବରୀ କାନ୍ଦି କାନ୍ଦି କହିଲା, "ଆପଣ ଚାଲିଗଲେ ମୋର କ'ଣ ହେବ ? ମୁଁ ଏକା କ'ଣ କରିବି ?"

ମାତଙ୍ଗ ମୁନି କହିଥିଲେ, ମୁଁ ତ ଭଗବାନଙ୍କର ମାନବ ଅବତାର ଦର୍ଶନ କରିପାରିଲିନି, ମାତ୍ର ତୁ ବିଶ୍ୱାସ ରଖି ଅପେକ୍ଷା କର। ଦିନେ ନା ଦିନେ ରଘୁବୀର ରାମଚନ୍ଦ୍ର ଏହି ଆଶ୍ରମକୁ ଆସିବେ। ତୁ ଦର୍ଶନ କରି ଯାହା ମାଗିବା କଥା ମାଗିବୁ ଓ ବ୍ରହ୍ମଲୋକକୁ ଗମନ କରିବୁ।

ସତକୁ ସତ ଅପେକ୍ଷା ତା'ର ସାର୍ଥକ ହୋଇଥିଲା। ରାମଲକ୍ଷ୍ମଣ ତାଙ୍କ କୁଟୀରର ଶୋଭା ଦେଖି ପ୍ରବେଶ କରିଥିଲେ। ଶବରୀ ଜାଣିପାରିଲା। ଏଇ ସେଇ ମାନବ ଅବତାରୀ ଶ୍ରୀରାମ ଓ ଭାଇ ଲକ୍ଷ୍ମଣ। ପାଦଧୋଇ, ପୋଛି ଦେଇ ରଖିଥିବା ପାଚିଲା ଫଳରୁ ଆଗ ଚାଖେ ଓ ପ୍ରଭୁ ରାମଙ୍କ ହାତକୁ ବଢ଼େଇ ଦିଏ। ଖୁସିରେ ଶ୍ରୀରାମଚନ୍ଦ୍ର ଭକ୍ତ ଉଦ୍ଧାର କରିଥିଲେ।

ଦେହ ତ୍ୟାଗ ସମୟରେ ମାତଙ୍ଗ ମୁନି ଶବରୀକୁ ଦୁଇଟି କଥା କହିଥିଲେ।

୧- ଋଷଶୃଙ୍ଗ ପର୍ବତରେ ବାଳୀ ବାନର ରାଜା ଅଛନ୍ତି, ତାଙ୍କ ସହିତ ଭେଟ ହେଲେ ସେ ସୀତା ଠାବରେ ସାହାଯ୍ୟ କରିବେ।

୨- ଦ୍ୱିତୀୟଟି ଥିଲା, ନବଧାଭକ୍ତି ବିଷୟରେ ଶ୍ରୀରାମଚନ୍ଦ୍ରଙ୍କ ଠାରୁ ବୁଝି ରଖିବୁ। ସେହି ଭକ୍ତି ବିଷୟ ଶୁଣି ତୁମର ବ୍ରହ୍ମଗତି ହେବ।

ଶବରୀ ସେଇ କଥା ମନେରଖିଥିଲା ଓ ଶ୍ରୀରାମଙ୍କ ଠାରୁ ନବଧାଭକ୍ତି ବିଷୟ ବୁଝି ସ୍ୱର୍ଗକୁ ଗମନ କରିଥିଲା।

'' କିଏ କହେ ପ୍ରଭୁ ଖାଆନ୍ତି ନାହିଁ
ଶବରୀ ପରି ଭାବରେ ଖୁଆନ୍ତି ନାହିଁ।
ତା' ପରି ଖୁଆଇଲେ ପ୍ରଭୁ ଯେ ଖାଇବେ
ନିଜ ଇଚ୍ଛାରେ ଆଶିଷ ନିଶ୍ଚୟ ପାଇବେ।''

ବରମୁଣ୍ଡା ହା. ବୋ. କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୨୭୯୧୬୨

# ମୁଁ ତୁମକୁ ଭଲପାଏ

ଛନ୍ଦା ମିଶ୍ର





ବୋଉ ଗଲା ପରେ, ଅନେକ୍ ସମୟରେ ବାପା ଙ୍କ କଥା ମଝିରେ ବୋଉ ଚାଲି ଆସେ। ତୋ ବୋଉ ଏମିତି କରୁଥିଲା, ତୋ ବୋଉ ସେମିତି ରାନ୍ଧୁ ଥିଲା, ଆଜି ତୋ ବୋଉ ଥିଲେ ଏମିତି କହିଥାନ୍ତା..। ଆଉ ବାପା ଏମିତି କହିଲା ବେଳେ, ମୋ ଆଖି ଆଗରେ ବୋଉ ର ଛବି ଭାସି ଉଠେ । ବାପା ଙ୍କର ପ୍ରତି ଟି କଥା କୁ ବୋଉ ଚାହିଁ ବସି ଥାଏ। ଏମିତି ନହେଲେ ବାପା ଖାଇବେ ନାହିଁ ପରା.. ସେମିତି ନହେଲେ ପିନ୍ଧିବେ ନାହିଁ ଯେ.. । କାଳେ ବାପା ଙ୍କ ପାନ ରୁ ଚୂନ ଖସି ଯିବ ବୋଲି ବୋଉ ତାଙ୍କୁ ଗୋଡେ ଗୋଡେ ଜଗି ଥାଏ । କିନ୍ତୁ ବାପା, ବୋଉ ର ପ୍ରତି ଟି କଥା ରୁ ଖୁଣ ବାହାର କରିବା ପାଇଁ ଥିଲେ ତତ୍ପର। ଆଜି ବୋଉ ଗଲା ପରେ ତା ରନ୍ଧା କୁ, ତା କଥା କୁ ଝୁରି ହେଉଥିବା ବାପା ମୋର, ଖାଇବା ଯେତେ ବଢିଆ ହୋଇ ଥିଲେ ବି, ଆଜି ଖାଇବା ବାଗ ହେଇନି, ବୋଲି କହିଦେଲେ, ମୋ ବୋଉ ର ମୁହଁ ଟି ଶୁଖି ଯାଉଥିଲା।

ବାପା ଯେ ବୋଉ କୁ ଖୁବ୍ ଭଲ ପାଉଥିଲେ, ଏକଥା ବେଶ ଭଲ ଭାବେ ମୁଁ ଜାଣେ। ବୋଉ ଗଲା ପରେ ବାପାଙ୍କୁ ଆଜି ସଂସାର ଟା ପୁରା ଖାଲି ଖାଲି ଲାଗୁଛି ବୋଲି ବୁଝେ ମଧ୍ୟ। କିନ୍ତୁ ବେଳେବେଳେ ଲାଗେ, ବୋଉ ଗଲା ପରେ ତାକୁ ଝୁରି ହେଉଥିବା ବାପା, ବୋଉ ଥିଲା ବେଳେ ତାକୁ ପ୍ରସଂଶାର ଦୁଇ ଧାଡ଼ି କହିଥାନ୍ତେ ହେଲେ..!

ପ୍ରାୟ ସମୟରେ ଆମ ସହିତ ଏପରି ହୁଏ, ଯେତେବେଳେ ଆମେ ଚାହିଁ କରି ବି ମନର କଥାଟି କହିବାକୁ ସଙ୍କୋଚ କରୁ। ବିଶେଷ କରି ତାହା ଯଦି ସ୍ନେହ, ଶ୍ରଦ୍ଧା, ବା ଅନୁରାଗର କଥା ହୋଇଥାଏ, ଆମେ ପ୍ରାୟ ତାକୁ ଟାଳି ଦେଉ। ହେଲେ ଯଦି ତାହା କ୍ରୋଧ, ଈର୍ଷା, ବା ଅସୂୟାର

କଥା ହୋଇ ଥାଏ, କଳେ ବଳେ କୌଶଳେ ସେ ନିଜ ବାଟ ଖୋଜି ବାହାରି ଆସେ। ଆଉ ଏହା ଅଧିକତର ଦେଖାଯାଏ ସ୍ୱାମୀ ଓ ସ୍ତ୍ରୀଙ୍କ କ୍ଷେତ୍ରରେ। ଯେଉଁଥିପାଇଁ ମଜା କଥା ପରି ଲାଗୁଥିଲେ ବି କଥା ଟିର ଓଜନ ରହିଚି, "ବାହାଘର ପରେ ପ୍ରଥମ ବର୍ଷ ସ୍ୱାମୀ କହେ ସ୍ତ୍ରୀ ଶୁଣେ, ଦ୍ୱିତୀୟ ବର୍ଷ ସ୍ତ୍ରୀ କହେ ସ୍ୱାମୀ ଶୁଣେ, ଆଉ ତା ପରେ ଦୁଇ ଜଣ କୁହନ୍ତି ପଡୋଶୀ ଶୁଣନ୍ତି।"

ଆଖି ନିକଟରେ ଆଖି ପତାଟି ଥିବାରୁ ତାହା ଆମକୁ ନ ଦିଶିଲା ପରି ଆମ ପାଖରେ ଆମ ସ୍ୱାମୀ ବା ସ୍ତ୍ରୀ ଚଳପ୍ରଚଳ ହେଉ ଥିବାରୁ, ଆମେ ତାଙ୍କୁ ଏତେ ସହଜରେ ଗ୍ରହଣ କରି ନେଉ ଯେ, ସେ ପ୍ରାୟ ଅବହେଳିତ ଅନୁଭବ କରନ୍ତି।

ସାଧାରଣତଃ ପ୍ରେମ କଲାବେଳେ(ଏଠାରେ ଶାରୀରିକ ସଂପର୍କ କଥା କୁହା ଯାଉନାହିଁ), କିମ୍ବା ଧନ୍ୟବାଦ୍ ବା କୃତଜ୍ଞତା ଜ୍ଞାପନ କରିବା ପାଇଁ ଆମେ ଖୁବ ସଙ୍କୋଚ ଅନୁଭବ କରୁ। କିନ୍ତୁ ଝଗଡ଼ା କଲା ବେଳେ, ଯେହେତୁ ଆମ ଧ୍ୟାନଟି ନିଜର ଉଚିତ୍ ବା ଅନୁଚିତ୍ କଥା ଟିକୁ ଉଚିତ୍ ପ୍ରମାଣିତ କରିବା ଉପରେ ଥାଏ, ଆମେ ସ୍ଥାନ କାଳ ପାତ୍ର ଭୁଲି ଯାଇ ଯୋଉଠି ସେଇଠି ବରଷି ଯାଉ। ପୁଣି ଏପରି ବରଷୁ ଯେ, ସେଥିରେ ଏକା ଆମ ଜୀବନସଥୀ ଟି ଓଦା ହୁଏନା, ତା ସହିତ ସମଗ୍ର ପରିବେଶ କାଦୁଅ ରେ ଭରି ଯାଏ। ଯିଏ ଆଦର କରେ ସେ ଆକଟ ବି କରେ। କିନ୍ତୁ ଧୀରେ ଧୀରେ କେବଳ ଆକଟ ହିଁ ରହିଯାଏ ଆଦରକୁ ପଛକୁ ଠେଲି । ନୂଆ ନୂଆ ଦିନ। କେତେ ଭାରି ଆଦର ନୂଆ ଟା ପୁରୁଣା ହେଲେ ତୁଠ ପଥର। ତେବେ ଏହି କଥାକୁ ନେଇ ଆମେ ସଚେତନ ନୁହେଁ ବା ଅବୁଝା ତା ନୁହେଁ, କିନ୍ତୁ ଚୋର ଗଲା ପରେ ଆମ ବୁଦ୍ଧିଟି ଆସେ। ମଣିଷଟିକୁ ହରେଇ ସାରିଲା ପରେ ଆମକୁ ଲାଗେ, ଆହାଃ ସେ ଥିଲା ବେଳେ ହେଲେ କହି ପାରିଥାନ୍ତି, ମୁଁ ତାକୁ କେତେ ଭଲ ପାଏ ବୋଲି! କିନ୍ତୁ କଥା ଅଟକି ଯାଏ ତଣ୍ଟି ରେ। ପଶ୍ଚାତାପ ଆସେ, ସେ ମୋର କେତେ କରିଛି , କେତେ ସହିଛି, ମୋର ରାଗ, ମୋର ଅବୁଝା ପଣ, ମୋର ଜିଦ୍, ସବୁକୁ ଆଦରି ନେଇ ମତେ ଭଲ ପାଇଚି, ମୋ ସ୍ୱାସ୍ଥ୍ୟକୁ ଜଗିଛି, ମୋ ପରିବାରକୁ ଦେଖିଛି, ଆଜି ସେ ଥିଲେ ନିଶ୍ଚେ ତା' ହାତ ଧରି ତାକୁ କୃତଜ୍ଞତା ଜଣାଇ ଥାଆନ୍ତି! ମାତ୍ର ତାହା ଆଉ ସମ୍ଭବ ହୁଏନା। ଆଖି ରୁ ଲୁହ ଝରାଇବା ହୁଏ ସାର ।

ସମୟ ଥାଉ ଥାଉ କେତେଜଣ ବା ବୁଝନ୍ତି, ସମୟ, ସମ୍ପର୍କ ଓ ସ୍ୱାସ୍ଥ୍ୟ ର ମୂଲ୍ୟ! ଅବଶ୍ୟ ସମୟ ଗଲା ପରେ ସେହି କଥା ଗୁଡ଼ିକର ଗୁରୁତ୍ୱ ବୁଝାପଡ଼େ, ଯେତେବେଳେ ନେଡି ଗୁଡ଼ କହୁଣୀକୁ ବୋହିଯାଏ। ତେଣୁ ନେଡି ଗୁଡ଼ ବୋହିଯିବା ପୂର୍ବରୁ ଆସନ୍ତୁ ତାର ସ୍ୱାଦ ନେବା।

ଥରେ ଗୋଟିଏ ୱାର୍କସପ୍ ରେ ଆୟୋଜକ ପ୍ରଶ୍ନ କଲେ, ଆପଣ, ଆପଣଙ୍କ ସ୍ୱାମୀ ବା ସ୍ତ୍ରୀଙ୍କର କିଛି ଖରାପ ଗୁଣ କୁହନ୍ତୁ। ଲୋକଙ୍କ ପାଟିରେ ବାତୁଳି ବାଜିଲା ନାହିଁ, ଗଳ ଗଳ ହୋଇ କହିଗଲେ ଦୁର୍ଗୁଣ ସବୁ। ଏବେ ପଚରା ଗଲା, କୁହନ୍ତୁ ତାଙ୍କର୍ କିଛି ଭଲ ଗୁଣ, ବାସ ସମସ୍ତେ ଭାବି ଭାବି ଗୋଟିଏ ଦିଓଟି କହି ପାରିଲେ। ଏହାର ଅର୍ଥ ଆମେ ଖରାପ ଗୁଣଗୁଡିକ ଦେଖି ଭଲଗୁଡିକୁ ଅଣଦେଖା କରୁ। ଏବେ ପ୍ରଶ୍ନ ଥିଲା ଆପଣ ନିଜ ସ୍ୱାମୀ ବା ସ୍ତ୍ରୀଙ୍କୁ ଶେଷ ଥର କେବେ କହିଥିଲେ ଆପଣ ତାଙ୍କୁ ଭଲ ପାଆନ୍ତି ବୋଲି? ପରସ୍ପରର ମୁହଁ ଦେଖି ଖୁବ୍ କମ୍ ଲୋକ, "ହଁ ବେଳେବେଳେ କହିଥାଏ" ବୋଲି ଦେଇଥିଲେ ଉତ୍ତର। ଜଣେ ତ ଏପରି ବି କହିଲେ ଯେ, "ଭଲ ତ ପାଏ, କହିବା କଣ ଜରୁରୀ! ଏପରି ଲୋକ ଦେଖାଣିଆ ପ୍ରେମ ଆମକୁ ଆସେନି!" କିନ୍ତୁ ସମସ୍ତେ ଜାଣନ୍ତି, ସେଇ ଲୋକଙ୍କର ପାନ ରୁ ଚୂନ ଖସିଲେ, ସାଇ ସାରା ଲୋକ

ଜାଣି ପାରନ୍ତି। ହଉ ଆମେ ଯିବା ୱାର୍କ୍ ସପକୁ। ସମସ୍ତଙ୍କୁ କୁହାଗଲା ନିଜ ନିଜ ଜୀବନସାଥିଙ୍କୁ ମେସେଜ୍ ରେ ଲେଖିବା ପାଇଁ, "ମୁଁ ତୁମକୁ ଭଲପାଏ "। ଆଉ କାହାର କେତେ ଶୀଘ୍ର ଓ କଣ ଉତ୍ତର ଆସୁଚି ଅପେକ୍ଷା କରାଗଲା। ଅଧଘଣ୍ଟା ଥିଲା ସମୟର ଅବଧି। ପଚାଶ ଜଣଙ୍କ ଭିତରୁ ଦୁଇ ଜଣକୁ ପ୍ରତ୍ୟୁତ୍ତର ଆସିଲା, ମୁଁ ବି ତୁମକୁ ଭଲପାଏ। ଆଉ କିଛି ଲୋକ ଦେଖିଲେ, କିନ୍ତୁ ଉତ୍ତର ଦେଲେ ନାହିଁ। କିଏ କିଏ ପଚାରିଲେ ମଧ୍ୟ, କଣ କିଛି କିଣାକିଣି କରୁଛ, ଟଙ୍କା କମ୍ ପଡିଲା କି, ଆଉ କିଛି ଲେଖିଲେ କଣ ମୁଣ୍ଡ ଖରାପ ହୋଇଯାଇଛି କି!

ସତ କଥା, ଆଜି ଆମେ ଡାଲି ଚାଉଳ ଆଳୁ ପାଇଁ ଫୋନ କଲେ, ତାହା ସ୍ୱାଭାବିକ ମନେ ହେଉଛି କିନ୍ତୁ ଯଦି, ମୁଁ ତୁମକୁ ଭଲପାଏ ବୋଲି କୁହା ଯାଉଚି ତାହା ହୋଇ ଯାଉଚି ଅସ୍ୱାଭାବିକ। ସ୍ୱାମୀଟିଏ ପ୍ରତ୍ୟେକ ଦିନ ଅଫିସ ଯାଆନ୍ତି ଖାଦ୍ୟ ଧରି। ସ୍ତ୍ରୀଟି ବଡ଼ିଭୋର ରୁ ଉଠି ସ୍ୱାମୀଙ୍କ ମନ ପସନ୍ଦର ରାନ୍ଧି ଦିଏ। କୌଣସି ଦିନ ସ୍ୱାମୀ ମୁହଁରୁ ସେ ଶୁଣେ ନାହିଁ, ତରକାରୀ ପତ୍ର ଭଲ ହୋଇଛି ବୋଲି। ଦିନେ ତରତର ହୋଇ ସେ ଭୁଲିଗଲା ତରକାରୀରେ ଲୁଣ ପକେଇବା ପାଇଁ। ସେଦିନ ଅଫିସରୁ ହିଁ ଫୋନ ଆସିଗଲା, ଆଜି କଣ ମନ ନଥିଲା କି ରାନ୍ଧିବା ପାଇଁ, ତରକାରୀ ପୁରା ଅଲଣା। ସ୍ତ୍ରୀର ଆଖି ରୁ ଝରି ପଡିଥିଲା ଲୁହ ଧାରେ, "ଆଜି ପର୍ଯ୍ୟନ୍ତ ନିତି ଭଲ ରାନ୍ଧି ଦେଉଥିଲି, ଫୋନ ତ କଲ ନାହିଁ, ଅଲଣା ପାଇଁ ହେଉ ପଛେ ଫୋନ ଟିଏ ତ କଲ"। ହଁ ଆଜି ଆମ ଅବସ୍ଥାଟି ଏପରି, ଖରାପଟି କହିବା ପାଇଁ ଆମେ ବିଳମ୍ବ କରୁନା, ମାତ୍ର ଭଲଟି ଯେ କହିବା କଥା, ତାକୁ ଗୁରୁତ୍ୱ ହିଁ ଦଉନାହୁଁ ।

କିନ୍ତୁ ସତ କହିଲେ ଦେଖି, କାହାକୁ ବା ଭଲ ନ ଲାଗେ, ଶୁଣିବା ପାଇଁ ଯେ, କେହି ଜଣେ ଅପଣାର ତାଙ୍କୁ ଭଲ ପାଏ, ତାଙ୍କ ପସନ୍ଦ ଅପସନ୍ଦ କୁ ଗୁରୁତ୍ୱ ଦିଏ, ତାଙ୍କ ଛୋଟ ମୋଟ ପ୍ରତିଟି କଥା କୁ ଧ୍ୟାନରେ ରଖେ। ଯିଏ ଚାଲିଗଲେ ଆପଣ ଏକୁଟିଆ ହୋଇଯିବେ, ଯାହାଙ୍କ ବିନା ଆପଣ ଙ୍କୁ ଏ ପୃଥିବୀ ଟା ବିଷ ପରି ଲାଗିବ। ତେବେ ଏଥିପାଇଁ ଏତେ କୁଣ୍ଠା କାହିଁକି! ମନ ଖୋଲି କହି ଦିଅନ୍ତୁ ନା ମନ ର କଥା। ଆପଣଙ୍କ ସଙ୍ଗୀ ବା ସଙ୍ଗିନୀଙ୍କ ହାତ ଧରି, ଆଖିରେ ଆଖି ମିଶେଇ, ହୃଦୟର ସହିତ କୁହନ୍ତୁ, "ମୁଁ ତୁମକୁ ବହୁତ୍ ଭଲ ପାଏ" ବୋଲି। ଦେଖିବେ ଆପଣଙ୍କ ନିରସ ଓ ଶୁଷ୍କ ଜୀବନଟି କିପରି ହୋଇ ଉଠିବ, ରସମୟ, ସବୁଜ। ଆପଣ ଙ୍କୁ ଗ୍ରୀଷ୍ମରେ ବି ଅନୁଭବ ହେବ ବସନ୍ତର ସରସତା।

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦

# କଥାରେ କଥାରେ - ୧୯

ମନୋରମା ମିଶ୍ର





ସ୍ତ୍ରୀ- ଜାଣିଛ ! କରବାବୁଙ୍କ ସ୍ତ୍ରୀ ସବୁଦିନ ଠାକୁରଙ୍କୁ କଦଳୀ ଭୋଗ କରନ୍ତି। ତାହା ପୁଣି କରବାବୁଙ୍କୁ ଲୁଚାଇ।

ସ୍ୱା- କାହିଁକି ?

ସ୍ତ୍ରୀ- କାରଣ କରବାବୁ କୁହନ୍ତି- ଠାକୁରଙ୍କୁ ଯେଉଁଦିନ ଯାହା ଅଛି ଭୋଗ କରିଦିଅ। ଏମିତି ସବୁଦିନ କଦଳୀ ଭୋଗହେବା କିଛି ଆବଶ୍ୟକ ନାହିଁ। ତାଙ୍କ ସ୍ତ୍ରୀଙ୍କର କିନ୍ତୁ କଦଳୀ ଭୋଗ ନକଲେ ନହୁଏ ।

ସ୍ୱା- ଦୁଇଟାଯାକ କଥାରେ ତ କିଛି ଅସୁବିଧା ନାହିଁ।

ସ୍ତ୍ରୀ- ମୁଁ ବି ଠିକ୍ ଏଇ କଥା କହିଲି। ଗୋଟେ କି ଦୁଇଟା କଦଳୀ ଠାକୁରଙ୍କୁ ଭୋଗ ଦେଉଛନ୍ତି।ଏଥିରେ ପ୍ରତିବାଦ କରିବାର କ'ଣ ଅଛି ? ତା'ଛଡା ଯଦି ଜଣେ ପ୍ରତିବାଦ କରୁଛି ଅନ୍ୟଜଣକ ସେ'କାମଟା ଲୁଚେଇକି କରିବା ମଧ କ'ଣ ଦର୍କାର ?

ସ୍ୱା- ଆଃ ! ଏଇ ଚିନ୍ତାଧାରା ଯଦି ସମସ୍ତଙ୍କର ରହନ୍ତା ନା ଘର ସ୍ୱର୍ଗ ବନିଯାଆନ୍ତା ।

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୬୧୫୬୮୫୩୨

# କେଉଁ କାମ ଛୋଟ ନୁହେଁ

ବିନୋଦିନୀ ଗଉଡ଼





ସେଦିନ ଭୁବନେଶ୍ୱର ରୁ ଘରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ନଇଁ ଆସିଲାଣି।ଭାଇ, ଭାଉଜ, ପିଲାମାନେ ବାବାଙ୍କ ସହିତ ଗାଁକୁ ଯାଇଛନ୍ତି, ଫେରିନାହାଁନ୍ତି ଏପର୍ଯ୍ୟନ୍ତ। ପିଲାମାନଙ୍କ କୋଳାହଳ ହିଁ ଜୀବନରେ ଉତ୍ସାହ ଭରିଦିଏ, ସେମାନଙ୍କ ବିନା ଶୂନଶାନ୍ ଘର ନିର୍ଜୀବ ଚିତ୍ରପଟ୍ଟ ପରି ଲାଗେ। ଚା' ପିଇବା ଭିତରେ ରବିବାର ସମାଜ ପୃଷ୍ଠାରେ ଆଖି ବୁଲେଇ ଆଣୁଥିଲା ବିନୀତା। ବାହାର ଦରଜାରେ ଖଡଖାଡ୍ ଶବ୍ଦ ଶୁଣି ଚାହିଁ ଦେଖିଲା ସେ, ମଧ୍ୟବୟସ୍କା ସ୍ତ୍ରୀଲୋକଟିଏ,ସୁନ୍ଦରବେଶଭୂଷା ହୋଇ, ହାତରେମୋବାଇଲଟିଏଧରି ଠିଆ ହୋଇଛି। ଅଚିହ୍ନା ମୁହଁରେ ପରିଚିତ ହସ ଧାରେ ଖେଳାଇ ପଚାରିଲା -

"ଗାଁ ରୁ ଫେରି ନାହାଁନ୍ତି କି ଝିଅ"?

-"ହଁ, କଣ କାମଥିଲା"?

ବିନୀତାର କଥାଶୁଣି ଦ୍ୱନ୍ଦରେ ପଡ଼ିଗଲା ସ୍ତ୍ରୀ ଲୋକଟି, ସିଏ ବି ପ୍ରଥମ ଥର ଦେଖୁଛି ତାଙ୍କୁ, ଥିରିଥିରି ଗଳାରେ କହିଲା -

"ମୁଁ ଘରକାମ କରିବାକୁ ଆସିଥିଲି।"

କବାଟ ଖୋଲିବା ପରେ ଭିତରକୁ ପଶି ଆସିଲା ସେ ସହଜ ଭଙ୍ଗିରେ।

-ଇଏ ତା' ହେଲେ ତାଙ୍କ ନୂଆ କାମବାଲି!

ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲା ବିନୀତା ତା' ଚଲାପଥକୁ। ବାସନମଜା ସାରିକେତେବେଳୁ ଚାଲିଗଲାଣି ସିଏ। ବାବା ଆଉ ପିଲାମାନେ ପହଞ୍ଚିବାପରେ ବ୍ୟଗ୍ର ହୋଇ ଭାଉଜକୁ ପଚାରିଲା ସେଇ କାମବାଲୀ କଥା। ସେମାନଙ୍କ କଥୋପକଥନର ସାରାଂଶ ଥିଲା ଠିକ୍ ଏହିପରି।

-ଚମ୍ପା ମାଉସୀ ଭଡ଼ାରେ ରହେ ପାଖ ସାହିରେ। ତା' ସ୍ୱାମୀ କେଉଁ ଏକ କଣ୍ଟ୍ରାକ୍ଟର୍ ପାଖରେ କାମ କରେ। ଦୁଇ ପୁଅ, ଝିଅ ଉଭୟ ପାଠପଢ଼ା ସାରି ଚାକିରୀ କଲେଣି। ଝିଅର ସରକାରୀ ଚାକିରୀ ଆଉ ପୁଅ ଇଞ୍ଜିନିୟର୍ ଅଛି

ପଞ୍ଜାବରେ। ଗାଁରେ ନିଜ ଘର, ଜମିବାଡ଼ି ସବୁ ଅଛି। ଏସବୁ ଶୁଣି ବିସ୍ମିତ ହୋଇ ପଡ଼ିଥିଲା ବିନୀତା। ଭଲ ଘରର ସ୍ତ୍ରୀ ଲୋକଟି, ତାଙ୍କର ପୁଣି ଅଭାବ କଣ ଯେ, ଏଇ ବାସନମଜା କାମ କରିବାକୁ ଚାହିଁଲା ସେ, ତା' ସ୍ୱାମୀ, ପିଲାମାନେ କେମିତି ପ୍ରତିବାଦ କଲେନି କିଛି। ଏମିତି ଅନେକ ପ୍ରଶ୍ନବାଚୀ ସହ ଅପେକ୍ଷାରତ ବିନୀତା। ସଂଧ୍ୟାବେଳେ ଚମ୍ପା ମାଉସୀ ସହ ବାର୍ତ୍ତାଳାପ ଭିତରେ ସେ ଆବିଷ୍କାର କରୁଥିଲା ଭିନ୍ନ ଏକ ନାରୀ ଚରିତ୍ରକୁ। ସେ ହସିହସି କହୁଥିଲା - " ପଚିଶି ବର୍ଷ ଧରି ଶାଶୁଘରେ ବୋହୂ ଭାବେ କଟେଇ ଦେଲି ମୋ ଜୀବନ। ସ୍ୱାମୀ,ଶଶୁରଙ୍କ ଉପାର୍ଜନକୁ ନେଇ ଗଢ଼ି ତୋଳିଲି ଘର ସଂସାର। ମୁଁ ତ ଅପାଠୋଇ, ପିଲାମାନେ କ'ଣ ପଢୁଛନ୍ତି, କୋଉଠି ପଢୁଛନ୍ତି କିଛି ଜାଣି ପାରୁ ନଥିଲି। କୂଅ ଭିତରେ ବେଙ୍ଗ ରହିଲା ପରି, ଯାବତୀୟ ଘରକାମ, ରୋଷେଇ, ଶାଶୁ, ଶଶୁରଙ୍କ ସେବାଯତ୍ନ ଭିତରେ ସରି ଯାଉଥିଲା ମୋ ଦିନରାତି। ସେମାନଙ୍କ ଦେହାନ୍ତ ପରେ, ପିଲାମାନଙ୍କ ପାଠପଢା, ସ୍ୱାମୀଙ୍କ ଚାକିରୀ ପାଇଁ ସମସ୍ତେ ଆସି ବ୍ରହ୍ମପୁରରେ ରହିଲୁ। ପ୍ରଥମଥର ଗାଁ ରୁ ସହରକୁ ଆସି ଭାରି ଖୁସି ଲାଗୁଥିଲା ମୋତେ। ପିଲାମାନେ କଲେଜ୍ ଆଉ ସ୍ୱାମୀ ତାଙ୍କ କାମରେ ବାହାରି ଯିବାପରେ, ମୋର ସମୟ କଟୁ ନଥିଲା ଜମା। ଦିନେ ଘରବାଲା ମାଉସୀଙ୍କ ଦେହ ଖରାପ ଯୋଗୁଁ ରୋଷେଇ କରିଦେଲି ତାଙ୍କ ଘରେ। ପୁଅଝିଅ ସବୁ ବାହାରେ ରହୁଥିଲେ, ଘରେ ବୁଢ଼ାବୁଢ଼ୀ ଦୁଇଟି। ସେଦିନର ସାହାଯ୍ୟ ଦେଖି ଖୁସି ହୋଇ ଅନୁରୋଧ କଲେ ତାଙ୍କ ଘରେ ରୋଷେଇ ତଥା ଘରକାମରେ ଟିକେ ସାହାଯ୍ୟ କରିବା ପାଇଁ। ଯେଉଁ ଦିନ ଘରବାଲା ମାଉସୀ ମୋ ପ୍ରଥମ ମାସର ଦରମା ବାବଦରେ ପାଞ୍ଚ ହଜାର ଟଙ୍କା ହାତରେ ଦେଲେ, ଖୁସିରେ ଲୁହ ଆସିଗଲା ମୋ ଆଖିରେ। ନିଜ ରୋଜଗାର ଟଙ୍କାର ଓଜନ କେତେ ଅନୁଭବ କରୁଥିଲି ସେଦିନ। ବାସ୍ ସେଇଦିନଠୁ ଆରମ୍ଭ ହୋଇଗଲା ଏକ ନୂଆ ଜୀବନ। ଘରବାଲା ମଉସା, ମାଉସୀଙ୍କ ପରେ ଆଉ ଜଣେ ମାଉସୀ ମିଳିଗଲେ। ସେ ବି ଏକୁଟିଆ ରହୁଥିଲେ, ପୁଅ ବୋହୂ ଅନ୍ୟ ରାଜ୍ୟରେ। ସେଇ ମାଉସୀଙ୍କ ଅନୁରୋଧ ଫଳରେ ତମ ଘରେ ବାସନ ଟିକେ ଧୋଇ ଦେଉଛି ଆସି ମାସେ ହୋଇଗଲା।

ଏ ଭିତରେ ଦୁଇ ବର୍ଷ ବିତି ଗଲାଣି। ଝିଅ ପଢ଼ା ସାରି ଚାକିରୀ ପାଇବା ପରେ କହିଥିଲା - "ମମି , ତମେ ଆଉ କାମ କରନି, ଯାହା ଟଙ୍କା ଦରକାର ମୁଁ ଦେବି।" ମୁଁ ରାଜି ହେଲିନି।

କାଲି ସକାଳେ ତା' ବାହାଘର ହୋଇଯିବ। ମୁଁ କାହିଁକି ତା' ଅର୍ଜନ କୁ ଚାହିଁ ରହିବି। ଖାଲିରେ ଘରେ ବସି କଣ କରିବି ଯେ ? ଦୁଇ/ତିନି ଘରେ ରୋଷେଇ କରି, ଘରକାମ କରି ଯାହା ପାଉଛି, ନିଜ ପସନ୍ଦର ଲୁଗାପଟା, ଚୁଡ଼ି,ଗହଣା ଟିକେ କିଣି ପାରୁଛି। ନିଜ ଟଙ୍କା ଖର୍ଚ୍ଚ କରିବାରେ ଯେଉଁ ଆନନ୍ଦ ତାହା କଣ ସ୍ୱାମୀ ଆଉ ପିଲାମାନଙ୍କ ପଇସାରେ ମିଳିବ?

ନିଜକୁ ଅଶିକ୍ଷିତ କହୁଥିବା ଚମ୍ପା ମାଉସୀ କେତେ ବଡ଼ ଶିକ୍ଷାଟିଏ ଦେଇ ଗଲେ ଆଜି - କେଉଁ କାମ ଛୋଟ ନୁହେଁ ଝିଅ, ଯେଉଁ କାମରେ ଅନ୍ୟର ଉପକାର ହୁଏ, ନିଜକୁ ଆନନ୍ଦ ମିଳେ, ସେଇ କାମ ହିଁ ତୁମ ପାଇଁ ପୂଜା। ଆଉ ନିଜ ପସନ୍ଦର ଜିନିଷ ନିଜ ରୋଜଗାରରେ କିଣିବା, କାହା ପାଖରେ ହାତ ପତେଇବା ନାହିଁ, ତମ ଭାଷାରେ ସ୍ୱାଭିମାନରେ ଜିଇଁବା, ମୁଁ ଠିକ୍ କହିଛି ନା' ଝିଅ। ହସିହସି ପଚାରୁଥିଲେ ଚମ୍ପା ମାଉସୀ। ତାଙ୍କ ପ୍ରତି ଶ୍ରଦ୍ଧା ଆଉ ସମ୍ମାନରେ ନଇଁ ଯାଉଥିଲା ବିନୀତାର ମଥା।

**କ୍ୱାଟର୍ ନଂ – ସି,୧-୧ / ୧,**
**ନ୍ୟୁ-ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର**
**ଫୋନ୍ ନଂ – ୯୪୩୭୩ ୩୭୯୫୫**

## କ୍ଲାସିକ୍ ଷ୍ଟୋରୀ

**ଶମ୍ଭୁନାଥ ରାଉଳ**





ସ୍ୱାଧୀନତାର କିଛି ବର୍ଷ ପୂର୍ବର ଘଟଣାରୁ ଆରମ୍ଭ ଏ କାହାଣୀର ପୃଷ୍ଠଭୂମି। ଏକ ଗ୍ରାମାଞ୍ଚଳର ଏକ ୧୪ ବର୍ଷ ବାଳକର ହଠାତ୍ ମନେହୁଏ ତା' ପାଇଁ ସେ ଗାଁରେ କିଛି କରିବାର ନାହିଁ। ତାକୁ କିଛି କରିବାକୁ ହେଲେ ଗାଁ ଛାଡ଼ି ସହରକୁ ଯିବାକୁ ହେବ ଭବିଷ୍ୟତର ସନ୍ଧାନରେ। ଘରେ ଯଦିଓ ଖାଇ ପିଇ ବଞ୍ଚିବାର କୌଣସି ସମସ୍ୟା ନଥିଲା ତଥାପି ତା' ମନରେ ଏଇ ଅଦ୍ଭୁତ ଚିନ୍ତାଧାରା ଆସିଥିଲା ଏବଂ ସେ ହଠାତ୍ ଏକ ମଧ୍ୟ ରାତ୍ରିରେ ସମସ୍ତଙ୍କ ଅଗୋଚରରେ ଘରୁ ବାହାରି ଯାଇଥିଲା।

ପୂର୍ଣ୍ଣିମା କିଛି ଦିନ ବାକି ଥିଲା। ଅଳ୍ପ ଅଳ୍ପ ଜହ୍ନ ଆଲୁଅରେ ପାଞ୍ଚ କିଲୋମିଟର ରାସ୍ତା ଚାଲି ଚାଲି ବସ ମିଳିବା ଜାଗାରେ ପହଞ୍ଚିଗଲା। ସକାଳର ପ୍ରଥମ ବସରେ ଯାଇ ସେ ପାଖ ସହରରେ ପହଁଞ୍ଚିଥିଲା ଏବଂ ସେଠାରୁ ଟ୍ରେନରେ ଯାଇ କଲିକତାରେ। କଲିକତା ସେତେବେଳେ ଓଡ଼ିଆମାନଙ୍କର ଏକ କର୍ମ ସଂସ୍ଥାନର ବୃହତ କ୍ଷେତ୍ର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବିଶେଷ କରି ଅଧା ପାଠୁଆ କିମ୍ବା ସମ୍ପୂର୍ଣ୍ଣ 'ଅ' ଅକ୍ଷର ଜାଣିନଥିବା ଲୋକମାନଙ୍କ ପାଇଁ ଏକ ସୁବର୍ଣ୍ଣ କ୍ଷେତ୍ର ରୂପେ ପରି ଗଣିତ ହେଉଥିଲା। ଯେଉଁ ବାଳକ ବିଷୟରେ ଚର୍ଚ୍ଚାର ଆରମ୍ଭ ହେଉଛି ଏକାହାଣୀରେ ତା'ର ନାମକରଣ ହେବା ଅପରିହାର୍ଯ୍ୟ। ବୁଦ୍ଧଦେବ ନାମରେ ତା'ର ପରିଚୟ କରାଯାଉ ଏବଂ ସେଇ ନାମରେ ହିଁ ସେ ଅଞ୍ଚଳରେ ପରିଚିତ ଥିଲା।

ବୁଦ୍ଧଦେବ ସମସ୍ତଙ୍କର ପ୍ରିୟପାତ୍ର ଥିଲା। ଘରେ ବାପା, ମାଆ, ଭାଇ ଓ ଭଉଣୀ ଏବଂ ଗାଁର ସମସ୍ତଙ୍କର। ଶାନ୍ତ ସରଳ ନିର୍ମାୟା। ଗାଁ ଚାଟଶାଳୀରେ ଯେତିକି ଶିକ୍ଷା ସେ ସମୟରେ ସେତିକି ନିଶ୍ଚୟ ସେ ଅର୍ଜନ କରିଥିଲା। ଘରେ, ଗାଁରେ ସମସ୍ତେ ଆଶ୍ଚର୍ଯ୍ୟରେ ଭାଙ୍ଗି ପଡ଼ିଥିଲେ। ଦୁଃଖରେ ମ୍ରିୟମାଣ ସାରା ପରିବାର ଅନେକ ଖୋଜିଥିଲେ। ଗାଁରୁ କଲିକତାରେ ଥିବା ଲୋକମାନଙ୍କୁ ପଚାରି ବୁଝୁଥିଲେ। ପ୍ରତିକ୍ଷଣରେ ଆଶା ରଖୁଥିଲେ ଏଇ ବୋଧେ ବୁଦ୍ଧଦେବ ଆସିଗଲା। ବୁଦ୍ଧଦେବ କିନ୍ତୁ ଫେରି ନଥିଲା ସହଜରେ। ଫେରିବାକୁ ତାକୁ ପ୍ରାୟ ସାତ ଆଠ ବର୍ଷ ଲାଗି ଯାଇଥିଲା। ସେତିକି ଦିନ ତା ବାପା ମାଆଙ୍କ ଆଖିରୁ ଲୁହ ଝରିବା କେବେ ବନ୍ଦ ହୋଇନଥିଲା।

ଯେମିତି ହଠାତ୍ ଘର ଛାଡ଼ିଥିଲା ସେମିତି ଦିନେ ସକାଳର ପ୍ରଥମ ସୂର୍ଯ୍ୟ କିରଣରେ ଘରକୁ ଆଲୋକିତ କରି ଫେରି ଆସିଥିଲା ବୁଦ୍ଧଦେବ। ସାଙ୍ଗରେ ଏକ ବଡ଼ ବେଡ଼ିଂ। ଯେଉଁଥିରେ ମିଲିଟାରୀ ପୋଷାକ ଓ କମ୍ବଳ

ଇତ୍ୟାଦି। ଚେହେରା ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ବାଳକ ବୁଦ୍ଧଦେବ ଯୁବକ ହୋଇସାରିଥିଲା। ମୁହଁରେ ଖୁବ ସୁନ୍ଦର କଳା କଳା ବଡ଼ ବଡ଼ ନିଶ। ଫୁଲ୍ ପ୍ୟାଣ୍ଟ, ଫୁଲ୍ ସାର୍ଟ ଓ ପାଦରେ ଫୁଲ୍ ସୁଜ। ବୁଦ୍ଧଦେବଙ୍କୁ ଖୁବ ମାନୁଥିଲା ଏ ସବୁ। ଘରେ ଅନେକ କାନ୍ଦ ବୋବାଳି ଏବଂ ଘର ବାହାରେ ବୁଦ୍ଧଦେବର ସାଙ୍ଗ ସାଥୀ ଗାଁର ସାହି ପଡ଼ିଶା ସମସ୍ତେ ଜମା ହୋଇଥିଲେ ବୁଦ୍ଧଦେବଙ୍କୁ ଦେଖିବା ପାଇଁ। କେବଳ ବୁଦ୍ଧଦେବର ଘରେ ନୁହେଁ ସାରା ଗାଁରେ ଚହଳ ପଡ଼ିଥିଲା ଏବଂ ଖୁସିର ଲହଡ଼ି ଖେଳି ଯାଇଥିଲା।

ବୁଦ୍ଧଦେବର କାହାଣୀ ଆସ୍ତେ ଆସ୍ତେ ଉନ୍ମୁକ୍ତ ହୋଇ ଗାଁରେ ଖେଳି ଯାଇଥିଲା। ବୁଦ୍ଧଦେବ ଗାଁରୁ ଯାଇ କିଛି ଦିନ କଲିକତାରେ ରହିବା ପରେ ସେତେବେଳର ଇଣ୍ଡୋ ବ୍ରିଟିଶ୍ ଆର୍ମିରେ ଜଏନ୍ କରିଥିଲା। ସେଠାରେ ସେ ମୋଟର ମେକାନିକ୍ କାମ ସହିତ କିଛି କିଛି ପଢ଼ାପଢ଼ି ମଧ୍ୟ କରି ପାରିଥିଲା। ମୋଟା ମୋଟି ସେ ଏକ ଦକ୍ଷ ମେକାନିକ୍ ହୋଇ ପାରିଥିଲା ଏବଂ ତା ସହିତ ଇଂରାଜୀ ଓ ହିନ୍ଦୀରେ ମଧ୍ୟ କାମଚଳା ଜ୍ଞାନ ଅର୍ଜ୍ଜନ କରିପାରିଥିଲା।

ଘରର ମୋହ, ମାୟା ଓ ମମତା ତାକୁ ମିଲିଟାରୀରେ ରହିବା ପାଇଁ ଦେଇନଥିଲା ତେଣୁ ସେ କୌଣସି ପ୍ରକାର ସେଥିରୁ ସବୁଦିନ ପାଇଁ ବିଦାୟ ନେଇ ଘରକୁ ଫେରି ଆସିଥିଲା। କିନ୍ତୁ ସେତେବେଳକୁ ସେ ସ୍ୱାବଲମ୍ବୀ ଓ ସ୍ୱାଧୀନ ଭାବରେ ନିଜକୁ ସୁଦୃଢ଼ କରି ସାରିଥିଲା।

ଗାଁରେ ଅଳ୍ପଦିନ ରହିବା ପରେ କର୍ମ ସନ୍ଧାନରେ ପୁଣି ସେ କଲିକତା ଫେରି ଯାଇଥିଲା। କଲିକତାରେ ଏକ ନାମକରା ବ୍ରିଟିଶ କମ୍ପାନୀରେ ସେ ମୋଟର ମେକାନିକ୍ ଭାବେ ଜଏନ୍ କରିଥିଲା ଏବଂ ଅନେକ ସୁନାମ ଅର୍ଜନ କରିଥିଲା। କମ୍ପାନୀର ସର୍ବୋଚ୍ଚ ଅଧିକାରୀ ତା' ଉପରେ ଖୁସି ହୋଇ ନିଜ ଘରର କାମ୍ପସ୍‌ରେ ରହିବା ପାଇଁ ଘର ଦେଇଥିଲେ।

ପରବର୍ତ୍ତୀ ସମୟରେ ସେ ବିବାହ କରିଥିଲା ଏକ ଯୋଗ୍ୟ ପାତ୍ରୀ ସହ। ବାହାଘର ବି ସେମିତି ମନେ ରଖିଲା ଭଳି। ଦୁଇଜଣ ବରପାତ୍ର ଏକ ସଙ୍ଗେ ପହଞ୍ଚି ଥିଲେ ବାହା ହେବା ପାଇଁ କିନ୍ତୁ ବୁଦ୍ଧଦେବର ଭାଗ୍ୟ ଡୋରି ବନ୍ଧା ହୋଇଥିଲା ମାଧବୀ ସହ। ମାଧବୀ ସହ ବୁଦ୍ଧଦେବର ବିବାହ ଏକ ସଫଳ ବିବାହର କାହାଣୀ। ମାଧବୀ ବୁଦ୍ଧଦେବର ଜୀବନରେ ଇନ୍ଦ୍ରଧନୁର ରଙ୍ଗ ବୋଳିଥିଲା। ମାଧବୀକୁ ବିବାହ ପରେ ବୁଦ୍ଧଦେବର ସବୁରେ ଉନ୍ନତି ଘଟିଥିଲା। ଘର କରିବା ଠାରୁ ଜମିଜମା କିଣିବା ଏବଂ ଘରର ସମସ୍ତ ଘରକରଣା ସୌଖୀନ ଜିନିଷ। ମାଧବୀକୁ କିଛିଦିନ ବୁଦ୍ଧଦେବ କଲିକତା ମଧ୍ୟ ନେଇ ଯାଇଥିଲା।

ପରେ ପରେ ବୁଦ୍ଧଦେବର ଦୁଇଟି ପୁତ୍ର ସନ୍ତାନ ମଧ୍ୟ ପ୍ରାପ୍ତ ହୋଇଥିଲା। ମୋଟା ମୋଟି ବୁଦ୍ଧଦେବ ଏକ ସଫଳ ଓ ସୁଖୀ ପରିବାର ଗଠନ କରିପାରିଥିଲା। ବୁଦ୍ଧଦେବ କଲିକତାରେ ରହି ବଙ୍ଗଳା ଓ ହିନ୍ଦିରେ ଅନେକ ଦକ୍ଷତା ହାସଲ କରିଥିଲା ଏବଂ ବଙ୍ଗଳା ବହି ଯଥା ପତ୍ରିକା, ଉପନ୍ୟାସ ଆଦି ଅନେକ ପଢା ପଢ଼ି କରୁଥିଲା। ଘରେ ଗଦା ଗଦା ବଙ୍ଗଳା ବହି। ଖୁବ୍ ସୁନ୍ଦର ବଙ୍ଗଳା ଓ ହିନ୍ଦିରେ କଥାବାର୍ତ୍ତା କରି ସମସ୍ତଙ୍କୁ ଖୁସି କରିପାରେ। ଘରକୁ ଆସି ଛୁଟିରେ ପୁଣି କଲିକତାକୁ ଫେରିଲା ବେଳେ ବଡ଼ ପୁଅ ସନତ୍ ଛୋଟ ବେଳେ ବହୁତ ଜିଦ୍ କରେ ବାପାଙ୍କୁ ନ ଛାଡ଼ିବା ପାଇଁ। ତାକୁ ଭୁଲାଇବା ପାଇଁ ତା ଆଗରେ ଅନେକ ପୁରୁଣା ବଙ୍ଗଳା ବହି ଧରେଇ ଦିଆଯାଏ। ସେ ବହି ସବୁ ଅଳ୍ପ ଦାମ୍‌ରେ ବୁଦ୍ଧଦେବ କିଣିଥାଏ। ସେ ବହିର ପୃଷ୍ଠା ଚିରୁ ଚିରୁ ବୁଦ୍ଧଦେବ ଘରୁ ବାହାରି ଯାଇଥାଏ।

ବୁଦ୍ଧଦେବ ସେତେବେଳେ ଏକ ଗ୍ରାମ୍‌ଫୋନ୍ କିଣିଥିଲା ଯାହା ତାଙ୍କ ଘରର ଶୋଭା ବର୍ଦ୍ଧନ କରିଥିଲା। ଦ୍ୱିପହରେ ଏବଂ ସନ୍ଧ୍ୟାରେ ଗ୍ରାମ୍‌ଫୋନ୍ ବଜାଯାଏ ଏବଂ ସାଇ ପଡ଼ିଶାର ଲୋକମାନେ ଏକତ୍ରିତ ହୋଇ ଶୁଣନ୍ତି। ଆଖପାଖ ଗାଁର ବାହାଘର ହେଲେ ବୁଦ୍ଧଦେବର ଅତି ଘନିଷ୍ଠ କେହି କେହି ଗ୍ରାମଫୋନ୍ ନେଇ ବାହାଘରର ସୌନ୍ଦର୍ଯ୍ୟ ବଢ଼ାଇ ଥାଆନ୍ତି।

ଏତେସବୁ ଭଲ ଚାଲିଥିଲା ବେଳେ ବୁଦ୍ଧଦେବ ହଠାତ୍ ଚାକିରୀ ଛାଡ଼ି କଲିକତାରୁ ଘରକୁ ଚାଲି ଆସିଥିଲା। ସେତେବେଳକୁ ଘରର ଦାୟିତ୍ୱ ବହୁତ ବଢ଼ିଗଲାଣି। ଦୁଇ ପୁଅ ପଢ଼ାପଢ଼ିରେ ଲାଗି ଗଲେଣି। ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ପତ୍ନୀ ମାଧବୀ ଖୁବ ମନଦୁଃଖ ଏବଂ ଚିନ୍ତାଗ୍ରସ୍ତ ହୋଇ ପଡ଼ିଥିଲା। କଲିକତା ଛାଡ଼ିବାର

କାରଣ ସ୍ପଷ୍ଟ ହୋଇପାରିନଥିଲା । କଲିକତା ଛାଡ଼ିବାର କାରଣ କ'ଣ ହୋଇପାରେ ଆଜି ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ । ଅଳ୍ପଦିନ ପରେ ପୁଣି ସେ କର୍ମ ସନ୍ଧାନରେ ରାଉରକେଲା ବାହାରି ଯାଇଥିଲା । ରାଉରକେଲାରେ ସେତେବେଳେ ଷ୍ଟିଲ୍‌ପ୍ଲାଣ୍ଟକୁ ଛାଡ଼ି ଅନେକ କଳ କାରଖାନା ନିର୍ମାଣ ହେଉଥିଲା । ବୁଦ୍ଧଦେବ ଯେହେତୁ ଜଣେ କୁଶଳୀ ମୋଟର ମେକାନିକ ଥିଲା ତାକୁ ପୁଣି ଏକ ଭଲ ବିଦେଶୀ କମ୍ପାନୀରେ ଚାକିରୀ ମିଳି ଯାଇଥିଲା । ସେଠାରେ ତାକୁ କମ୍ପାନୀ କ୍ୱାଟର୍ସ ମଧ୍ୟ ମିଳି ଯାଇଥିଲା । ଅଳ୍ପ କିଛି ମାସ ପରେ ପୁଣି ସେ ନିଜର ସମସ୍ତ ପରିବାରକୁ ସେଠାକୁ ନେଇ ଯାଇଥିଲା ।

ବୁଦ୍ଧଦେବ ଆଉ ନାହିଁ । ତା'ର ପିଲାମାନେ ଭଲ ମଣିଷ ହୋଇପାରିଛନ୍ତି । ବୁଦ୍ଧଦେବ ଯେଉଁ କାମ କରୁଥିଲେ ମଧ୍ୟ ବହୁତ ସୁନାମ ଅର୍ଜନ କରିଥିଲା, ଯେଉଁ ଜାଗାରେ କାମ କରୁଥିଲା ସେ ସବୁ ଜାଗାରେ, ନିଜ ଗାଁରେ ଏବଂ ପାଖ ଆଖ ଅଞ୍ଚଳରେ ମଧ୍ୟ । ମଣିଷର ବ୍ୟକ୍ତିତ୍ୱ କେବଳ ପେଷାକୁ ନେଇ ହୋଇନଥାଏ, ଅନେକ ଗୁଣର ସମାହାରରେ ଏକ ସତ୍ ଚରିତ୍ର ବ୍ୟକ୍ତିର ଗଠନ ହୋଇଥାଏ । ବୁଦ୍ଧଦେବ ସେମିତି ଏକ ବ୍ୟକ୍ତିତ୍ୱ ଥିଲା ।

ପରିପକ୍ୱ ବୟସରେ ବୁଦ୍ଧଦେବର ବଡ଼ ପୁଅ ଚେଷ୍ଟା କରିଛି ବାପାଙ୍କର ହଠାତ୍ କଲିକତା ଛାଡ଼ି ଆସିବାର କାରଣ ଜାଣିବା ପାଇଁ । ବୁଦ୍ଧଦେବ ଅନେକ ପ୍ରସଙ୍ଗରେ ପୁଅକୁ ବୁଝାଇବାକୁ ଚେଷ୍ଟା କରିଛି । ପୁଅ କିନ୍ତୁ ସନ୍ତୁଷ୍ଟ ହୋଇ ପାରିନି ବୁଦ୍ଧଦେବର ବୁଝେଇବାରେ । ବଡ଼ ପୁଅର ମନରେ ଏବେ ବି ବେଳେବେଳେ ସେ ପ୍ରଶ୍ନ ଉଠେ ଏବଂ ବୁଦ୍ଧଦେବ କହିଥିବା ପ୍ରସଙ୍ଗ ସବୁକୁ ସଂଯୋଗ କରି ଅର୍ଥ ବାହାର କରିବାକୁ ଚେଷ୍ଟା କରେ ।

ବୁଦ୍ଧଦେବ କିନ୍ତୁ ସବୁବେଳେ ସେମିତି ଏବଂ ତାର ପ୍ରତିଟି ନିର୍ଣ୍ଣୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରେ । ୧୪ ବର୍ଷ ବୟସରେ ଘର ଛାଡ଼ି ଚାଲିଯିବା ଯେମିତି ଆଶ୍ଚର୍ଯ୍ୟନକ, ମିଲିଟାରୀରୁ ହଠାତ୍ ଚାଲି ଆସବା ସେମିତି ଆଶ୍ଚର୍ଯ୍ୟନକ ଏବଂ କଲିକତା ହଠାତ୍ ଛାଡ଼ି ଆସିବା ସବୁ ଏକ ପ୍ରକାର ନିର୍ଣ୍ଣୟ । ବୁଦ୍ଧଦେବ କିନ୍ତୁ ତାର ନିର୍ଣ୍ଣୟରେ କେବେ ସମସ୍ୟାର ସମ୍ମୁଖୀନ ହୋଇ ନାହିଁ । ଏହା ଈଶ୍ୱରଙ୍କର ସଂଯୋଗ ହେଉ କିମ୍ବା ଭାଗ୍ୟର କି କର୍ମର ଫଳ ହେଉ ବୁଦ୍ଧଦେବ ସବୁକୁ ପାର କରିଛି ଏକ ସଫଳ ବ୍ୟକ୍ତିତ୍ୱର ପରିଚୟ ଦେଇ ।

ଭୁବନେଶ୍ୱର
ମୋ:୯୩୩୮୦୧୧୧୮୩



# ସୁନାବେଡ଼ାର ଗୁମର କଥା

ପ୍ରମୋଦ କୁମାର ମହାପାତ୍ର





ଉଠାଣି ଗଡ଼ାଣି ଦେଇ ଆଗକୁ ଧାଉଁଥାଏ ଆମ ଗାଡିଟି।ଆଖି ଆଗରେ କେବଳ ପାହାଡ଼ିଆ ଘୁମନ୍ତ ଘାଟି, ଘଞ୍ଚ ଜଙ୍ଗଲର ସବୁଜ ସାମିଆନା, ନିରବ ଉପତ୍ୟକା ଓ  ବିସ୍ତୀର୍ଣ୍ଣ ମାଳଭୂମି। ନିର୍ଜନ ରାସ୍ତା,କାଁ ଭାଁ କେତେବେଳେ ଗୋଟିଏ ଦୁଇଟି ଦୁଇଚକିଆ ଗାଡ଼ି,ଠାଏଁ ଠାଏଁ  କିଛି ମୁଲିଆ ଧରି ରାସ୍ତା କଡ଼ ଶୁଖିଲା ଘାସଲଟା ସଫା କରିବାରେ ବ୍ୟସ୍ତ ଜଙ୍ଗଲ ବିଭାଗର କର୍ମଚାରୀ, ଛୋଟିଆ ଛୋଟିଆ ଗାଁ, ବଜାର ପ୍ରାଙ୍ଗଣ,ମଝିରେ ମଝିରେ ପଇଁତରା ମାରୁଥିବା ସଶସ୍ତ୍ର ସୁରକ୍ଷା ଯବାନ ଓ ତାଙ୍କ ବେସ୍ କେମ୍ପ ନଜର ଆସୁଥିଲା।ଏମିତି କିଛି ସମୟ ପରେ ପିଚୁ ରାସ୍ତା ସରି ଆରମ୍ଭ ହେଲା କଚ୍ଚା, ମୋରମ ରାସ୍ତା ତାପରେ  କେବଳ ଘାଟି ପର ଜଙ୍ଗଲ ଉପତ୍ୟକାର  ଖୋଲା ଟାଙ୍ଗରା ରାସ୍ତା।ମାଘ ମାସର ସୁଆଦିଆ ଖରା.. ମୁଁ ଗାଡ଼ିର ଏ ସି ବନ୍ଦ କରି ଝରକା ଅଳ୍ପ ଖୋଲିଦେବା ପାଇଁ ଡ୍ରାଇଭରକୁ କହିଲି । ଆଃ... ତାଜା ପବନ ଝଲକାଏ ପଶିଆସି ଦେହମନକୁ ସତେଜ କରିଦେଲା.. "ଏହାକୁ ମନଭରି ଆଘ୍ରାଣ କର, ଭରପୁର ଶୋଷିନିଅ ଏହା ହେଉଛି ନିଛକ ବିଶୁଦ୍ଧ ଅମ୍ଳଜାନ ସମୃଦ୍ଧ ବାୟୁ.. କାହିଁ ରାଜଧାନୀର ସାଙ୍ଘାତିକ ତିନିଶହ ଉପରେ ଏୟାର କ୍ୱାଲିଟି ଇଣ୍ଡେକ୍ସ୍ ଆଉ ଏଠି ନିର୍ମଳ, ସ୍ୱାସ୍ଥ୍ୟପ୍ରଦ ବାୟୁମଣ୍ଡଳ!" ସମସ୍ତେ ଆନନ୍ଦରେ କୁରୁଳି ଉଠିଲେ।ପ୍ରାୟ ୬୦୦ ବର୍ଗ କିମି ବ୍ୟାପ୍ତ  ସୁନାବେଡ଼ା ଅଭୟାରଣ୍ୟଟି କେବଳ ନୂଆପଡ଼ା ଜିଲ୍ଲା ନୁହଁ ଓଡିଶା ପାଇଁ  ପ୍ରକୃତିର ଏକ ବରଦାନ।ଛତିଶଗଡ ସୀମାନ୍ତ ହୋଇଥିବାରୁ ଏକଦା ସୁନାବେଡ଼ା ଅଭୟାରଣ୍ୟ ଥିଲା ମାଓବାଦୀଙ୍କ ଅବାଧ ବିଚରଣ ସ୍ଥଳୀ।ମାଓମୁକ୍ତ ଅଭିଯାନ ଶେଷ ପର୍ଯ୍ୟାୟରେ ଥିଲେ ବି ସତର୍କତା ଦୃଷ୍ଟିରୁ ସୁରକ୍ଷା ପାଇଁ  ଏକ ମୋଟର ସାଇକେଲରେ ଆଗରେ ଯାଉଥିଲେ ଗୁଳିଭରା ପିସ୍ତଲଧାରୀ ଦୁଇଜଣ ସ୍ୱତନ୍ତ୍ର ଯବାନ ସାଧା ପୋଷାକରେ।ଆମେ  ଦୂରସଂଚାର ବିଭାଗ, ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀ ଓ  ରାଜ୍ୟ ପ୍ରଶାସନର ସ୍ଥାନୀୟ ଅଧିକାରୀ ମିଶି ମୋଟ ଛଅ ଜଣ ଗୋଟିଏ ଚାରିଚକିଆ ଗାଡ଼ିରେ ତାଙ୍କୁ ଅନୁଧାବନ କରୁଥିଲୁ।କେନ୍ଦ୍ର ସରକାରଙ୍କ ଏକ ବିଶାଳ ପରିଯୋଜନା ଅନୁସାରେ ମାଓ ଉପଦ୍ରବ

ତଥା ଏ ପର୍ଯ୍ୟନ୍ତ ଡିଜିଟାଲ କନେକ୍ଟିଭିଟିରୁ ଦୂରରେ ଥିବା ଆକାଂକ୍ଷୀ ଜିଲ୍ଲା ଗୁଡ଼ିକର ଅତି ପଛୁଆ ଗ୍ରାମାଞ୍ଚଳରେ 'ଫୋର ଜି' ମୋବାଇଲ ସେବା ପହଂଚାଇବା ପାଇଁ କ୍ଷେତ୍ର ପରିଦର୍ଶନ କ୍ରମରେ ନୂଆପଡ଼ା ଜିଲ୍ଲାର କିଛି ଗ୍ରାମ ସର୍ବେକ୍ଷଣ କରିବା ଏହି ଗସ୍ତର ଉଦେଶ୍ୟ।'ଫୋର ଜି' ସେବା ଆରମ୍ଭ ହେଲେ ଏଭଳି ଅବହେଳିତ ଅଂଚଳରେ ଡିଜିଟାଲ ବିଭାଜନ ସମାପ୍ତ କରିବା ପାଇଁ ସରକାରଙ୍କ ଏକ ବ୍ୟାପକ ପ୍ରୟାସର ଅଂଶବିଶେଷ।

ରାସ୍ତାରେ ପଡ଼ିଲା ସୁନାବେଡ଼ା ଗ୍ରାମ। ଏଠିକାର ଆରାଧ୍ୟା ଦେବୀ 'ସୁନାଦେଈ'ଙ୍କ ଏକ ଭବ୍ୟ ମନ୍ଦିର ଏହି ଗ୍ରାମରେ ପ୍ରତିଷ୍ଠିତ।ଶୁଣିଲୁ ପ୍ରତିବର୍ଷ ଦୁର୍ଗାପୂଜା ସମୟରେ ଦେବୀଙ୍କ ଉଦେଶ୍ୟରେ ହୁଏ 'ଦଶରା ଯାତରା'ଯାହା ସ୍ଥାନୀୟ ଲୋକଙ୍କ ମୁଖ୍ୟ ଆକର୍ଷଣ ଏବଂ ଖୁବ ଭକ୍ତି ଭରେ, ଜାକଜମକରେ ପାଳନ କରାଯାଏ।ଆମେ ଦେବୀଙ୍କ ଉଦେଶ୍ୟରେ ପ୍ରଣାମ କରି ଆଶୀର୍ବାଦ ଭିକ୍ଷାକରି ଆଗକୁ ବଢ଼ିଲୁ।

ସୁନାବେଡ଼ା ଅଭୟାରଣ୍ୟ ପୂର୍ବଘାଟ ପର୍ବତମାଳାର ଅଂଶ, ଶୁଷ୍କ ପତ୍ରଝରା ଉଷ୍ଣ କଟିବନ୍ଧିୟ ବଣ ଓ ଅନେକ ଜୈବ-ବିବିଧତାରେ ପରିପୂର୍ଣ୍ଣ।ଏହା ଭିତରେ ପ୍ରାୟ ୬୪ ଟି ଗ୍ରାମର କୋଡ଼ିଏ ହଜାର ଲୋକ ବସବାସ କରନ୍ତି।ବିଭିନ୍ନ ପ୍ରକାର ବନ୍ୟ ଜୀବଜନ୍ତୁ, ବିସ୍ତୀର୍ଣ୍ଣ ମାଳଭୂମି, ଉପତ୍ୟକା ଏବଂ ମନୋମୁଗ୍ଧକର ଜଳପ୍ରପାତ ଏଠିକାର ବିଶେଷ ଆକର୍ଷଣ।ମହାନଦୀର ଏକ ଉପନଦୀ ଜୋଙ୍କ ନଦୀର ଉତ୍ପତ୍ତି ସ୍ଥଳ ଏହି ଜାଗାରେ। ଇନ୍ଦ୍ର ନାଳା ଓ ଉଦନ୍ତୀ ନଦୀ ବି ଏହାର ଦକ୍ଷିଣ ପଟରୁ ବାହାରିଛି। ଛୋଟ ବଡ଼ କରି ପ୍ରାୟ ଏଗାରଟି ଜଳପ୍ରପାତ ଥିଲେ ବି ତିନୋଟି ପ୍ରମୁଖ ଜଳପ୍ରପାତ ହେଉଛି ଗୋଧାସ୍, ବେନିଆଧାସ୍ ଏବଂ ଖରଲଧାସ୍। ଏ ଗୁଡ଼ିକର ଦୃଶ୍ୟ ଅତ୍ୟନ୍ତ ମନୋରମ। ସମୟର ସ୍ୱଳ୍ପତାରୁ ଆମେ ଦେଖି ପାରିଲୁ କେବଳ ଖରଲଧାସ୍। ଏହାକୁ ସୁନାବେଡ଼ା ଅଭୟାରଣ୍ୟର 'ଗୁପ୍ତଧନ' କହିଲେ ଅତ୍ୟୁକ୍ତି ହେବନାହିଁ। ଘର୍ଘର ନାଦ କରି ଆବଡ଼ା ଖାବଡ଼ା ପଥର ଚଟାଣ ଦେଇ ଉପରୁ ଗଡ଼ି ଆସୁଥିବା ପାଣିଧାର ହଠାତ ଲମ୍ଫ ପ୍ରଦାନ କରେ ୧୫୦ ଫୁଟ ତଳକୁ, ସୃଷ୍ଟି ହୁଏ ଜଳୀୟ ବାଷ୍ପର ଧୂମ ବଳୟ।ପଥର ସନ୍ଧିରେ ଅର୍ଦ୍ଧ-ଗୋଳାକୃତି ଆକାର ଧାରଣ କରି ତଳକୁ ପାଣି ଧାର ପଡିବାର ଦୃଶ୍ୟ ଅବଲୋକନ କରିବା ବାସ୍ତବିକ ଏକ ବିରଳ ଅନୁଭବ।ଦୁରକୁ ଦୁରକୁ କେବଳ ଦେଖା ଯାଉଥାଏ ନଦୀର ଗଭୀର ଖାଇ, ହାତୀ ସମାନ ପଥର, ପଥର ଚଟାଣର ପାଚେରୀ, ସୁଉଚ୍ଚ ଜଙ୍ଗଲୀ ବୃକ୍ଷ, ନାନାବିଧ ଲତା, ସବୁଜିମା ଭରା ଉପତ୍ୟକା ଓ ଧାଡ଼ି ଧାଡ଼ି ପାହାଡ଼ ମଥାନ। ବର୍ଷା ଦିନେ ତ ଏହାର ସୌନ୍ଦର୍ଯ୍ୟ ହୋଇଯାଏ ବହୁଗୁଣିତ। ଜୀବନରେ କେବେ ନ ଦେଖିଥିଲେ ବି ଭାବିଲି ଆମେରିକାର ନାଏଗ୍ରା ଫଲ୍ କ'ଣ ଏହାଠୁଁ ବେଶି ରମଣୀୟ ହୋଇଥିବ?

ଏହା ବ୍ୟତିରେକ ବାରାସିଂହା ହରିଣ ଓ ବିରଳ ପ୍ରଜାତି ବଣମହିଷୀ ପାଇଁ ଏହି ଅଭୟାରଣ୍ୟଟି ପ୍ରସିଦ୍ଧ। ବାଘ, ଚିତା ବାଘ, ଭାଲୁ, ମାଙ୍କଡ ପ୍ରଜାତି ବି ବହୁଳ ପରିମାଣରେ ଦେଖାଯାନ୍ତି। ସେହିପରି ପେଚା, କପୋତ, ଗିଧ, ଇଗଲ ଆଦି ପ୍ରାୟ ଦୁଇଶହ ପ୍ରକାର ପକ୍ଷୀ ପ୍ରଜାତି ବି ଏଠି ଚିହ୍ନଟ କରାହୋଇଛି । ଏହାକୁ ଏକ 'ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର'କରିବା ପାଇଁ ପ୍ରସ୍ତାବ ନୀତିଗତ ଦୃଷ୍ଟିରୁ ନ୍ୟାସନାଲ ଟାଇଗର କନଜର୍ଭେସନ୍ ଅଥୋରିଟୀଙ୍କ ମଞ୍ଜୁରୀ ମିଳିସାରିଛି, ସରକାରୀ ଘୋଷଣାନାମା ପାଇଁ କେବଳ ଅପେକ୍ଷା।ଏମିତି ହେଲେ ଅଭୟାରଣ୍ୟର କଳେବର ଆହୁରି ବୃଦ୍ଧିପାଇ ପ୍ରାୟ ୯୫୭ ବର୍ଗ କିମି ହେବ।

ନୂଆପଡ଼ା ଜିଲ୍ଲା ସଦର ମହକୁମାର ପଶ୍ଚିମରେ ସୁନାବେଡ଼ା ଅଭୟାରଣ୍ୟରୁ ଜୋଙ୍କ ନଦୀ ବାହାରି ଉତ୍ତର ଦିଗକୁ ଗତିକରି ଇତିହାସର

ସନ୍ତକ ମାରାଗୁଡ଼ା ଉପତ୍ୟକାରେ ପ୍ରବେଶ କରି ଖଡ଼ିଆଳ ରୋଡ଼ ପରେ ସୌରୀନାରାୟଣ ଠାରେ ମହାନଦୀରେ ମିଶିଛି।ମାରାଗୁଡ଼ା ସଭ୍ୟତା ଅତି ପ୍ରାଚୀନ, ଚତୁର୍ଥ-ସପ୍ତମ ଶତାବ୍ଦୀର ବୋଲି ଇତିହାସ କହେ।ମହେଞ୍ଜୋଦାରୋ-ହରପ୍ପା ପରି ଏହା ଧନୀ, ସମୃଦ୍ଧ ଓ ଐତିହ୍ୟ ସମ୍ପର୍ଣ୍ଣ। ପ୍ରତ୍ନତାତ୍ତ୍ୱିକ ଖନନରେ ପ୍ରସ୍ତର ଯୁଗର ଟାଙ୍ଗିଆ ଆବିଷ୍କୃତ ହୋଇଛି। ଏକଦା ଶତବହାନ, କଲାଚୁରି, ସୋମବଂଶୀ, ପାଣ୍ଡୁବଂଶୀ, କୁଶାଣ,ସରଭପୁରୀୟ ଓ ଚୌହାନ ବଂଶର ରାଜା ମାନେ ଏଠି ଶାସନ କରୁଥିଲେ। ଏଠାରେ ଶୈବ,ଶାକ୍ତ ବୌଦ୍ଧ, ଜୈନ, ବୈଷ୍ଣବ ଆଦି ପରମ୍ପରା ଚାଲୁଥିଲା ବୋଲି ଇତିହାସରେ ବର୍ଣ୍ଣିତ । ରାଜ୍ୟ ଓ ରାଜା ମାନେ ଧନୀ, ସମୃଦ୍ଧ ଓ ସ୍ୱର୍ଣମୁଦ୍ରାର ପ୍ରଚଳନ ଥିବା ପ୍ରତ୍ନତାତ୍ତ୍ୱିକ ଖନନରୁ ପ୍ରମାଣିତ ହୋଇଛି।୧୯୭୪-୮୪ ମଧ୍ୟରେ ହୋଇଥିବା ଏହି ପ୍ରତ୍ନତାତ୍ତ୍ୱିକ ଖନନରୁ ରାଜା ମହଲ, ରାଣୀ ମହଲ, ରାଜ ଦରବାରର ଧ୍ୱଂସାବଶେଷ ଆଜି ସେହି ସ୍ୱର୍ଣ୍ଣିମ ଇତିହାସର ମୂକସାକ୍ଷୀ ପାଲଟିଛି! ଏକଦା ଏହା କୋସଳ ରାଜ୍ୟର ରାଜଧାନୀ ଥିଲା ବୋଲି ଐତିହାସିକ ତଥ୍ୟ ମିଳିଛି।୬୩୦-୬୪୫ ମସିହାରେ ଭାରତ ଭ୍ରମଣ କରିଥିବା ଚୀନ ପରିବ୍ରାଜକ ହୁଏନସାଂ ଏହି ସହରକୁ 'କୋସଳ ସାମ୍ରାଜ୍ୟର ରାଜଧାନୀ' ରୂପେ ବର୍ଣ୍ଣନା କରିଛନ୍ତି।ବର୍ତ୍ତମାନ କିନ୍ତୁ ଏହି ମାରାଗୁଡ଼ା ସଭ୍ୟତାର ଅଧିକାଂଶ ଭଗ୍ନାବଶେଷ ପତୋରା ଅପର୍ ଜୋଙ୍କ ପ୍ରୋଜେକ୍ଟରେ ଜଳ ସମାଧିରେ ଅସ୍ତିତ୍ୱ ହରାଇବା ଉପରେ,ବାକି ଯାହା ରହିଛି ତା'ର ଉଚ୍ଚତର ଗବେଷଣା, ଗଭୀର ଅଧ୍ୟୟନ ଓ ସଂରକ୍ଷଣ ଅତ୍ୟନ୍ତ ଜରୁରି।


ଆଜିର ଏଗାରଟି ଜିଲ୍ଲାକୁ ନେଇ କୁହାଯାଉଥିବା ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର କିଛି ଅଂଶ ଏକଦା ଏହି କୋସଳ ରାଜ୍ୟର ଅଂଶ ଥିଲା। ମହାନ ଏହାର ସଭ୍ୟତା,ସଂସ୍କୃତି ଓ ଭାଷା। ଖରିଆରରେ ଜନ୍ମିତ ପ୍ରଖ୍ୟାତ ବିଦ୍ୱାନ, ଭାଷାବିତ୍, ଗବେଷକ ତଥା 'କୋସଳୀ ଭାଷାର ଜନକ' ହିସାବରେ ଲୋକପ୍ରିୟ ପ୍ରୟାଗ ଦତ୍ତ ଯୋଶୀ ଏହି ଅଂଚଳର କଥିତ ସମ୍ବଲପୁରୀ ବା କୋସଳୀ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେଇ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବାକୁ ପ୍ରଥମେ ୧୯୮୬ ମସିହାରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେଇଥିଲେ।ଏହି ଭାଷାର ଅନେକ ଚମତ୍କାର ଶବ୍ଦ ଓଡ଼ିଆ ଅଭିଧାନରେ ସମାବେଶିତ କଲେ ଆମର ଓଡ଼ିଆ ଭାଷା ଆହୁରି ସମନ୍ୱିତ,ଆଦୃତ ଓ ସଶକ୍ତ ହେବ ବୋଲି ଅନେକ ବୁଦ୍ଧିଜୀବୀଙ୍କ ମତ।


ସୌନ୍ଦର୍ଯ୍ୟ,ଜୈବ ବିବିଧତା ଓ ଐତିହ୍ୟର ଗନ୍ତାଘର ସୁନାବେଡ଼ା ଅଭୟାରଣ୍ୟ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀର ସମ୍ପୂର୍ଣ ସମ୍ଭାବନା ଥିଲେ ବି ରହିଯାଇଛି ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକ ମାନଙ୍କ ଦୃଷ୍ଟି ଉହାଡ଼ରେ,ଅଗୋଚରରେ। ସବୁଦୁନିଆ ରାସ୍ତାଘାଟ, ଗମନାଗମନ,ଦୋକାନ ବଜାର, ଖାଇବା ଓ ରହିବା ପାଇଁ ହୋଟେଲ ବ୍ୟବସ୍ଥା, ପ୍ରକୃତି ନିବାସ, ଜୀବଜନ୍ତୁକୁ ରାତିରେ ଦେଖିବା ପାଇଁ ୱାଚ୍ ଟାୱାର,ଯାତ୍ରୀଙ୍କ ସୁରକ୍ଷା ଆଦି ସର୍ବନିମ୍ନ ଆବଶ୍ୟକତାର ଭିତ୍ତିଭୂମି ସଜଡ଼ା ଗଲେ ନିଶ୍ଚିତ ଭାବେ ପର୍ଯ୍ୟଟକ ଆକୃଷ୍ଟ ହେବେ। ଏ ବାବଦରେ ପ୍ରଶାସନ ସହିତ ସ୍ଥାନୀୟ ଲୋକଙ୍କ ସହଯୋଗ,ସାମାଜିକ ଓ ଗଣ ମାଧ୍ୟମର ପ୍ରଚାର ଓ ପ୍ରସାର ବି ନିହାତି ଆବଶ୍ୟକ। ସେହିପରି ବ୍ୟାପକ ଜଙ୍ଗଲ ନିଆଁ, ଜଙ୍ଗଲଜାତ ଦ୍ରବ୍ୟ ଚୋରାଚାଲାଣ, ଅବାଧ ବନ୍ୟପ୍ରାଣୀ ଶିକାର, ଅନଧିକାର ଜମି ଅଧିଗ୍ରହଣ, ଅବୈଧ ବସ୍ତି ନିର୍ମାଣ, ସନ୍ଦେହ ଜନକ ନକ୍ସଲ୍ ଗତିବିଧି ବିରୁଦ୍ଧରେ ନିର୍ଣ୍ଣାୟକ ପଦକ୍ଷେପ ଓ ବିପୁଳ ଜନ ସଚେତନତାର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ।

ଅସ୍ତାଚଳଗାମୀ ସୂର୍ଯ୍ୟ ପଶ୍ଚିମ ଆକାଶରେ ମନୋରମ ବର୍ଣ୍ଣଛିଟା ପ୍ରସ୍ତୁତ କରୁଥିଲେ।ପାହାଡ଼ କନ୍ଦରରୁ ନିଗିଡ଼ି ଆସୁଥିବା ମନ୍ଦ ମନ୍ଦ ହେମାଳ ପବନରେ ଶିହରି ଉଠୁଥିଲା ଦେହ।ନୀଡ଼ଫେରନ୍ତା ପକ୍ଷୀ ମାନଙ୍କ କିଚିରିମିଚିରି ସ୍ୱନ ଓ ପରସ୍ପର ଛନ୍ଦାଛନ୍ଦି ବୃକ୍ଷଲତାର ଦୋଳାୟମାନ ଶାଖା ପ୍ରଶାଖା ସୃଷ୍ଟି କରୁଥିଲା ଏକ ବିଦାୟୀ ସଂଗୀତର ସରଗମ୍। 'ସନ୍ଧ୍ୟା ହେବା ଆଗରୁ ଏ ଭିତରୁ ବାହାରି ଯିବା ଉଚିତ ହେବ ଆଜ୍ଞା' - ସୁରକ୍ଷା ଯବାନ ଅଧିକାରୀ ଚେତେଇ ଦେଲେ ଅତି ବିନଂମ୍ରତାର ସହିତ।

ସନ୍ଧ୍ୟା ନଇଁ କ୍ରମେ ଘୋର ଅନ୍ଧକାରର ଶୀତଳ ଗ୍ରାସରେ ଅଦୃଶ୍ୟ ହୋଇ ଯାଉଥିଲା ସୁନାବେଡ଼ା ଅଭୟାରଣ୍ୟ; ଅପେକ୍ଷା କରୁଥିଲା ଅନେକ ସମ୍ଭାବନାର ପ୍ରତିଶୃତି ଭରା ଗୋଟିଏ ନୂତନ ସୂର୍ଯ୍ୟୋଦୟକୁ!!

କନ୍ସଲଟାଣ୍ଟ, ଦୂରସଞ୍ଚାର ବିଭାଗ,
ଭାରତ ସରକାର, ଭୁବନେଶ୍ୱର
ମୋ:୯୦୪୦୯୭୭୩୨୭



# ଘର ଭଡ଼ା

ସ୍ନିଗ୍ଧା ଜି. ମିଶ୍ର





ସୁନୀତିଙ୍କ ଭଡାଘରଟି ଏଇ ଏବେ ଏବେ ଖାଲି ହୋଇଥାଏ। ଜଣେ କମ୍ପାନୀର ଇଂଜିନିୟର ସପରିବାର ରହୁଥିଲେ।ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେବାସମୟରେ ସେ ବହୁତ ମନଦୁଃଖ କରୁଥାନ୍ତି.. ଗଲା ବେଳେ କହିଲେ ଆମେ କେବେ ଆପଣଙ୍କୁ ଭୁଲି ପାରିବୁନି ସତରେ ଆମେ ଶୁଣିଥିଲୁ କଳା ସଂସ୍କୃତିର ସହର ବାରିପଦା ଯେମିତି ଏଠାକାର ଲୋକ ମାନେ ମଧ୍ୟ ସେମିତି।ସୁମତି ଥରେ ରାତି ଦୁଇଟାରେ ଅଚାନକ ତାଙ୍କ ଦେହ ଖରାପ ହୋଇଯାଇଥିଲା ସେ ଦିନ ସୁମତି ଓ ତାଙ୍କ ସ୍ୱାମୀ ରାତି ଅନିଦ୍ରା ହୋଇ ତାଙ୍କ ସହ ଥିଲେ।ମେଡିକାଲ ଯିବା ସମୟରେ କହୁଥାନ୍ତି ଟିକିଏ ଦେଖିବେ ପିଲାମାନଙ୍କୁ । ସୁନୀତିଙ୍କ ସ୍ୱାମୀ ଯିବା ସମୟରେ କହୁଥାନ୍ତି ଆପଣ ଭଲ ହୋଇଯିବେ,ଅତ୍ୟଧିକ ପରିଶ୍ରମ ପାଇଁ ଏମିତି ଅନୁଭବ କରୁଛନ୍ତି ବିଶ୍ରାମ ଦରକାର ସତକୁ ସତ ସେ ତୁରନ୍ତ ଭଲ ହୋଇ ଫେରିଲେ ଓ ବହୁତ କୃତଜ୍ଞତା ଜଣାଇଲେ। ଏମିତି ଏକଦା ସେମାନେ ବାହାରକୁ ଗଲେ ତାଙ୍କ ସବୁ ସୁନା ଗହଣା ଏକ ପୁଟୁଳିରେ ବାନ୍ଧି ସୁନୀତିଙ୍କ ପାଶେ ରଖି ଗଲେ।ସୁନୀତି କେତେ କହିବା ପରେ ଯାଇ ନେଲେ।ଏମିତି କେତେ ସ୍ମୃତି ତାଙ୍କ ସହ ଜଡିତ ହୋଇ ରହିଥିଲା.ସୁନୀତି ଛୁଟି ଦିନରେ ଘରଟିକୁ ପରିଷ୍କାର କରିବା ସମୟରେ ଏଇ ସବୁ କଥା ମନେ ପକାଉ ଥାନ୍ତି ହଠାତ ଜଣେ ବ୍ୟକ୍ତି କହିଲେ ମାଡାମ ଘର ଭଡା ଦେବେ କି?? ସୁନୀତି କହିଲେ ହଁ !କିନ୍ତୁ ପରେ। କିନ୍ତୁ ହଠାତ ଦେଖିଲା ବେଳକୁ ସେ ସପରିବାର ଜିନିଷ ପତ୍ର ଧରି ତାଙ୍କ ଘର ସାମ୍ନାରେ ଆଗତ୍ୟା ସେ ଆଉ ମନା କରି ପାରିଲେ ନାହିଁ। ତାଙ୍କ ସ୍ୱାମୀଙ୍କୁ ନ ବୁଝି ଦେବା ଉଚିତ ନୁହେଁ କହିବାରୁ କହିଲେ ଆମେ ଆଡ଼ଭାନ୍ସ ଦେଇ ଦେବୁ ସାର ଯାହା କହିବେ କିନ୍ତୁ ମନା କରନ୍ତୁନି ମାଡାମ। ସୁନୀତିଙ୍କ ସ୍ୱାମୀ ସେହି ସମୟରେ ଫୁଲବାଣୀ ରେ ଥାନ୍ତି। ସୁନୀତି ଆଉ କିଛି କହି ପାରିଲେ ନାହିଁ।

ସୁନୀତି ମଧ୍ୟ ସ୍ୱଭାବରେ ଖୁବ ଦୟାଳୁ।

ଯେତେବେଳେ ସେ ଶୁଣିଲେ ତାଙ୍କ ଘର ସୁନୀତିଙ୍କ ଘର ପରିଥିଲା, କିନ୍ତୁ ଲୋନ ସୁଝି ନ ପାରିବାରୁ ଘରଟି ନିଲାମ ଯାଇଥିଲା। ସୁନୀତି ଚକିତ ହୋଇ ଯାଇଥିଲେ । ଏଣୁ ପଚାରିଲେ- ଦୁଇଜଣ ଚାକିରୀ କରୁଥିଲେ, ଅଥଚ! ନିଲାମ କେମିତି ସମ୍ଭବ?? ମହାନ୍ତିବାବୁ  ରାଜନୈତିକ ଦଳକୁ ନିଜ ଚାହିଦା ମୁତାବକ ଦଳୀୟ ଚାନ୍ଦା ଦେଇ ନ ପାରିବାରୁ ସେ ଏକ ଭିଜିଲାନ୍ସ କେଶରେ ଛନ୍ଦି ହୋଇଗଲେ ମୋର ସ୍ୱଳ୍ପ ଦରମାରେ ପିଲାଙ୍କ ପଢା, କେଶ, ଲୋନ ଶୁଝିବା ସମ୍ଭବ ହେଲା ନାହିଁ। ସମ୍ପର୍କୀୟମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଥିବା ସ୍ୱତ୍ତ୍ୱେ ତାଙ୍କ ଟଙ୍କା ବୁଡି ଯିବା ଭୟରେ କେହି ସାହାଯ୍ୟ କଲେ ନାହିଁ।

ତାଙ୍କ ଦୁଃଖ କାହାଣୀ ସେ ବେଳେ ବେଳେ ସୁନୀତିକୁ କହନ୍ତି, ସେ କେମିତି ନିଲାମ ହୋଇଥିବା ଦିନ ଖବରପାଇ ଅଫିସରୁ ସଙ୍ଗେ ସଙ୍ଗେ ଫେରିଲା ବେଳେ ତାଙ୍କ ଘର ନିଲାମ ହୋଇ ଗୋଟି ଗୋଟି ଜିନିଷ ବାହାରେ ଲୋଟୁଥାଏ..। ପିଲାଙ୍କ ପାଇଁ କରିଥିବା ଅଣ୍ଡା ତରକାରୀ ସହ କରେଇ ମଧ୍ୟ ବାହାରେ, ପାଖରେ କେହି ନିଜର ନାହାନ୍ତି କେବଳ ବଡ଼ ଝିଅଟିକୁ ଧରି ସେ ଭୋ ଭୋ କାନ୍ଦୁଥାନ୍ତି। ସାଇ ପଡିଶା ସବୁ ଦେଖୁଥାନ୍ତି। ନିଜକୁ ଭାରି ଅସହାୟ ମଣୁଥାନ୍ତି । ଯେତେବେଳେ ବିପଦ ପଡିବ ତମ ଚାକିରୀ, ଅର୍ଥ, ପଦ ପଦବୀ କିଛି କାମ ଦେଇ ନ ଥାଏ। ସୁନୀତି ଘରେ ଭଡା ନେବା ବେଳକୁ ତାଙ୍କର ସବୁ ସମସ୍ୟା ସମାଧାନ ହୋଇ ଯାଇଥାଏ।ପିଲା ମାନଙ୍କର ବିବାହ ଓ ଘର ତୋଳିବା ବାକି ଥାଏ।ସୁନୀତି କହିଥିଲେ ଆପଣ ମୋ ଘରୁ ନିଜ ଘର କରି ସାରିବା ପରେ ଯିବେ।

ଏମିତି କିଛି ଦିନ ପରେ ତାଙ୍କ ପୁଅ ବାହାଘର ସୁନୀତିଙ୍କ ଘରେ କଲେ କିନ୍ତୁ ସୁନୀତିଙ୍କ ଘରେ କିଛି  ଜିନିଷ ଭାଙ୍ଗି ରୁଜି ଗଲା ତଥାପି ସେ କିଛି କହନ୍ତି ନାହିଁ।ସେ ବାବଦରେ ସେ ଟଙ୍କା ଟିଏ ନେଇ ନଥିଲେ କିନ୍ତୁ କଥା ପ୍ରସଙ୍ଗରେ ତାଙ୍କ ବନ୍ଧୁ ବାନ୍ଧବ ମଧ୍ୟ ସୁନୀତିଙ୍କୁ ଅନେକ ପ୍ରଶଂସା କରନ୍ତି ବୋଲି କହନ୍ତି । ଯେତେବେଳେ ସେ ଆଉ ଜଣଙ୍କର ବିବାହ ସେଇ ଘରେ କରିବାକୁ ଚାହିଁଲେ ସୁନୀତି ଅମଙ୍ଗ ହେଲେ। ସେବେ ଠାରୁ ସେଇ ଭଡାଟିଆଙ୍କ ଆଚରଣ ଆଉ ଉଚ୍ଚାରଣ ରେ ଢେର ପରିବର୍ତ୍ତନ ଦେଖିବାକୁ ମିଳିଲା।

ଯେମିତି ପଇସା ଦେଲେ କେତେ ଘର ମିଳିବ। ସୁନୀତି ସଙ୍ଗେ ସଙ୍ଗେ ମନେ ପକାଇଲେ ଏଇ ଦିନେ କହୁଥିଲେ ଆପଣଙ୍କ ପରି ଲୋକ ବିରଳ...। ଆମେ ଏତେ ଜାଗାରେ ରହିଛୁ । କିନ୍ତୁ କେହି ଆପଣଙ୍କ ପରି ନୁହେଁ । ସେଇଦିନ ସୁନୀତି ବୁଝିଗଲେ ଭଡାଘରେ ରହୁଥିବା ଲୋକଙ୍କ ସହ ମମତା ଲଗାଇବା ଉଚିତ ନୁହେଁ । କାରଣ ପୂର୍ବରୁ ଭୁବନେଶ୍ୱର ଯାଇଥିବା ଭଡାଟିଆ ଫୋନ ଟିଏ ମଧ୍ୟ କରନ୍ତି ନାହିଁ।

ବାରିପଦା
ମୋ: ୯୪୩୭୬୧୫୨୨୧

# ଜୀବନ ରହସ୍ୟ

ଅଜୟ କୁମାର ମହାନ୍ତି





କକା ପୁଅ ଭାଇ ନିରଞ୍ଜନଙ୍କ ଅସୁସ୍ଥତାର ସମ୍ବାଦ ପାଇ ବିନାୟକ ଗାଁ ରେ ଆସି ପହଞ୍ଚିଲେ। ନିରଞ୍ଜନଙ୍କୁ ଏବେ ସତୁରୀ ବର୍ଷ ଚାଲିଛି, ତାଙ୍କ ଠାରୁ ତିନି ବର୍ଷ ବଡ଼।ବିନାୟକ ବାବୁଙ୍କୁ ଦେଖି ତତକ୍ଷଣାତ୍ ବିଛଣା ରୁ ଉଠି ବସିଲେ।ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ। ଏ କଣ କରୁଛନ୍ତି ନନା, ଆପଣ ପରା  ମୋ ଠାରୁ ବଡ଼। କିଛି ଶୁଣିବା ଅବସ୍ଥାରେ ସେ ନଥିଲେ। ଆପଣ କେତେ ବେଳେ ଆସିଲେ, ଆପଣ ଆମ ଘରେ ଖାଇ କରି ଯିବେ, ଆପଣଙ୍କୁ ଦେଖି ଖୁସି ଲାଗିଲା ଇତ୍ୟାଦି ଅନେକ ସମ୍ମାନାସ୍ପଦ ବାକ୍ୟ ଉଚ୍ଚାରଣ କଲେ। ପୁନର୍ବାର ବିଛଣାରେ ଗଡି ପଡ଼ିଲେ ଓ ଗଭୀର ନିଦରେ ଶୋଇ ଯିବା ପରି ବାହାନା କଲେ। କେତେ ବର୍ଷ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ପରଲୋକ ହୋଇ ଯାଇ ଥିଲା। ତାଙ୍କର ସ୍ମୃତି ଶକ୍ତି ଆଂଶିକ ଭାବରେ ନଷ୍ଟ ହୋଇ ଯାଇଥିଲା।ବାହାର କୁ ନ ବାହାରିବା ପାଇଁ  ପିଲାମାନଙ୍କ ତାଗିଦା ଫଳରେ ତାଙ୍କ ପ୍ରକୋଷ୍ଠରେ ଏକୁଟିଆ ଜୀବନ ଅତିବାହିତ କରୁଥିଲେ। ପିଲାଦିନରୁ ସାଙ୍ଗସାଥିମାନଙ୍କ ସହ ଖୁବ୍ କମ୍ ମିଳାମିଶା କରୁଥିଲେ। ଫଳରେ ତାଙ୍କର ଅବଶିଷ୍ଟ ଥିବା ସ୍ମୃତି ଶକ୍ତି ଲୋପ ପାଇଁ ଯାଇଥିଲା।


ପର ଦିନ ବିନାୟକ ବାବୁ ମାମୁଁ ପୁଅ ଭାଇ ଙ୍କୁ ଦେଖା କରିବାକୁ ଗଲେ।ସେ ତାଙ୍କ ଠାରୁ ପ୍ରାୟ କୋଡ଼ିଏ ବର୍ଷ ବଡ଼।ତାଙ୍କୁ ଏବେ ସତା ଅଶି ବର୍ଷ ଚାଲିଛି। ବିନାୟକ ବାବୁଙ୍କୁ ଦେଖି ଖୁବ୍ ଖୁସି ହେଲେ। ଶାରୀରିକ ଓ ମାନସିକ ଦୃଷ୍ଟିରୁ ସେ ବେଶ୍ ସକ୍ଷମ ଥିଲେ। କଥା ଛଳରେ ଅନେକ ସଂସ୍କୃତ ଶ୍ଳୋକର ଉଦାହରଣ ଦେଲେ। ବିନାୟକ ବାବୁଙ୍କୁ ପଚାରିଲେ - କହତ ବିନ, ମନୁଷ୍ୟ ଜୀବନ ର ଲକ୍ଷ୍ୟ କଣ? ବିନାୟକ ଉତ୍ତର ଦେଲେ - ଭଲ ମଣିଷ ଟିଏ ହେବା । ମାମୁଁ ପୁଅ କହିଲେ ,ଠିକ୍ କହିଲୁ। ହଜାର ହଜାର ବର୍ଷ ପୂର୍ବରୁ ଋଗ୍ ବେଦ ମନ୍ତ୍ରରେ ସେହି ମହତ୍ ବାଣୀ ଉଲ୍ଲେଖ ଅଛି।


।। ମନୁର୍ଭବ ଜନୟା ଦୈବ୍ୟଂ ଜନମ।।

ଅର୍ଥାତ୍ ମନୁଷ୍ୟ ହୁଅ,ଦିବ୍ୟ ସନ୍ତାନଙ୍କୁ ଜନ୍ମ ଦିଅ। ବିନାୟକ ପଚାରିଲେ, ନନା ବୁଝେଇ କୁହନ୍ତୁ ଏ ପରିଣତ ବୟସ ରେ ଆପଣ ଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ର ରହସ୍ୟ କଣ? ନନା କହିଲେ - ଏ ତ ବଡ଼ ସରଳ ପ୍ରଶ୍ନ। ତୁ ତ ଜାଣୁ ଯଜମାନି ଆମମାନଙ୍କର କୌଳିକ ପ୍ରଥା। ସାରା ଜୀବନ ଦେବୀ ଦେବତାଙ୍କ ଉଦ୍ଦେଶ୍ୟ ରେ ମନ୍ତ୍ର ଉଚ୍ଚାରଣ କରିବା ହେଉଛି ମୋର ଜୀବିକା ର ଏକ ଅଂଶ ବିଶେଷ। ଲୋକ ମାନଙ୍କ ସାଙ୍ଗରେ ଉତ୍ତମ ସମ୍ପର୍କ ସ୍ଥାପନ କରିବା ହେଉଛି ମୋର ଧର୍ମ ଓ କର୍ମ। ତା ବଦଳରେ ମୁଁ ସେମାନଙ୍କ ଠାରୁ ପାଏ ଯଥେଷ୍ଟ ସମ୍ମାନ ଓ ଆଦର।ଏକ ଅନିର୍ବଚନୀୟ ଆନନ୍ଦ ରେ ମୁଁ ଥାଏ ସଦା ପ୍ରଫୁଲ୍ଲିତ। ଏ ହେଉଛି ମୋର ସୁସ୍ଥ ଜୀବନର ରହସ୍ୟ। ମନେରଖ ଆମ ସନାତନ ଧର୍ମର ମୂଳ ବୈଶିଷ୍ଟ୍ୟ ହେଉଛି ବୈଦିକ ମନ୍ତ୍ର। ସଠିକ୍ ମନ୍ତ୍ର ଉଚ୍ଚାରଣ କଲେ ଇଶ୍ୱରଙ୍କ ସଙ୍ଗେ ଏକ ସୂକ୍ଷ୍ମ ରଜ୍ଜୁରେ ଆମେ ଯୋଡ଼ି ହେଉ। ଆମର ବୌଦ୍ଧିକତା ର ବିକାଶ ହୁଏ। ମନ୍ତ୍ର ଉଚ୍ଚାରଣରେ ମସ୍ତିଷ୍କରେ ସକାରାତ୍ମକ କମ୍ପନ ସୃଷ୍ଟି ହୁଏ। ପ୍ରତ୍ୟେକ ମନୁଷ୍ୟ ଅନ୍ୟୁନ୍ୟ ପାଞ୍ଚଟି ମନ୍ତ୍ର ପ୍ରତ୍ୟହ ଜପକରିବା ଉଚିତ୍। ତଦ୍ୱାରା ସେ ମାନସିକ ସ୍ତରରେ ସୁସ୍ଥ ରହିବ।

ବିନାୟକ ବାବୁ ଦୁଇ ଜୀବନର ରହସ୍ୟ ପରଖୁ ଥିଲେ।

କଳିଙ୍ଗ ବିହାର, ରାଉରକେଲା
ମୋ:୭୯୭୮୫୬ ୫୦୬୦



# ଯାଜପୁର ର ଏକ ବିରଳ ଐତିହ୍ୟ : ଗଡ଼ମଧୁପୁର ରାଜବାଟୀ

ହେମଲତା ଜେନା






ଓଡିଶାର ପୁରାତନ ରାଜଧାନୀ ବିରଜାକ୍ଷେତ୍ର ଯାଜପୁର ଯାହାକି ଅଷ୍ଟମ ଶତାବ୍ଦୀ ଠାରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଉଭୟ ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଆଜିବି କିଞ୍ଚିତେ ଫିକା ପଡ଼ି ନାହିଁ ତା'ର ସେ କଳା ସଂସ୍କୃତି ଓ ଐତିହ୍ୟ ଭରା ଗରିମା ଗାଥା । ଯେଉଁ ଯାଜପୁର ଦିନେ ସାରା ଓଡିଶାରେ ନିଜର ବିଶିଷ୍ଟତା ପ୍ରତିପାଦନ କରିଥିଲା ସେହି ଯାଜପୁରର ମଧୁପୁରଗଡ଼ ରାଜବାଟୀ ସାମ୍ପ୍ରତିକ ସମୟର ଇତିହାସରେ ଏକ ବଳିଷ୍ଠ ମୁକସାକ୍ଷୀ ଭାବେ ଦଣ୍ଡାୟମାନ । ୧୫୦୨ ଖ୍ରୀଷ୍ଟାବ୍ଦ ରେ ପୁରୀ ଭ୍ରମଣରେ ଆସିଥିବା ରାଜସ୍ଥାନର ଜୟପୁରରୁ ଆସିଥିବା ସୂର୍ଯ୍ୟବଂଶୀ ସେଖାୱତି ରାଜା ମଧୁପୁରଗଡ଼ ମଧ ପରିଭ୍ରମଣରେ ଆସି ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦ୍ୱାରା ଆକୃଷ୍ଟ ହୋଇଥିଲେ ।


ସେତେବେଳ ଏ ଅଞ୍ଚଳରେ କୌଣସି ରାଜାଙ୍କ ଶାସନ ନଥିଲା । ପ୍ରଥମରୁ ଶବରମାନେ ନିଜ ଆଧିପତ୍ୟ ବିସ୍ତାର କରିଥିଲେ ଏବଂ ତା ପରେ କମା ବ୍ରାହ୍ମଣମାନଙ୍କର ଶାସନାଧୀନ ଥିଲା ଏବଂ ଏହା କମାଗଡ଼ ନାମରେ ପରିଚିତ ଥିଲା। ସେଖାୱତି ରାଜବଂଶୀ କୌଶଳକ୍ରମେ ୧୫୨୯ ଖ୍ରୀଷ୍ଟାବ୍ଦରୁ ସେମାନଙ୍କ ଶାସନ ଆରମ୍ଭ କରିଥିଲେ, କମାଗଡ଼ ପରିବର୍ତ୍ତେ ସେମାନେ ମଧୁପୁର ଭାବେ ନାମିତ କଲେ । ଏହି ରାଜବଂଶରେ ୨୦୦୮ ମସିହାରୁ ଏହାର ୧୮ତମ ପିଢିର ରାଣୀ ଅପର୍ଣ୍ଣା ଧୀର ସିଂହ ଭରଦ୍ୱାଜଙ୍କୁ ଅଭିଷିକ୍ତ କରାଯାଇଛି ସମ୍ପୂର୍ଣ୍ଣ ରାଜକୀୟ ରୀତି ନୀତି ସହ । ସମ୍ମାନୀୟା ରାଣୀ ଅପର୍ଣ୍ଣା ଧୀର ସିଂହ ଭରଦ୍ୱାଜ ହେଉଛନ୍ତି ୧୭ତମ ପିଢିର ରାଜା କୃଷ୍ଣପ୍ରସାଦ ଧୀର ନରେନ୍ଦ୍ରଙ୍କ ଜ୍ୟେଷ୍ଠ କନ୍ୟା, ରାଜା କୃଷ୍ଣପ୍ରସାଦ ଧୀର ନରେନ୍ଦ୍ରଙ୍କ ପୁତ୍ର

ନଥିବାରୁ ଉତ୍ତରାଧିକାରୀ ସୂତ୍ରରେ ତାଙ୍କ ଜ୍ୟେଷ୍ଠ କନ୍ୟାଙ୍କୁ ଏହି ଅଧିକାର ମିଳିଛି । ସାମ୍ପ୍ରତିକ ଜମିଦାରି ବ୍ୟବସ୍ଥାରୁ ମୁକ୍ତ ଓ ସମ୍ବିଧାନ ପରିଚାଳିତ ସ୍ୱାଧୀନ ସମାଜରେ ନାହିଁ ଆଉ ରାଜାଙ୍କ ଶାସନ, କିନ୍ତୁ ରାଜବାଟୀର ରାଜଗାଦି ପାଇଁ ପିଢି ପରେ ପିଢି ରାଜା ବା ରାଣୀଙ୍କୁ ଅଭିଷିକ୍ତ କରିବାର କାରଣ ହେଉଛି ଅତୀତରୁ ପାଳିତ ହୋଇ ଆସୁଥିବା ପ୍ରଥା, ପରମ୍ପରା,କର୍ମ କର୍ମାଣି ବା ବିଧି ବିଧାନକୁ ଜାରି ରଖିବା, କାରଣ କେତେକ ସ୍ୱତନ୍ତ୍ର ପ୍ରଥା ପରମ୍ପରା କର୍ମକର୍ମାଣି ଓ ରୀତିନୀତି ଗୁଡିକ ରାଜା ଓ ରାଜବାଟୀର ସ୍ୱତନ୍ତ୍ରତା ପ୍ରତିପାଦନ କରୁଥିଲା ଓ ସେସବୁ ରାଜକର୍ମର ମୌଳିକତାକୁ ନିଜଠାରୁ ଦୂରେଇବାକୁ ଚାହୁଁନାହାଁନ୍ତି ରାଜବଂଶୀମାନେ । ବର୍ତ୍ତମାନର ରାଜବାଟୀ ଯାହାକି ମୋଗଲ ଓ ସୁଲତାନ ମିଶ୍ରିତ ସୁନ୍ଦର କାରୁକାର୍ଯ୍ୟରେ ନିର୍ମିତ ଏହା ରାଜା କୃଷ୍ଣଚନ୍ଦ୍ର ଧୀର ନରେନ୍ଦ୍ରଙ୍କ ଶାସନ ସମୟରେ ନିର୍ମିତ ହୋଇଥିଲା ଏବଂ ଏହାର ନିର୍ମାଣ କାର୍ଯ୍ୟ ପାଞ୍ଚ ବର୍ଷ ରେ ଶେଷ ହୋଇଥିଲା । ରାଜା କୃଷ୍ଣଚନ୍ଦ୍ରଙ୍କ ଶାସନ ୧୮୪୭ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇଥିଲା, ତେଣୁ ରାଜବାଟୀଟି ପାଖାପାଖି ଦୁଇଶହ ବର୍ଷର । ୩୫୦-୪୦୦ କୋଠରୀ ବିଶିଷ୍ଟ ଏହି ରାଜବାଟୀ ପରିସର ମଧ୍ୟରେ ଥିବା ସିଂହଦ୍ୱାର, ବୈଠକଖାନା, ପୁଷ୍କରିଣୀ, କୂପ, ସାତ ଅଗଣା, ରାଜ ସିଂହାସନ, ରାଣୀ ହଂସପୁର ଇତ୍ୟାଦି ବେଶ୍ ସ୍ୱତନ୍ତ୍ର । ୧୦ ଏକର ପରିମିତ ଜାଗାକୁ ନେଇ ଗଠିତ ସମ୍ପୂର୍ଣ୍ଣ ପରିସରଟି ।ଏହାର ମୁଖ୍ୟ ଫାଟକଟି ସର୍ବଦା ବନ୍ଦ ରହୁଥିଲେ ବି ଏହା ପାଖରେ ଥିବା ଅନ୍ୟ ଫାଟକଟି ଦେଇ ରାଜବାଟୀ ମଧ୍ୟକୁ ପର୍ଯ୍ୟଟକ ତଥା ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ନିମନ୍ତେ ବର୍ତ୍ତମାନର ରାଣୀଙ୍କ ଅନୁମତି ନେଇ ପ୍ରବେଶ କରାଯାଏ । ରାଜବାଟୀ ପରିସରରେ ରହିଛି ଭିନ୍ନ ଭିନ୍ନ ଚଳଣୀ ନିମନ୍ତେ ଭିନ୍ନ ଭିନ୍ନ କୂଅ ପୁଷ୍କରିଣୀ ବୈଠକଘର ଓ ଚବୁତରା ଇତ୍ୟାଦି, କାରଣ ସ୍ୱାଧୀନତା ପୂର୍ବରୁ ଯେଉଁ ସମୟରେ ରାଜାଙ୍କ ଶାସନ ସକ୍ରିୟ ଥିଲା ରାଜା ରାଣୀ ଓ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଦାସଦାସୀ ଓ ଅନ୍ୟାନ୍ୟ କର୍ମଚାରୀ ରାଜବାଟୀ ପରିସରରେ ରହୁଥିଲେ ତେଣୁ ସମସ୍ତଙ୍କ ଚଳଣୀ ନିମନ୍ତେ ଭିନ୍ନ ଭିନ୍ନ ସୁବିଧାମାନ କରାଯାଇଥିଲା । ଏହି ମଧୁପୁର ରାଜ୍ୟର ରାଜବାଟୀ ପରିସରର ପଛ ପାଖର ଶେଷ ଆଡକୁ ରହିଛି ଫାଶୀସ୍ଥଳ ଯାହା ସୂଚିତ କରେ ରାଜାଙ୍କ ଶାସନ କାଳର ଦୋଷୀମାନଙ୍କ ପାଇଁ ନିଶ୍ଚିତ ଦଣ୍ଡବିଧାନର ବ୍ୟବସ୍ଥା ବିଷୟରେ । ରାଜବାଟୀ ପରିସର ମଧ୍ୟରେ ଥିବା ରାଧାକୃଷ୍ଣ ମନ୍ଦିର ଓ ପରିସର ବାହାରର ଜଗନ୍ନାଥ ମନ୍ଦିର ଦ୍ୱୟ ମଧୁପୁର ରାଜ୍ୟର ଏକ ବିଶିଷ୍ଟତା ପ୍ରତିପାଦନ କରୁଥିଲା ଏବଂ ତାହା ଏଯାବତ ଜା/ଇ ରହିଛି । ଏହି ମନ୍ଦିର ଦ୍ୱୟର ନିର୍ମାଣ କାର୍ଯ୍ୟ ରାଜା ସୁଦର୍ଶନ ଧୀର ନରେନ୍ଦ୍ରଙ୍କ ଦ୍ୱାରା ୧୭୭୭ରୁ ୧୮୧୭ ଶତାବ୍ଦୀ ମଧ୍ୟରେ ଆରମ୍ଭ ହୋଇଥିଲା ଓ ତାଙ୍କ ପୁତ୍ର ରାମଚନ୍ଦ୍ର ଧୀର ନରେନ୍ଦ୍ରଙ୍କ ଦ୍ୱାରା ୧୮୪୭ ଶତାବ୍ଦୀ ମଧ୍ୟରେ ଶେଷ ହୋଇଥିଲା । ଏହି ଜଗନ୍ନାଥ ମନ୍ଦିରର ନୀତି କାନ୍ତି ପୁରୀର ଶ୍ରୀଜଗନ୍ନାଥ ମନ୍ଦିରର ନୀତିକାନ୍ତି ସହ ସମାନ ଅଟେ ଓ ଏହାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ବିବେଚନା କରାଯାଏ । ମନ୍ଦିରଟି ଏପର୍ଯ୍ୟନ୍ତ ବଂଶାନୁଗତ ଅଧିକାର ଆଧାରରେ ରାଜବଂଶୀଙ୍କ ଦ୍ୱାରା ପରିଚାଳିତ। ତେଣୁ ଏହି ମନ୍ଦିରର ପରିଚାଳନା ପ୍ରତି ସରକାରଙ୍କ କୌଣସି ଚାପ ନଥାଏ । ଏଠି ବି ହୁଏ ରଥଯାତ୍ରା ଏବଂ ଛେରା ପହଁରା,ରାଜବାଟୀ ପରିସରର ରାମକୃଷ୍ଣ ମନ୍ଦିର ହେଉଛି ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କ ମାଉସୀ ମା ମନ୍ଦିର । ୨୦୦୮ ମସିହା ଠାରୁ ରଥଯାତ୍ରାର ଛେରାପହଁରା କାର୍ଯ୍ୟ ସମ୍ପାଦିତ ହୋଇଆସୁଛି ରାଜଭିଷିକ୍ତା ରାଣୀ ଅପର୍ଣ୍ଣା ଧୀର ସିଂହ ଭରଦ୍ୱାଜଙ୍କ ଦ୍ୱାରା, ଯାହାକି ଓଡିଶାରେ ବିରଳ, କାରଣ ଓଡିଶାରେ କେବଳ ଦୁଇଜଣ ନାରୀଙ୍କୁ ରଥରେ ଛେରା ପହଁରାପରି ଏକ ଦିବ୍ୟ କର୍ମର ସୁଯୋଗ ମିଳିଛି । ଜଣେ ହେଉଛନ୍ତି ଗଞ୍ଜାମ ଧରାକୋଟଗଡ଼ର ଅଭିଷିକ୍ତା ରାଣୀ

ସୁଲକ୍ଷଣା ଗିତାଞ୍ଜଳୀ ଦେବୀ ଏବଂ ମଧୁପୁରର ରାଣୀ ଅପର୍ଣା ଧୀର ସିଂହ ଭରଦ୍ୱାଜ । ସମ୍ପୂର୍ଣ୍ଣ ଓଡିଆ ପାରମ୍ପାରିକ ବେଶ ପରିଧାନ କରି ରାଣୀ ମା ଏହି କାର୍ଯ୍ୟ ତୁଲାଇଥାନ୍ତି । ସାଧାରଣ ଲୋକଙ୍କ ସହିତ ଅତି ସହଜରେ ମିଶି ପାରୁଥିବା ପରି ବ୍ୟକ୍ତିତ୍ୱ ଧାରିଣୀ ସରଳ ମଣଷଟିଏ ରାଣୀ ମା। ରାଜବାଟୀର ଦାୟିତ୍ୱ ତୁଲାଇବା ସହିତ ଅନେକ ସମାଜ ସୁଧାର କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥାନ୍ତି । ସେ ହେଉଛନ୍ତି ଓଡିଶାର ପ୍ରଥମ ରାଜବଂଶୀ ଯିଏକି ବସୁଧା ସୁଧାର ମଞ୍ଚର ପ୍ରତିଷ୍ଠା କରି ଭୂମିହୀନଙ୍କ ପାଖରେ ଜମିପଟା ଖଣ୍ଡିଏ ଥିବାର ପ୍ରତିଶୃତିକୁ କାର୍ଯ୍ୟକାରୀ କରିବା ସହିତ ଆଗକୁ ସମସ୍ତ ଭୂମିହୀନଙ୍କ ପାଇଁ ଜମିପଟା ନିଶ୍ଚିତତା ପାଇଁ କାର୍ଯ୍ୟ କରୁଛନ୍ତି । ରାଜାଙ୍କ ଶାସନ ସମୟରେ ମଧୁପୁର ରାଜ୍ୟର ପୂର୍ବରେ ହରିପୁର, ପଶ୍ଚିମରେ ଗଡ଼ଜାତ ଢେଙ୍କାନାଳ, ଉତ୍ତରରେ ଓଲାସ ଓ ଦକ୍ଷିଣରେ ଦର୍ପଣୀଗଡ଼ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ଯଦିଓ ବର୍ତ୍ତମାନର ସମ୍ବିଧାନ ପରିଚାଳିତ ଦେଶରେ ରାଜାଙ୍କ ସେ ଜମିଦାରି ପଣ ନାହିଁ, କିନ୍ତୁ ମଧୁପୁରଗଡ଼ ରାଜବାଟୀ ଏବେବି ଆକର୍ଷିତ କରେ ପର୍ଯ୍ୟଟକଙ୍କୁ । ଏହାର ସିଂହଦ୍ୱାରର ସୌନ୍ଦର୍ଯ୍ୟ ହେଉ ଅବା ମନ୍ଦିରର ଆକର୍ଷଣ ତା ସାଥେ ପୁଣି ସୁନ୍ଦର ସବୁଜ ବନାନୀ ଘେରା ମହୁଦେଇ-ପନ୍ତୁରି ପାହାଡ, ରାଜବାଟୀର ଦକ୍ଷିଣ-ପୂର୍ବରେ ଚଣ୍ଡିଖୋଲ ମହାବିନାୟକ ଶୈବପୀଠ ଓ ବନଦୁର୍ଗା ମନ୍ଦିର, ଉତ୍ତରରେ ବ୍ରାହ୍ମଣୀ ନଦୀ ଓ ଗୋକର୍ଣ୍ଣେଶ୍ୱର ଶିବ ମନ୍ଦିର ସତେ ଯେମିତି ନିଘା ରଖିଛନ୍ତି ଏହାର ସୁରକ୍ଷା କବଚ ହୋଇ ।ଏହାର ଅକ୍ଷୁର୍ଣ୍ଣ ପ୍ରାକୃତିକ ସୌନ୍ଦର୍ଯ୍ୟ ଆକର୍ଷିତ କରିଥାଏ ଧାରାବାହିକ ଓ ସିନେନିର୍ମାତାମାନଙ୍କୁ । ପ୍ରାକୃତିକ ତଥା କାରୁକାର୍ଯ୍ୟପୂର୍ଣ୍ଣ ସୌନ୍ଦର୍ଯ୍ୟରେ ଭରା ଗରିମାମୟ ମଧୁପୁରଗଡ଼ ରାଜବାଟୀର ପୁନରୁଦ୍ଧାରର ଆବଶ୍ୟକତା ରହିଛି। ଯଦିଓ ରାଣୀ ମା ଏ ଦିଗରେ ତତ୍ପରତା ଦେଖାଇଛନ୍ତି ତଥାପି ଆବଶ୍ୟକତା ରହିଛି ସ୍ଥାନୀୟ ଜନସାଧାରଣ ଓ ସରକାରଙ୍କ ସହଭାଗିତାର । ଏହାର ପୁନରୁଦ୍ଧାର ଦ୍ୱାରା ଏକ ସୁନ୍ଦର ଓ ଅତୁଳନୀୟ ରାଜବାଟୀର ଐତିହ୍ୟର ସ୍ଥାୟୀତ୍ୱକୁ ବଜାୟ ରଖାଯାଇ ପାରିବ ଏବଂ ଏହା ଦିନେ ଓଡିଶା, ଭାରତ ତଥା ବିଶ୍ୱ ଇତିହାସରେ ଲିପିବଦ୍ଧ ହୋଇ ବିରଜାକ୍ଷେତ୍ର ଯାଜପୁରର ଗରିମା ବଖାଣିବ ଏଥିରେ ତିଳେ ହେଁ ସନ୍ଦେହ ନାହିଁ ।

କମାଗଡ଼, ଅନ୍ତିଆ, ଯାଜପୁର



# ସ୍ୱଭାବ-କବି ଗଙ୍ଗାଧର

ମାନଗୋବିନ୍ଦ ବାରିକ୍





ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବରପାଲି ଗ୍ରାମରେ ଏକ ଦରିଦ୍ର ବୁଣାକାର ପରିବାରରେ ୧୮୬୨ ମସିହା, ଅଗଷ୍ଟ ମାସ ୯ତାରିଖ,ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତିଥିରେ ପିତା ଚୈତନ୍ୟ ଓ ମାତା ସେବତୀଙ୍କର କୋଳ ମଣ୍ଡନ କରିଥିଲେ ଉତ୍କଳ ସାରସ୍ୱତ ଗଗନର ଅନ୍ୟତମ ଉଜ୍ଜ୍ୱଳ ଜ୍ୟୋତିଷ୍କ ସ୍ୱଭାବ କବି ଗଙ୍ଗାଧର ମେହେର। ଉତ୍କଟ ଦାରିଦ୍ର୍ୟ ପଞ୍ଚମ ଶ୍ରେଣୀରୁ ପାଠପଢାରେ ଡୋରି ବାନ୍ଧି କୌଳିକ ବୃତ୍ତିରେ ମନୋନିବେଶ କରିବାକୁ ବାଧ୍ୟ କରିଥିଲେହେଁ ସ୍ୱକୀୟ ଚିନ୍ତାଧାରା, ନିଜସ୍ୱ ମୌଳିକ ଭବନା, ଦୃଢ଼ ସଂକଳ୍ପ ଓ ନୀରବିଚ୍ଛିନ୍ନ ସାରସ୍ୱତ ସାଧନା ତାଙ୍କୁ ପରବର୍ତ୍ତୀ ସମୟରେ ସ୍ୱଭାବ କବିର ମାନ୍ୟତା ପ୍ରଦାନ କରିଥିଲା। ଶିକ୍ଷାର ସ୍ୱଳ୍ପତା ସତ୍ତ୍ୱେ ବି ନିଜ ଚେଷ୍ଟାରେ ସେ କେବଳ ଓଡ଼ିଆ ନୁହେଁ ହିନ୍ଦି,ସଂସ୍କୃତ ଏପରିକି ଇଂରାଜୀ ଭାଷାକୁ ମଧ୍ୟ ଆୟତ୍ତ କରିବାରେ ସମର୍ଥ ହୋଇ ପାରିଥିଲେ।

ଏ ଯୋଗଜନ୍ମା ପୁରୁଷ ଥିଲେ ଏକାଧାରରେ ପ୍ରକୃତିପ୍ରେମୀ, ଧର୍ମାନୁରାଗୀ, ସ୍ୱାଭିମାନୀ, ସ୍ୱାଧୀନଚେତା, ସ୍ୱରାଜ୍ୟ ଓ ଜାତିୟତା ପ୍ରେମୀ ତଥା ଭାଷା ସାହିତ୍ୟାନୁରାଗୀ ଜଣେ ଅନନ୍ୟ ବ୍ୟକ୍ତିତ୍ୱ। ଆମକୁ ଉଚ୍ଚ ହେବାକୁ ହେଲେ ମାତୃଭୂମି ଓ ମାତୃଭାଷାକୁ ଉଚ୍ଚ କରିବା ପାଇଁ ତାଙ୍କ ଆହ୍ୱାନ ଥିଲା -

"ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା।"

x x x

"ମାତୃଭୂମି ମାତୃ ଭାଷାର ମମତା
ଯା ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ।"

x x x

ତାଙ୍କ ରଚିତ ପ୍ରଥମ କାବ୍ୟ ଥିଲା ରସ ରତ୍ନାକର। ପରବର୍ତ୍ତୀ ସମୟରେ ଓଡ଼ିଆ ବାଣୀ ଭଣ୍ଡାରକୁ ରାମାୟଣ କଥାବସ୍ତୁ ଉପରେ ଆଧାରିତ ତପସ୍ୱିନୀ, ମହାଭାରତ ପୃଷ୍ଠଭୂମି ଉପରେ ଆଧାରିତ କୀଚକ ବଧ ସମେତ ପ୍ରଣୟ ବଲ୍ଲରୀ, ଇନ୍ଦୁମତୀ, ଅହଲ୍ୟା ସ୍ତବକ, ଉତ୍କଳ ଲକ୍ଷ୍ମୀ ମହିମା, କବିତା କଲ୍ଲୋଳ, ଅଯୋଧ୍ୟା ଦୃଶ୍ୟ, ଅର୍ଘ୍ୟ ଥାଳି, ଅପୂର୍ଣ୍ଣ କାବ୍ୟ, ପଦ୍ମିନୀ ଆଦି ବହୁ ଅମୂଲ୍ୟ କାବ୍ୟ ସମ୍ଭାର ଉପହାର ଦେଇଛନ୍ତି ଏ ଯୋଗଜନ୍ମା ମହାନ ସାରସ୍ୱତ ସାଧକ।

ସୁଷମା ମଞ୍ଜୁଳ ପ୍ରକୃତି ରାଣୀର ଶୋଭା ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାରେ କବିବର ରାଧାନାଥ ରାୟ , ଭକ୍ତକବି ମଧୁସୂଦନ ରାଓ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ କୃତିର ଅବଦାନ ଚିର ସ୍ମରଣୀୟ। ରାଧାନାଥ ତାଙ୍କ ଚିଲିକା କାବ୍ୟରେ ପ୍ରକୃତି ଉପବନର ଶୋଭା ଦୂରରୁ ରହି ନିରୀକ୍ଷଣ କରିଥିଲା ବେଳେ ତପସ୍ୱିନୀ କାବ୍ୟରେ କବି ଗଙ୍ଗାଧର ଅତି ନିକଟରୁ ପ୍ରକୃତି କାନନର ମଞ୍ଜୁଳ ନିକୁଞ୍ଜରେ ମଧୁପର ମଧୁଗୁଞ୍ଜନ, କୋକିଳର ପଞ୍ଚମ କୂଜନ, ମଳୟର ଶୀତଳ-ସମୀରଣ ସ୍ପର୍ଶର ଅନୁଭବ ସ୍ୱତନ୍ତ୍ର ଭାବେ ବାରି ହେଇପଡ଼େ। ଯଦିଓ ସୀତା ବନବାସ କାବ୍ୟରେ ଭକ୍ତକବି ମଧୁସୂଦନଙ୍କର ଓ ତପସ୍ୱିନୀ କାବ୍ୟରେ ସ୍ୱଭାବକବି ଗଙ୍ଗାଧରଙ୍କର ପତି-ବିଧୁରା ସୀତାଙ୍କ ଦୁଃଖରେ ମ୍ରିୟମାଣ ହୋଇ ସୂର୍ଯ୍ୟଦେବତା ଓ ଗଙ୍ଗାମାତା ସମବେଦନା ଜଣାଇବା ବର୍ଣ୍ଣନାରେ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ଯେମିତି;

"ଜୀମୁତ ଆବରଣେ ଦେବ ଭାସ୍କର,
ଲୁଚିଲେ ତମୋମୟ କରି ଅନ୍ଧାର ।"
(ସୀତା ବନବାସ)

"ସାଧ୍ୱୀ କୂଳବଧୂଙ୍କର ଦୁର୍ବିପାକ ଚାହିଁ,
ଲଜ୍ଜାଭରେ ଭାନୁ ଦେଲେ ବଦନ ଲୁଚାଇ।"
(ତପସ୍ୱିନୀ)

ଏହା ଅବଶ୍ୟ ସ୍ୱୀକାର୍ଯ୍ୟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କର ସାହିତ୍ୟକୃତି ଓଡ଼ିଆ କାବ୍ୟ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ଉପେନ୍ଦ୍ର ଭଞ୍ଜ, ରାଧାନାଥ, ମାୟାଧର ଆଦି ବହୁ ପ୍ରତିଷ୍ଠିଯଶା ସାହିତ୍ୟିକ ରଂଗାଜୀବ ଗଙ୍ଗାଧରଙ୍କ କାବ୍ୟିକ ବର୍ଣ୍ଣନା ଚାତୁର୍ଯ୍ୟ ଓ କାବ୍ୟ ପ୍ରତିଭାର ଭୁୟସୀ ପ୍ରଶଂସାରେ ଶତମୁଖ ହୋଇଛନ୍ତି।

ଗଙ୍ଗାଧର ଥିଲେ ଭଗବତ ବିଶ୍ୱାସୀ ନିଷ୍କପଟ ସରଳ ମଣିଷ । ତାଙ୍କର କାବ୍ୟ ଜୀବନ ଓ ଭବ୍ୟ ଜୀବନ ଭିତରେ ବିଶେଷ ସାମଞ୍ଜସ୍ୟ ଥିଲା।ତାଙ୍କ କାବ୍ୟ ଚେତନାରେ ବିଶ୍ୱସ୍ରଷ୍ଟାଙ୍କ ସୃଷ୍ଟିରେ ଆତ୍ମା ଓ ପରମାତ୍ମାଙ୍କ ଭିତରେ ସେ ଏକ ଅନ୍ତରଙ୍ଗ ସମନ୍ୱୟ ସ୍ଥାପନ ଓ ବିନ୍ଦୁ ଭିତରେରେ ସିନ୍ଧୁ ସନ୍ଧାନର ପ୍ରୟାସ କରିଛନ୍ତି। ତାଙ୍କ ଲେଖନୀ ମୁନରୁ ସ୍ୱତଃ ପ୍ରବୃତ ଭାବେ ନିସୃତ ହୋଇଛ-

"ମୁଁ ତ ଅମୃତ ସାଗର ବିନ୍ଦୁ,
ନଭେ ଉଠିଥିଲି ତେଜି ସିନ୍ଧୁ।"

ପୁନଃଶ୍ଚ କବି ଅମୃତମୟ ସୃଷ୍ଟି- ନିର୍ଝରିଣୀର ପ୍ରବାହମାନ ଧାରାରେ ବିମୋହିତ ହୋଇ ଗାଇଛନ୍ତି;

"ବିଶ୍ୱ ଦେଖ ମଧୁମୟରେ ଜୀବନ
ବିଶ୍ୱଦେଖ ମଧୁମୟ,
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟ।"


ଭକ୍ତକବି ମଧୁସୂଦନଙ୍କର ଚିନ୍ତାଧାରାରେ ବି ସମାନ ଅନୁଭବର ବାର୍ତ୍ତା ପରିଲକ୍ଷିତ ହୋଇଛି;

"ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ଅମୃତ ମୟହେ,
ଜାଗ ନରନାରୀ ଅମୃତ ସଂତାନ
ପିଅ ସେ ଅମୃତ ପୟହେ।"

କବି କେବଳ ପ୍ରକୃତିର ସୌନ୍ଦର୍ଯ୍ୟ କି ଅନ୍ତରଙ୍ଗ ବିଭୂ ପ୍ରେମ ନୁହେଁ,କବିତାରେ ତତ୍କାଳୀନ ସାମାଜିକ ବ୍ୟବସ୍ଥାର ସଂସ୍କାରର ସ୍ୱର ଉତ୍ତୋଳନ କରିଥିଲେ।

ଉତ୍କଳ ଜନନୀଙ୍କର ବରପୁତ୍ର, ସାରସ୍ୱତ ସାଧକ, ସ୍ୱଭାବ କବି ଗଙ୍ଗାଧର ମେହର ୧୯୨୪ ମସିହା, ଏପ୍ରିଲ ୪ ତାରିଖ ଚୈତ୍ର ଅମାବାସ୍ୟା ତିଥିରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ଅବର୍ତ୍ତମାନରେ ସାରସ୍ୱତ ଆକାଶରେ ଏକ ଦୀପ୍ତିମନ୍ତ ଜ୍ୟୋତିଷ୍କ ଅସ୍ତମିତ ହୋଇଗଲା। ଆଜି ଏ ମହାନ ପ୍ରତିଭାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧ ,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨ ୬୬୭୩୫






# ମଣିଷ ଦେବତା

ଶ୍ରୀମତୀ ମନୋରମା ପଣ୍ଡା



ସକାଳୁ ସକାଳୁ ଉଠି ପ୍ରତିଭା ଦେବୀ ଚାଙ୍ଗୁଡି ଧରି ଫୁଲ ତୋଳିବାକୁ ବାହାରିଗଲେ। ନିଜର ଛୋଟ ଫୁଲ ବଗିଚାଟିଏ । ନାନା ଜାତିର ଫୁଲରେ ଶୋଭା ପାଉଛି ବଗିଚାଟି । ଟଗର, ମନ୍ଦାର, ଅପରାଜିତା, ଗେଣ୍ଡୁ, ତରାଟ, ଗୋଲାପ । ମନ୍ଦାର ରେ ଧଳା ମନ୍ଦାର, ନାଲି, ହଳଦିଆ ଏମିତି ସବୁ ମିଶିକରି ରହିଛି । ସକାଳର ସେ ତାଜା ସୁନ୍ଦର ପବନସହ ଫୁଲମାନଙ୍କର ମେଳି ଭାରି ମନଛୁଆଁ ସତେ । ତା' ଭିତରେ ପ୍ରଜାପତି ମାନେ ଘୁରି ବୁଲୁଥିବେ ଯେ କେଇ ବି କିଛି କ୍ଷଣ ପାଇଁ ଆନମନା ହୋଇ ଯିବ ।

ଯାହା ହେଉ, ପ୍ରତିଭା ଦେବୀ ଚାଙ୍ଗୁଡି ରେ କିଛି ଫୁଲ ଭରି ବଗିଚା ରୁ ବାହାରି ଆସୁ ଆସୁ ଦେଖିଲେ ଫୁଲ ତୋଳାଳିଙ୍କ ପାଟିତୁଣ୍ଡ। ଅନ୍ୟ ବାଡ଼ିରେ ପଶି ମନଇଚ୍ଛା ଫୁଲ ନେବା ସେମାନଙ୍କର ଗୋଟେ ନିତିଦିନିଆ ଅଭ୍ୟାସ । ଠାକୁର କଣ ଏଇଆ କହିଛନ୍ତି ନା ବେଶୀ ଫୁଲ ହେଲେ ପୂଜାରେ ଠାକୁର ସନ୍ତୁଷ୍ଟ ହୁଅନ୍ତି । ମଣିଷ ନିଜ ପ୍ରକୃତି କେବେ ବି ବଦଳାଇ ପାରିବେ ନାହିଁ । ତାଙ୍କୁ ପର ବାଡିରୁ ଫୁଲ ଛିଣ୍ଡାଇ ନେବାରେ କି ଯେ ଆନନ୍ଦ ମିଳେ ସେ ହିଁ ଜାଣନ୍ତି । ଏ ସବୁ ଭାବି ପ୍ରତିଭା ଦେବୀ ଡେରି କରିଦେଲେଣି ଉପରକୁ ଯାଇ ପୂଜା ସାରିବେ ଆହୁରି କେତେ କାମ ବାକି ଅଛି । ଚାଙ୍ଗୁଡି ଧରି ଠାକୁର ଘର ବନ୍ଧ ପାଖେ ଥୋଇଦେଲେ । ଆଜି ଖୁବ ମନଖୁସିରେ ଫୁଲ ସବୁ ସଜେଇ ପୂଜା କରିବେ। ଘରେ ପ୍ରତିଭା ଦେବୀ ଆଉ ତାଙ୍କ ସ୍ୱାମୀ ପିତାମ୍ବର ବାବୁ ଦୁଇ ଜଣ । ପିଲେମାନେ ସବୁ ବାହାରେ ।ଏ ତ ଅବସର ର ଜୀବନ । ଘର୍ ଘର୍ କି କାହାଣୀ । ତେବେ ପ୍ରତିଭା ଘରକୁ ପଶୁପଶୁ ଦେଖିଲେ ପତିଦେବ ନିଦରେ ଶୋଇ ଯାଇଛନ୍ତି। ପୂର୍ବ ପଟ ଝରକା ଟିକେ ଖୋଲା ଅଛି । ସକାଳର କଅଁଳ କିରଣ ଠିକ୍ ଆସି ପିତାମ୍ବର ବାବୁଙ୍କ ମୁହଁ ଉପରେ ପଡୁଛି । ବାଃ ! କି ସୁନ୍ଦର୍! କି ମନ ଜିଣା ସେ ଦୃଶ୍ୟ । ପ୍ରତିଭା ଦେବୀ ସେମିତି ଏକ ଲୟରେ ନିରେଖି ଚାହିଁ ଛନ୍ତି ସ୍ୱାମୀ ଙ୍କର ମୁହଁକୁ । ନୀରବ ମୁଖ-ମଣ୍ଡଳରେ ଯେମିତି ଏକ ଉଜ୍ୱଳ ଆଭା,ପୂର୍ଣ୍ଣତାର ପରିତୃପ୍ତି,ସନ୍ତୁଷ୍ଟିର ଚିହ୍ନ ସହ ପୌରୁଷର ଏକ ଜ୍ୟୋତି । କି ସୁନ୍ଦର୍ ସେ ମୁଖମଣ୍ଡଳ। ସେ ତ ଆଜି ନୂଆ ଦେଖୁନାହାନ୍ତି ! କିନ୍ତୁ ଆଜି କାହିଁକି ତାଙ୍କୁ ଏମିତି ଲାଗୁଛି । ତାଙ୍କ ଜୀବନର ଗୌରବ , ତାଙ୍କର ସୌରଭ, ସୁଖସମୃଦ୍ଧି, ସମ୍ମାନ ତାଙ୍କ ପିଲାମାନଙ୍କର ପିତା ତାଙ୍କରି ପତିଦେବ। ତାଙ୍କ ବଞ୍ଚିବାର ମୋହ ସବୁକିଛି। ପ୍ରତିଭା ଦେବୀ ଭାବୁଛନ୍ତି ଏଇଠି ତ ମୋ ଦେବତା, ମୋ ଆରାଧ ତପସ୍ୟାର ଫଳ। ତାଙ୍କରି ପଦତଳେ ଆଞ୍ଜୁଳାରେ ଭରି ଅଜାଡ଼ି ଦେବାକୁ ତୋଳି ଆଣିଥିବା ଫୁଲସବୁ । ସେ ତ ମୋର ମଣିଷ ଦେବତା,ଏମିତି ପୂଜୁ ଥାନ୍ତି ପ୍ରତି ସକାଳରେ ତାଙ୍କୁ ... !!

ଭୁବନେଶ୍ୱର
ମୋ: ୮୬୫୮୯୭୧୮୧୭

# ଜୀବନର ଚଲାପଥେ

ଗୀତାଞ୍ଜଳି ସ୍ୱାଇଁ



ଠିକଣାଟିଏ ହାତରେ ଧରି ବସିଥିବାର ସ୍ତ୍ରୀ ଲୋକଟିକୁ ଦାଣ୍ଡରେ ଯାଇ ଦେଖିଲା ରଶ୍ମି । ପଚାରିଲା କାହାକୁ ଖୋଜୁଛନ୍ତି। ଦିନେଶ ବାବୁଙ୍କ ଘର ଏଇଟା କି ? ହଁ ! ଆପଣ କାହାକୁ ଖୋଜୁଛନ୍ତି? ମୁଁ ଦିନେଶ ବାବୁଙ୍କୁ ଖୋଜୁଛି। ହଉ, ଆସନ୍ତୁ। ଘରେ ବସନ୍ତୁ। ମୁଁ ତାଙ୍କୁ ଡାକି ଦଉଛି। ରଶ୍ମି ଦିନେଶଙ୍କୁ ଡାକି ଦେଲେ। ଦିନେଶ ଆସି ଦେଖିଲେ ସିମରନ। ମୁଁ ତ ତୁମକୁ ଚିହ୍ନି ନାହିଁ। ହଁ ! ଯଦି ବା ଚିହ୍ନିଚି ତୁମର ମୋ ପାଖରେ କଣ କାମ ଅଛି ? ମୋତେ ରକ୍ଷ୍ୟା କର। ମୁଁ ଏବେ ବେସାହାରା। ତୁମେ ଆଶ୍ରା ନଦେଲେ ଆମେ ମା'ପିଲା ଦୁହେଁ କୁଆଡେ ଯିବୁକହିଲ?

ସିମରନ ବିଚଳିତ ଭାବରେ। ସିମରନ ବସରେ ଘରକୁ ଫେରୁଥିବା ବେଳେ ପାଖ ସିଟରେ ବସିଥିବା ଦିନେଶ ସହିତ କଥାବାର୍ତ୍ତା ହେଉହେଉ ବାଟ ସରି ଯାଇଥିଲା। ତେଣୁ ସେମାନେ ପୁନର୍ବାର ଦେଖା ହେବାପାଇଁ ଏକ ସ୍ଥାନ ସ୍ଥିର କଲେ । ପୁଣି ସେଠାରେ ଦେଖା ହେଲା। ସିମରନ ଜାଣିଲା ଯେ ଦିନେଶ ଏକ ବଡ଼ କମ୍ପାନୀ ମ୍ୟାନେଜରଙ୍କର ଖାସ ଲୋକ। ଦୁହେଁ ନିଷ୍ପତ୍ତି ନେଲେ ବିବାହ କରିବା ପାଇଁ। ଘରର ମୁରବିଙ୍କୁ ନ ଜଣାଇ ବିବାହ କାର୍ଯ୍ୟ ସମାପନ କଲେ। ଦିନେଶ ନେଇଥିବା ଭଡା ଘରଟିରେ ଦୁହେଁ ଖୁସିରେ କାଳ କାଟିବାକୁ ଲାଗିଲେ। ସମୟର ସ୍ରୋତରେ କିଏ ଦୂରକୁ ଭାସିଯାଏ ତ କିଏ ମଝିରେ ଥାଇ କୂଳ କିନାରା ପାଏ ନାହିଁ ।

କମ୍ପାନୀରୁ ଚୋରି ହେବା ଘଟଣାର ଆଳରେ ଦିନେଶକୁ ତା' କମ୍ପାନୀ ଛାଡିବାକୁ ପଡିଲା। ଦିନେଶ ହେଲା ବେକାର ଯୁବକ। ସିମରନ ଏହି ସମୟରେ ଥିଲା ଅନ୍ତସତ୍ତ୍ୱା। ଦିନେଶର ଦୁରବସ୍ଥା ସମୟରେ ସିମରନ ସାଥ ଦେବା ପରିବର୍ତ୍ତେ ମୁହଁ ଫେଡ଼ି ଅନ୍ୟ ଏକ ପୁରୁଷ ବନ୍ଧୁ ସହିତ ଚାଲିଗଲା। ସେ ଥିଲା ବିନୟ । କିଛି ଦିନ ପରେ ସିମରନ ଏକ କନ୍ୟା ସନ୍ତାନର ଜନନୀ ହେବାର ସୌଭାଗ୍ୟ ଲାଭ କଲା। ସେତେବେଳେ ଦିନେଶ ଥରେ ମାତ୍ର ଝିଅକୁ ଦେଖା କରିବାକୁ ଯାଇ ନିରାଶ ହୋଇ ଫେରିଲା।

କିଛି ଦିନ ପରେ ବିନୟ ଏ ମାନଙ୍କୁ ଛାଡି ବିଦେଶ ଯାଇ ସେଠାରେ ଚାକିରୀ କଲା। ଏମାନଙ୍କ ସହିତ କୌଣସି ସମ୍ପର୍କ ରଖିବାକୁ ଚାହିଁଲା ନାହିଁ। ସିମରନ ପିଲାଟିକୁ ଧରି ବହୁ କଷ୍ଟରେ କାଳାତିପାତ କରିବାକୁ ଲାଗିଲା। ଇତି ମଧ୍ୟରେ ଛ' ବର୍ଷ ଗତ ହୋଇ ଯାଇଛି। ସୌଭାଗ୍ୟ ବଶତଃ ଦିନେଶର ଠିକଣା କେଉଁ ଠାରୁ ପାଇ ତା' ଦୁଆରେ ଜଣେ ଅଜଣା ବ୍ୟକ୍ତି ଭାବରେ ପହଁଚିଲା ସିମରନ। ଦିନେଶର ସୁଖଦୁଃଖର ସାଥି ରଶ୍ମି ପ୍ରଥମେ ଦେଖି ତାକୁ ନିଜ ଘରକୁ ଆମନ୍ତ୍ରିତ କରି ନେଇ ସ୍ଥାନ ଦେଲା। ସବୁ କଥା ଶୁଣିଲା ପରେ ମଧ ରଶ୍ମି ବିଚଳିତ ନ ହୋଇ ଦିନେଶ କମ୍ପାନୀରେ ସିମରନ ପାଇଁ ଏକ ଚାକିରୀର ବ୍ୟବସ୍ଥା କଲା ଝିଅର ପୁରା ଦାୟିତ୍ୱ ନେବା ପାଇଁ ସ୍ୱୀକାର କଲା। ରଶ୍ମିର ମହାନତା ଦ୍ୱାରା ସିମରନ ଜୀବନର କଣ୍ଟକିତ ପଥ ପୁଷ୍ପମୟ ହୋଇ ଉଠିଲା।

ଧନ୍ୟବାଦ ଦେବା ଭାଗ୍ୟ ନିୟନ୍ତାଙ୍କୁ। କେତେବେଳେ କାହାକୁ ହସାନ୍ତି, କେତେବେଳେ କାହାକୁ କନ୍ଦାନ୍ତି ତାହା ତାଙ୍କୁ ହିଁ ଜଣା।

କାନନ ବିହାର, ଫେଜ-୨ ,
ପଟିଆ,ଭୁବନେଶ୍ୱର
ମୋ: ୯୭୭୬୧ ୦୪୮୮୪

# ଯାଦୁଖେଳ

ଶ୍ରୀ ଅଭୟ କୁଣ୍ଡ





କାଉଁରୀ ବାଡି ରହସ୍ୟ ହସ
ଜଣେ କରୁଛି ଗଣଙ୍କୁ ବସ
ଲଜିକ୍ ଅଳପ ମ୍ୟାଜିକ ବେଶୀ
ଶୂନ୍ୟରୁ ପଦାର୍ଥ ପଡୁଛି ଖସି ।

ଜୀବନରେ ପ୍ରତେକଟି ମୂହୁର୍ତ୍ତରୁ କିଛି ନା କିଛି ଶିଖିବାକୁ ପଡ଼ିଥାଏ । କେତେବେଳେ ନୂଆ କିଛି ଶିଖିବାକୁ ମିଳେ ତ ଆଉ କେତେବେଳେ ସେହି ପୁରୁଣାରୁ ପୁଣି କିଛି ଶିଖିବାକୁ ହୁଏ । ସେହି ଜ୍ଞାନକୁ ଗ୍ରହଣ କରିବା ପାଇଁ ଜୀବନରେ ଗୁରୁଙ୍କର ଆବଶ୍ୟକତା ରହିଥାଏ । ଗୁରୁ ବିନା କୌଣସି କାର୍ଯ୍ୟ ସିଦ୍ଧି ହୋଇ ନ ଥାଏ ।

ପୂର୍ବେ ଆମ ଦେଶରେ ମନୋରଞ୍ଜନର ମାଧ୍ୟମ କହିଲେ ଖେଳାବୁଲା, ରେଡ଼ିଓ ଶୁଣା, ପାଲା ଦାସକାଠିଆ ଇତ୍ୟାଦିକୁ ବୁଝା ଯାଉଥିଲା । ଏବେ କିନ୍ତୁ ମନୋରଞ୍ଜନର ମାଧ୍ୟମ ବଦଳିଲାଣି । ବର୍ତ୍ତମାନର ଡିଜିଟାଲ ଯୁଗରେ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ପଦାର୍ଥ ମଣିଷର ମନୋରଞ୍ଜନର ମାଧ୍ୟମ ସାଜିଛି ।କିନ୍ତୁ ସେଇ ପୁରୁଣା ସ୍ମୃତି ଆଜି ବି ଆମ ମନରେ ଉଜ୍ଜିବୀତ ହୋଇ ରହିଛି ।

ବହୁତ ପୁରୁଣା କଥାଟିଏ । ସେତେବେଳେ ଗାଁ ମାନଙ୍କରେ କିଛି ଜଣ ବ୍ୟକ୍ତି ବୁଲି ବୁଲି ଲୋକମାନଙ୍କର ମନୋରଞ୍ଜନ ପାଇଁ ମ୍ୟାଜିକ ଦେଖାଉଥିଲେ । ସେମାନଙ୍କୁ ଯାଦୁଗର ବୋଲି କୁହାଯାଉଥିଲା । ସେମିତି ଏକ ଗାଁ ଥିଲା ବିଚିତ୍ର । ଗାଁରେ ପ୍ରାୟ ସମସ୍ତେ ବ୍ରାହ୍ମଣ ପରିବାର । ଚାଷବାସ ପୂଜାପାଠ ଇତ୍ୟାଦି ଉପରେ ଭରସା । କିଛି ଲୋକ ବାହାରକୁ ଯାଇ କିଛି କାମ କରି ଅର୍ଥ ଉପାର୍ଜନ କରି ପରିବାର ପୋଷଣ କରନ୍ତି । ସେହି ଗାଁରେ ବାସ କରୁଥିଲା ଯାଦୁଗର ସନାତନ । ସନାତନ ତା'ର ଗୁରୁଙ୍କ ଠାରୁ ବହୁତ ଗୁଡ଼ିଏ ଯାଦୁ ଶିଖିଥିଲା ।ପ୍ରତିଦିନ ସକାଳୁ ସେ ତା'ର ଯାଦୁପେଡ଼ି ଧରି ବାହାରିଯାଏ । ଦୂର ଦୁରାନ୍ତର ଗାଁ ଗଣ୍ଡା ବୁଲି ଯାଦୁ ଦେଖାଇ ଲୋକଙ୍କ ଠାରୁ ଟଙ୍କା ପଇସା

ଚାଉଳ ଇତ୍ୟାଦି ସଂଗ୍ରହ କରେ ଓ ତାର ପରିବାର ପରିପୋଷଣ କରେ । ଘରେ ବାପାମା, ସ୍ତ୍ରୀ ଆଉ ଦୁଇଟି ପିଲା । ସନାର ଯାଦୁ ଖେଳ ଏତେ ପ୍ରସିଦ୍ଧି ଅର୍ଜନ କଲା ଯେ ଖୁବ କମ୍ ଦିନ ମଧ୍ୟରେ ସେ ଜଣେ ଭଲ ଯାଦୁଗର ରୂପେ ଜଣାଶୁଣା ହେଲା । ଏମିତି କି ଗାଁର ମେଳା ମହୋତ୍ସବ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଖୋଜାପଡେ ସନା ଯାଦୁଗର । କାହିଁ କେତେ ଦୂରରୁ ଲୋକେ ଧାଇଁ ଆସନ୍ତି ସନାର ଯାଦୁଗିରି ଦେଖିବା ପାଇଁ । ସେ ଏପରି ଯାଦୁ ଶିଖିଥିଲା ଯେ ମଣିଷକୁ ବେଙ୍ଗ ଓ କୁକୁରକୁ ମଣିଷ କରି ଦେଇପାରୁଥିଲା । ଲୋକେ ତା'ର ଯାଦୁ ଦେଖି ତାକୁ ଏତେ ଉତ୍ସାହିତ କରନ୍ତି ଯାହାଦ୍ୱାରା ସେ ସବୁବେଳେ କିଛି କିଛି ନୂଆ ଯାଦୁ କରିବାକୁ ଚେଷ୍ଟା କରେ । ଏମିତି କିଛି ବର୍ଷ ଭିତରେ ସନା ଘରଦ୍ୱାର, ଜମିବାଡ଼ି, ସମ୍ପତ୍ତି ବହୁତ୍ କିଛି କଲା ।

ଦିନକୁ ଦିନ ସନାର ଲୋଭ ବଢ଼ି ବଢ଼ି ଚାଲିଲା । ନିଜର ପ୍ରସିଦ୍ଧି ପାଇଁ ସେ ଗର୍ବ ଅନୁଭବ କଲା । ଏବେ ସେ ତା'ର ସେହି ଛୋଟ ଯାଦୁ ବିଦ୍ୟାରେ ଖୁସି ହୋଇ ରହିଲା ନାହିଁ । ସେ ନୂଆ କିଛି କରି ଅଧିକ ରୋଜଗାର କରିବା ପାଇଁ ଚିନ୍ତା କଲା । ତେଣୁ ମନ୍ତ୍ରତନ୍ତ୍ର ଶିଖିବା ପାଇଁ ଦୂର ଏକ ଅରଣ୍ୟ ମଧ୍ୟରେ ଥିବା ଗୁପ୍ତ ଗ୍ରାମ ମାୟାପୁରକୁ ଗଲା । ସେ ସେହି ଗ୍ରାମ ବିଷୟରେ ପୂର୍ବରୁ କିଛି ଶୁଣିଥିଲା । ସେଠାରେ ପହଞ୍ଚି ଗୁରୁ ମାୟାଧରଙ୍କ ଠାରୁ ସମସ୍ତ ଗୁଣି ଓ ମନ୍ତ୍ରତନ୍ତ୍ର ଶିଖିବାକୁ ଅନୁମତି ମାଗିଲା । ଗୁରୁଦେବ ମଧ୍ୟ ତାକୁ ଆହୁରି କିଛି ନୂଆ ନୂଆ ଯାଦୁ ଶିଖାଇଲେ । ଦିନେ ସନାତନ ଲକ୍ଷ୍ୟ କଲା ଗୁରୁଦେବଙ୍କ ପାଖରେ ଏପରି ଏକ ପୁରୁଣା ପୋଥି ଅଛି ଯେଉଁଥିରୁ ଗୁରୁ ଅନ୍ୟମାନଙ୍କୁ ଯାଦୁ ଓ ଗୁଣି ବିଦ୍ୟା ଶିଖାଉଥିଲେ ।

ସନାତନ ସେହି ପୋଥିଟିକୁ ନିଜର କରିବା ପାଇଁ ଚେଷ୍ଟା କଲା । ଦିନେ ରାତିରେ ଗୁରୁଦେବ ଶୋଇଥିବା ସମୟରେ ସନା ସେହି ପୋଥି ନେଇ ଅନ୍ୟତ୍ର ପଳାୟନ କଲା । ନିଜ ଗାଁ ଛାଡି ଅନ୍ୟ ଏକ ଗ୍ରାମରେ ରହିଲା । ନିଜେ ସେହି ପୋଥିରୁ ଜ୍ଞାନ ସଂଗ୍ରହ କରିବାକୁ ଚେଷ୍ଟା କଲା । ହେଲେ କଣ ହେବ କଥାରେ ଅଛି ଗୁରୁ ବିନା କୌଣସି କାର୍ଯ୍ୟ ସିଦ୍ଧି ହୁଏ ନାହିଁ ।

ଏକଦା ସନା ତା'ର ସମସ୍ତ ସାମଗ୍ରୀ ଧରି ଦୂର ଏକ ଗ୍ରାମକୁ ଯାଦୁ ପରିବେଷଣ ନିମନ୍ତେ ଯାଇଥିଲା । ସେ ତାର ଯାଦୁ ପେଡ଼ି ଖୋଲି ସମସ୍ତ ଯାଦୁ ପରିବେଷଣ କଲା। ସେଦିନ କିନ୍ତୁ ଲୋକଙ୍କର ଆଶା ଅଲଗା ଥିଲା । କିଛି ବ୍ୟକ୍ତି ନୂଆ ଯାଦୁ ପରିବେଷଣ କରିବା ପାଇଁ କହିଲେ । ସନାତନ ଯେଉଁ ଯାଦୁ ପରିବେଷଣ କରିବାକୁ ଲାଗିଲା ତାହା ଲୋକଙ୍କ ମନ ପସନ୍ଦ ହେଲା ନାହିଁ । ଶେଷରେ ସନାତନ ସେହି ପୋଥିରେ ପଢିଥିବା ଏକ ନୂତନ ଗୁଣି ବିଦ୍ୟା ଆରମ୍ଭ କଲା । ନିଜ ଗୁଣି ବଳରେ ପ୍ରଥମେ ସେ ଭୂମି ଉପରେ ଶୋଇ ରହିଲା ଓ ପରେ ଭୂମିଠାରୁ କିଛି ଉଚ୍ଚତାକୁ ଉଠିଗଲା। ଲୋକମାନେ ତାଳି ମାରି ଉତ୍ସାହିତ କଲେ, କିନ୍ତୁ ସେହି ସମୟରେ ସନାତନର ବିଦ୍ୟା ମନେ ପଡ଼ିଲା ନାହିଁ । ନିଜେ ରକ୍ଷାକର ରକ୍ଷାକର ବୋଲି ଚିତ୍କାର କଲା । ଶେଷରେ ଯାଦୁଖେଳ ଦେଖାଉ ଥିବା ସମୟରେ ତଳେ ପଡ଼ି ନିଜର ଜୀବନ ଗଲା । କଥାରେ ଅଛି ଅଳ୍ପ ବିଦ୍ୟା ଭୟଙ୍କରୀ । ବିଛା ମନ୍ତ୍ର ନ ଜାଣି ସାପ ଲାଞ୍ଜରେ ହାତ ମାରିବାର ଫଳ ଅକାଳ ମୃତ୍ୟୁ ଯାହା ସନା ଜୀବନରେ ଘଟିଲା । ସମସ୍ତେ ବୁଝିବା କଥା ଯେ, ବିଦ୍ୟା ଚୋରି କଲେ ସିଦ୍ଧି ମିଳେ ନାହିଁ ସାଧନାରେ ସିଦ୍ଧି ମିଳେ ।

ପଡ଼ିଆଭଙ୍ଗା, ତାଳଚେର
ମୋ :୯୫୫୬୭୯୮୯୭୨୩

ବିଜ୍ଞାପନ ପାଇଁ
ଯୋଗାଯୋଗ କରନ୍ତୁ ।
ମୋ. ନଂ.- ୯୯୩୭୦୧୭୮୫୪୭

# ପଦ୍ୟ ବିଭାଗ



# ଗୁଟା ରଂଗେ ଭକୁଆ


କୋଶ୍‌ଲୀ କବିତା

ପ୍ରଫୁଲ୍ଲ କୁମାର ତ୍ରିପାଠୀ



ଯେନ୍ ବିଷୟ୍ ଥିଁ କେହି ଜନେ ଭିଲ୍
କିଛି କେଭେଁ ନାଇଁଲେଖି
ମନ୍‌କେ ଆଏବା ସେନ୍‌ତା ବିଷୟ୍
ପାର୍‌ଲେଁ ଛନେ ଟାକି ।

ଫିଂଦିନ ଯଦି ବଏସିରା କରି
ଲେଖିମା ଗନି ଗନି ଧାଡ଼ି
ପାଠକ୍‌କେ ନୂଆଁ କିଛି ନାଇଁମିଲେ
ନାଇଁପାରେ ପୂରା ପଢ଼ି ।



ନିଜର୍ ସଉକ୍ ପୂରା ହେସି ସିନା
ନାଇଁହୁଏ କାହାର୍ ହିତ୍
ଆଉର୍ କେତେ ଜହ କହେଲେ ବୁଝିବା
କବିମାନ୍‌କଁର୍ ଚିତ୍ ?

ଯାହା ଯେତେ ଭିଲ୍ ପଢ଼ି ଜାନିଥିମା
ରଖିଥିମା ସଭେ ସୋର୍
ସେହି କଥା ସବୁ ଫେର୍ ଘାଏ ଲେଖି
ନାଇଁ କହିପାରୁଁ 'ଆମର୍' ।

ନିଜର୍ ସ୍ମୃତି ଆରୁ ଅନୁଭୂତି ସବୁ
ହଉ ସମ୍‌କଁର୍ ପୁଂଜି
ସେହି ସବୁ ଲେଖି ଦେଖେଇ ଦେବାକେ
ହଉଁ ଏତ୍‌କେଁ ରାଜି ।

ବହି ପଢ଼ି, ଫେର୍ ବହି ଲେଖୁଥିଲେଁ
ନାଇଁହୁଏ କିଛି ନୂଆଁ
ଲେଖକ୍, ପାଠକ୍ ସଭେ ଗୁଟାରଂଗେଁ
ବନ୍‌ସନ୍ ଇନ ଭକୁଆ ।

ରୟାଲ ଲାଗୁନ, ଭୁବନେଶ୍ୱର

# ଗୁନ୍ଦାଲ୍

ଗଦାଧର ନିଆଲ



ଯେନ୍ ବନ୍ଧ କେ ଦେଖ
ଆର୍ ଯେନ୍ କଁଟା ଦେଖ
ଇନେ ଦେଶୀ ମାଛ୍ କାହିଁ ?
ବିଦେଶୀ ବିଲ୍ ସବୁ ।
ସିଙ୍ଗି, ବଏଁରୀର୍ ତ ଦେଖା ନାଇଁ
ଆର୍ ମାଗୁର୍ ମାନେ ତ
ମାଏଟ୍ ଭିତ୍ରେଁ ମିଶି ଗଲେନ ।
ଆର୍ ଝଲ୍‌ଝଲ୍ ମଲ୍‌ମଲ୍ ହଉଛନ୍
ଇ ଜର୍ଡା, ପୁଟିଆ ଆର୍ ଠୁର୍ରୁ
ସବୁ ଗୁନ୍ଦାଲ୍ ହେଇ ଯାଉଛେ !



ଏଛିନ୍ ବିଲେଇ ଉପରେ ମୂଷା ବସିଛେ
ଆର୍ ବାଘର୍ ପିଠି ଛେଲ୍
କୁଲିହା କୁକୁର ମାର୍‌ସାଦ୍ ବସି
ରାତି ହଉଛନ୍ ମେଲ ।
ସିଂହ ଶୁଇଛେ ଶାର୍ଦ୍ଦୁଳର୍ ସଙ୍ଗେ
ହାତୀ ଫିଙ୍କୁଛେ ଢେଲ୍
ନେଉଲ୍ ସାଙ୍ଗେ ନାଗ୍ ନାଚୁଛେ
ମାଁକଡ୍ ଖାଉଛେ ବେଲ୍ ।
ସବୁ ଗୁନ୍ଦାଲ୍ ହେଇ ଯାଉଛେ !

ଆର୍ କୁକୁର ଭିତ୍ରେଁ କୁଲିହା ରଜା
ବିଲେଇ ଜୁଗିଛେ ଶୁଖୁଆ ଭଜା
ବାଘ୍ ଦେଖୁଛେ ମଟ୍‌ମଟ୍
ଆର୍ ଦାନ୍ତ୍ କରୁଛେ କଟ୍‌କଟ୍
ସବୁ ଗୁନ୍ଦାଲ୍ ହେଇ ଯାଉଛେ !

ବଲ୍‌ଦେବ୍ ନିବାସ୍, ବଡ୍‌ବଜାର
ସମ୍ବଲପୁର୍

# ମୁଁ ନଥିବାର ବେଳେ

ପ୍ରଫେସର ବୀଣାପାଣି ତ୍ରିପାଠୀ



ରାତି ପାହିଗଲେ ଆସୁଥିବ ଦିନ
ଦିନ ସରି ଗଲେ ରାତି
ଏଇମିତି ଚାଲିଥିବ ପୃଥିବୀ ବସିଲା ଦିନୁ।
ହେଲେ, ରାତି ପାହିବନି ଥରେ ମୋର
ଅଥବା ଦିନ ସରି ରାତି
ମୁଁ ନଥିବି ଦେଖିବାକୁ ରାତିପରେ ଉଇଁ ଆସୁଥିବା
ସୂର୍ଯ୍ୟ ବା
ରାତ୍ରି ର ଚନ୍ଦ୍ରଲୋକରେ ପଖଳିବାକୁ ଆଖି
ଆଉ ଥରେ ନେବାକୁ ପ୍ରଶ୍ୱାସ
ଭୁଲିଯାଇଥିବି
ମୋ ନଥିବାଇ ଖବର ପାଇଯିବ ତୁମେ
ସେବେଳେ କେମିତି ହୋଇଥିବ
ତୁମ ମୁଁହ ର ରଙ୍ଗ
କେମିତି ଡେଇଁ ପଡିଥିବ ତୁମ ସ୍ପନ୍ଦନ
ତୁମେ କାନ୍ଦୁଣୁ ମାନ୍ଦୁଣୁ ହୋଇଯାଉଥିବ
ହେଲେ ଝରେଇ ପାରୁନଥିବ ଠୋପେ ଲୁହ
ଶୂନ୍ୟ କୁ ଚାହିଁଥିବ
ସେଠି ନଥିବ ଶୂନ୍ୟ
ଯେଉଁ ଦିଶା କୁ ଚାହୁଁଥିବ
ଧସେଇ ଆସୁଥିବି ମୁଁ
ମୁଠେ ପବନ ହୋଇ
ତୁମେ ଲୁଚେଇ ଦେଉଥିବ ମୋତେ
ଛାତି ତଳେ ଦୀର୍ଘଶ୍ୱାସଟିଏ କରି
ଲୁଚେଇ ଦେଉଥିବ ଅସ୍ପଷ୍ଟ ଶବ୍ଦଟିଏ କରି
ମୁଁ ନଥିବାର ବେଳେ
ତୁମେ ହୁଏତ  ଆଉ ତୁମେ ହୋଇ ନଥିବ
ଯଦିଓ ଏ ଆକାଶ, ଏ ମାଟି, ଜହ୍ନ, ସୂର୍ଯ୍ୟ,ଓ
ଦିଗବଳୟ ଠିକ ଏକା ପରି ଥିବ ...।



ମଧୁବନ, ଢେଙ୍କାନାଳ

# ବୋଉ

ଡକ୍ଟର ରଶ୍ମି ଦାସ





ମୁଁ କେବେ ମାଗି ନ ଥିଲି
ତୁ କିନ୍ତୁ ବିଛେଇ ଦେଉଥିଲୁ
ପରସ୍ତ ପରସ୍ତ ଭଲପାଇବା କୁ
ମୋ ଆଖିରେ ପାଣି ଆସିବା ଆଗରୁ
ତୋର ପଣତ ଜୁଡୁବୁଡୁ ହୋଇ ଯାଉଥିଲା ।
ମୋ ଓଠ ର ହସଟିକକ
ତୋ ଦୁନିଆର ବଗିଚାକୁ
ଫୁଲରେ ମହକିତ ହେଉଥିଲା।
ମୁଁ ନଇଁ ପଡିଲେ ତୁ କୋଳେଇ
ନେଉଥିଲୁ ,ମୁଁ ବସି ପଡ଼ିଲେ
ସାଉଁଳେଇ ଦେଉଥିଲୁ
ମୋ ପାଇଁ ଢେର୍ ଓଦା କତରାକୁ
ମାଘ ଶୀତ ରେ ବି ତୋ ପିଠି ତଳେ
ଆବୁରେଇ ନେଇଥିଲୁ।
ଜହ୍ନ ଦେବୁ,ସରଗ ରାଇଜରେ
ବୁଲେଇ ଦେବୁ, ଏସବୁ କଥା ତୋ ବିନା
ଆଉ ବା କିଏ କରିପାରିବ,
ତୋ ରାଗ ଗରଗର ମୁହଁ ରେ
ମହୁପରି ହୃଦୟ ଟିଏ,
ଜଣାରେ ହେଉ କି ଅଜଣା ରେ
ତୋର  ପଦଟି କଥା
ନିର୍ମାଲ୍ୟ ପରି ସଦୃଶ,
ତୁ ଥିବା ଘର ବଡ଼ ଦେଉଳ,
ତୋ ରନ୍ଧା ଅନ୍ନ ମହାପ୍ରସାଦ,
ତୋର ସାଉଁଳା ହାତ
ଶୀତଳ ଚନ୍ଦନ,ତୁ ସେଇଥିପାଇଁ
ବୋଉ
ତୋର କଇଁଥା ମରା ପେଟକୁ
ମୋର ଠୁଙ୍କାପୁଲା,
ତଥାପି,ତୁ କହୁ ମୁଁ ଶୁଖି
କଳାକାଠ ପଡ଼ିଗଲାଣି,
ତୋର ଆଖି ର ସ୍ୱପ୍ନ ସବୁ
ମୁଁ ପରା ଲୋ,
ମୋର  ଝାଳମରା ଦେହର
ବାସ୍ନା ତୋ ମନରେ କୋଳାହଳ କରେ,
ତୋର ଗୋବର ଚକଟା ପାଦ
ମୋର ଜୀବନର ପଥକୁ
ପରିଚ୍ଛନ୍ନ କରେ,
ତୁ ପରା ସେଇଥିପାଇଁ
ସବୁଠାରୁ ଶ୍ରେଷ୍ଠ ମୋର ବୋଉ

କାନନ ବିହାର, ଫେଜ-୨,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ମାଟିର ସନ୍ଥ ଗୋପୀନାଥ


ସରୋଜ କୁମାର ଶତପଥୀ



ଅଜ୍ଞାତ ଗିରିର କାକର ଭିଜା ସେ, ସିକ୍ତ ଶୁଭ୍ର ଭୋର,
ଶୁଣିଲ ପ୍ରଥମେ ଆଦିମ ଆତ୍ମାର, ନିଃସଙ୍ଗ ଆର୍ତ୍ତସ୍ୱର।

ତିମିର-ଗହ୍ୱର ଅରଣ୍ୟର କୋଳେ, ହଜିଲା ମଣିଷ ଲାଗି,
ଦେଇଥିଲ ତୁମେ ଜୀବନ-ରାଗିଣୀ, ଉଠିଲା ପୁଣି ସେ ଜାଗି।

'ପରଜା' ମୁଖର ଶୁଖିଲା ପାଖୁଡ଼େ, ଅକୁହା ବେଦନା-ରାଶି,
ଲେଖନୀ ମୁନରେ ରୂପ ନେଲା ଶେଷେ, ମହାକାବ୍ୟ ଅବିନାଶୀ।



'ଦାଦିବୁଢ଼ା' ସେଇ ଶାଳ-ଛାୟା ତଳେ, ନୀରବତା କଥା କୁହେ,
ଜୀବନର ଅସୁମାରି ସଉଭାଗ୍ୟ, ତୁମରି ଶବ୍ଦେ ବହେ।

ମାଟି-ମଣିଷର ଅତୁଟ ବନ୍ଧନେ, 'ଅମୃତ ସନ୍ତାନ' ଖୋଜି,
ପ୍ରତିଟି ପ୍ରାଣର ସ୍ପନ୍ଦନେ ଆଙ୍କିଲ, ଜୀବନର ନୂଆ ବାଜି।

'ମାଟିମଟାଳ'ର ମହା-ପୁରାଣକୁ, ଓଡ଼ିଆ ଅନ୍ତରେ ଆଙ୍କି,
ସାରସ୍ୱତ ପଥେ ରଖିଲ ନାହିଁ ତ, କିଛି ବି ବିସ୍ମୟ ବାକି।

କଂକ୍ରିଟ୍ ଘେରା ସହରୀ ଜ୍ୱାଳାରେ, 'ଦାନାପାଣି' ହାହାକାର,
ତୁମ ଲେଖନୀରେ ପିତା-ବାସ୍ତବରେ, କଲା କରୁଣ ଚିତ୍କାର।

ଆକାଶୀ ଶବ୍ଦର ମାୟାବୀ ଉଚ୍ଚତା, ଜାତିର-ସ୍ମୃତିର ଗାଥା,
ସୃଜନ ପଥର ଅଲିଭା ଆଲୋକ, ନୁଆଁଇବ ସଦା ମଥା।

ଜ୍ଞାନପୀଠର ସ୍ୱର୍ଣ୍ଣିମ ଦ୍ୟୁତିରେ ଚମକିଲା ତୁମ କାନ୍ତି,
ଧୂଳିମାଟିର ସନ୍ଥ ସାଜି ତୁମେ, ରଚିଲ ଶାଶ୍ୱତ ଶାନ୍ତି।

ତୁମ ଲେଖନୀର ପ୍ରତିଟି ଶବ୍ଦେ, ଶୁଭେ ଅରଣ୍ୟର ସ୍ୱର,
ସୃଜନ ପଥର ଅଲିଭା ଆଲୋକ, ତୁମେ ଶାଶ୍ୱତ ଭାସ୍କର।

ସମ୍ପାଦକ, ଅନୁସ୍ୱାର
ମୋ : ୯୯୩୭୧୨୮୫୪୭

# କୈଫିୟତ

ଯୋଗେଶ ଚନ୍ଦ୍ର ମିଶ୍ର



ସାଉଁଟି ନେଇ ଜୀବନର
ସବୁ କିଛି ପାଇବା ନ ପାଇବା
ଧନ, ଦାରା, ସୁତ ମାନ ଅଭିମାନ
ନିଜ ଭିତରେ ପାଲଟି ଯାଆନ୍ତି
ଏକ ଅନାମଧେୟ ସିନ୍ଧୁ
ଯେଉଁଠୁ ଫେରିବାକୁ ବାଟ ନଥିବ
ଖୋଜିବାର ଶେଷ ନ ଥିବ
ମନପକ୍ଷୀ ପିଞ୍ଜରା ଛିଣ୍ଡେଇ
ଉଡ଼ିବାକୁ ଚେଷ୍ଟା କରୁଥିବ
ବାଟବଣା ହେଇ ପୁଣି ଫେରୁଥିବ
କୁନିକୁନି ଡେଣା ସବୁ ଥକି ଗଲାପରେ
ଆଗାମୀ ପାଇଁ ପ୍ରସ୍ତୁତ ହେଉଥିବ
ଜୀବନର ମାନସାଙ୍କ ସାରି
ତୁମ ପାଖେ କୈଫିୟତ ଦେବାକୁ
ବାକି ଯାହା ଅଛି ।



ସର୍ଗିଗୁଡ଼ା, ଟିଟିଲାଗଡ଼
ମୋ : ୯୭୭୭୩୭୦୧୨୩

# ରଙ୍ଗ ପୀରତି - ୧୯

ବିଦ୍ୟାଧର ଗୁରୁ



ଧରମ ବାଟକୁ ଭୁଲିବୁନି ଗୋରୀ
ବିଚାରିବୁ ଭଲମନ୍ଦ
ଗୋଡ଼ ଦେଇଦେଲେ ଅଧର୍ମର ବାଟେ
ସଂସାର କହିବ ମନ୍ଦ ।
ମନ୍ଦମନ୍ଦ ହାସେ ଚାହିଁବୁନି କା'ରେ
ହସ ତୋ ପୁନେଇଁ ଜହ୍ନ
ସେ ହସରେ ଦେହେ ଲାଗିଯାଏ ନିଆଁ
ଛଟପଟ ମନ ପ୍ରାଣ ।
ମନପ୍ରାଣ ଢାଳି ଦେବୁନି କହାରେ
ନବୁଝି ବିଚାରି ଭଲେ
ହୁଏ କି ରେ ଗଢ଼ି ମନର ଆଇନା
ଥରେ ତାହା ଭାଙ୍ଗିଗଲେ ।
ଭାଙ୍ଗି ଦେବୁ ନାହିଁ ମନଟି କାହାର
ତୋତେ ପାଏ ଭଲ ଯିଏ
ଭଲ ପାଇବାରେ ନଥାଏ ଛଳନା
ସଜ ଫୁଟା ଫୁଲ ପ୍ରାୟେ ।
ଫୁଲ ପରି ହେବୁ ନାହିଁ ଗୋ ସଜନୀ
ମନ କୁ କରିବୁ ଟାଣ
ଦୃଢ଼ମନାଙ୍କର ହୋଇଥାଏ ଜିତା
ରକ୍ଷାକରି ନିଜ ପଣ ।



ସୁନ୍ଦରପଦା, ଭୁବନେଶ୍ୱର

# ଜାଣିବ ଏବେ ମୋ ସଖୀ

ବସନ୍ତ କୁମାର ଦାସ



ଓଠ କହେ ଆଖି ! ହସିବା ମୋ ନିଜ
ଦୁଃଖର ସୁଖର ସାଥୀ
ଯେବେ ମୁଁ ହସିଲି ଆଖି ! ତୁ ଦେଉଛୁ
ଲୁହରେ ଦି ପଦ ଲେଖି !
ହୃଦୟ ସିନ୍ଦୁକେ ଲୁଚାଇଛି ଦୁଃଖ
ଜାଣିବ ଏବେ ମୋ ସଖୀ ।।

ଭାଙ୍ଗିଗଲେ ଯାଉ ହୃଦୟର ବନ୍ଧ
ଲହୁ ବନ୍ୟା ଲୁଚି ଝରୁ
ସରୁ ହସ ଧାରେ ଚାପିଦେଇ ପାରେ
ଦୁଃଖର ସେ ମହା ମେରୁ ।
ଲୁହ ତୁ ନୟନ ପେଡ଼ିରେ ଲୁଚିବା
ପାରିନୁ ଥରୁଟେ ଶିଖି ,
ହୃଦୟ ସିନ୍ଦୁକେ ଲୁଚାଇଛି ଦୁଃଖ
ଜାଣିବ ଏବେ ମୋ ସଖୀ ।।



ଝାଉଁଳି ପଡ଼ିଛି ଯେବେ ଚମକିଛି
ଲୁଣିଆ ଲୁହ ତୋ ପିଇ
ଉତ୍ତର ପାଇନି ଦୁଃଖର ଝରଣା
ମିଠା କିଆଁ ହେଲା ନାହିଁ ।
କେତେ ମୁଁ ଲେଖିବି କେତେ ମୁଁ ଚିରିବି
ଚୁକ୍ତିପତ୍ର ଲେଖି ଲେଖି,
ହୃଦୟ ସିନ୍ଦୁକେ ଲୁଚାଇଛି ଦୁଃଖ
ଜାଣିବ ଏବେ ମୋ ସଖୀ ।।

ବରମୁଣ୍ଡା ଗ୍ରାମ, ଭୁବନେଶ୍ୱର
ମୋ: ୭୦୦୮୬୯୩୯୦୩

# ପ୍ରେମ ଭରା ଏ ପୃଥିବୀ

ସଚି ବେହେରା



ସ୍ମୃତି ଆଇନାରେ ଜଳଜଳ ଦିଶେ
ଜୀବନର ଜଳ ଛବି
ସପନେ ସାଇତା ବିଶ୍ୱାସେ ବିଜେତା
ପ୍ରେମ ଭରା ଏ ପୃଥିବୀ।

ପ୍ରେମ ପୃଥିବୀରେ ଅଳସ ଭାଙ୍ଗୁଛି
ସ୍ମୃତି ଝରା ସେଇ ଦିନ
ହସର କ୍ଷେତରୁ ସୁଖ ଖୋଜୁଛି ମୋ
ସୋରିଷ ଫୁଲିଆ ମନ।



ବାତାୟନ ପଥେ ଉଙ୍କି ମାରୁଅଛି
ମାୟାବିନୀ ଜହ୍ନରାତି
ବୟସ ବଗିଚା ଅୟସେ ମାତିଛି
ଧରି ଫୁଲ ପ୍ରଜାପତି।

ଏଇ ଝୁମା ଝୁମା ଗୋଲାପି ବେଳା
ବସନ୍ତର ଅଭିସାର
ଝୁମି ଉଠେ ମନ ଶୁଭି ଯାଏ ଯେବେ
କୋଇଲିର ସାତ ସୁର ।

ଯୁଗ୍ମ ନିର୍ଦ୍ଦେଶକ, ଟ୍ରେଜେରୀ ନିର୍ଦ୍ଦେଶାଳୟ
ଭୁବନେଶ୍ୱର
ମୋ-୯୦୯୦୧ ୭୫୨୭୦

# କବିର ଆତ୍ମକଥା

ଅପରାଜିତା



କେହି ଯଦି ପଚାରିବ
କୁହ କବି କବିତାର କଥା
କି ଉତ୍ତର ଦେବି ମୁହିଁ
କବିତା ତ ଅନ୍ତରର ବ୍ୟଥା।

କହିବି ମୁଁ ସିଏ ମୋର
ପ୍ରିୟତମ କ୍ଷତ ହୃଦୟରେ
ସାଇତିଛି ଛାତିତଳେ
ଦେଖେଇ ମୁଁ ପାରିନି କାହାରେ।

ଯଦି କେବେ କେ ପଚାରେ
କବି ତୁମେ କେଉଁ ପଥେ ଚାଲ
କଣ୍ଟକିତ ପଥ ମୋର
ନାହିଁ ଯହିଁ ଗୋଟିଏ ବି ଫୁଲ।

ଲେଖିଛି ମୁଁ ଏମିତି କବିତା
କାଳି କରି ଲହୁଲୁହ ମୋର
ଚିରନ୍ତନୀ ପ୍ରେମଗାଥା
ଲେଖୁଥାଏ ଲେଖନୀର ଗାର ।



ଉପବିଭାଗ ଅଧିକାରୀ,
ଟ୍ରେଜେରୀ ନିର୍ଦ୍ଦେଶାଳୟ ଭୁବନେଶ୍ୱର
ଫୋନ୍ ନଂ –୮୦୧୮୫୬୪୯୨୭

# ଅମର

ସଚ୍ଚିଦାନନ୍ଦ ସାହୁ



ଉଠିବ ଯେତିକି ପଡିବ ସେତିକି
ଏହିତ ଢେଉର ଗୁଣ
ଜୀବନ ଢେଉର ଉଠାଣି ପଡାଣି
ଚାଲିଥାଏ ପ୍ରତିକ୍ଷଣ ।
ପ୍ରତିକ୍ଷଣେ ପୁଣି ବଦଳେ ସମୟ
ବଦଳିଯାଏ ଏ ମନ
ମନ ବଦଳିଲେ ହୃଦୟ ସାଗରେ
ଉଠଇ  ଝଡ ତୋଫାନ ।
ସେ ଝଡ ତୋଫାନେ ଧରିଛି ଯେ ମଙ୍ଗ
ମୃତ୍ୟୁକୁ ବଇନା ଦେଇ
ପ୍ରତିଟି ନିଶ୍ୱାସେ ଜୀବନ ବିଶ୍ୱାସେ
ବଞ୍ଚିବାର ଆଶା ନେଇ ।
ବଞ୍ଚିବା ମରିବା ଜୀବନ ନଈରେ
ପାଣି ଫୋଟକାର ପ୍ରଶ୍ନ
ପାଣି ଫୋଟକାର କରିବାକୁ ଇଛା
ଅନ୍ୟ ଭାଗ୍ୟ ନିର୍ଦ୍ଧାରଣ ।
ଭାଗ୍ୟ ଯେବେ ଖେଳେ ଲୁଚକାଳି ଖେଳ
ଆସିଯାନ୍ତି ସୁଖ ଦୁଃଖ
ସୁଖ ଦୁଃଖ ଦୁଇ ନାଚି ଥେଇ ଥେଇ
କୁହନ୍ତି ଏଥିରୁ ଶିଖ ।
ଶିଖିଗଲା ଯିଏ ଜୀବନ ଜୀଇଁବା
ମରିବା ତା ପାଇଁ ଛାର
ଜନ୍ମ ମୃତ୍ୟୁଠାରୁ ଉର୍ଦ୍ଧ୍ୱକୁ ପଳାଏ
ହୋଇଯାଏ ସେ ଅମର ।



ସହ ନିର୍ଦ୍ଦେଶକ,
କୋଷାଗାର ନିର୍ଦ୍ଦେଶାଳୟ, ଓଡିଶା ସରକାର
ମୋବାଇଲ୍ ନଂ- +୯୧-୯୯୩୭୧୭୭୭୮୧

# ରହିଛି ରହିବି ସତ ପଥରେ

ଡକ୍ଟର ମନ୍ଦାକିନୀ ପାଢ଼ୀ





ମିଥ୍ୟା ଗୋଟି ଅଟେ ଭାରି ଅବାନ୍ତର
ଛୋଟଛୋଟ ଗୋଡ଼ ତାର
ରହିଥିଲେ ସଦା ସତ୍ୟ ଧର୍ମ ପଥେ
ମିଳେ ଜଗତେ ଆଦର ।

ସତ୍ୟ ପଥରେ ଚାଲୁଅଛି ମୁଁ ସଦା
ହୋଇଛି ସତ୍ୟର ବ୍ରତୀ
ଅସତ୍ ପଥରେ ଚାଲିବିନି କେବେ
ରଖିବିନି ମନେ ଭ୍ରାନ୍ତି ।

ସତ୍ୟରେ ରହିଲେ ଫୁଟିବ ମନରେ
ଦିନେ ସୁନ୍ଦର ପଦୁଅଁ
ଦେହରୁ ଅଜାଡ଼ି ଦେଲେ ସବୁ ପଙ୍କ
ଅଜାଡ଼ିଲେ ମନପ୍ରାଣ ।

ଜୀବନ ଛାୟା କାୟା ପରି ବାନ୍ଧିଛି
ପ୍ରତ୍ୟାଶାର ଅନ୍ତନାହିଁ
ରଙ୍ଗ ଛାଡ଼ି ଗଲେ କାଳ ଗଡ଼ି ଗଲେ
ସ୍ୱପ୍ନପୂର୍ଣ୍ଣ ହେବନାହିଁ ।

ସତ୍ୟର ସଦା ସହଯାତ୍ରୀ ହୋଇଛି
ଜୀବନର ବ୍ରତ କରି
ନିତି ପିନ୍ଧି ଦିଏ ଗହଣା ସତ୍ୟକୁ
ଯାଇନି କେବେ ମୁଁ ହାରି ।

ନିଜ ଭିତରେ ଥିବା ସହସ୍ର ହିଂସା
ଫିଙ୍ଗିକି ଫୋପାଡ଼ି ଦିଏ
ସତ୍ୟର ଚରମ ସ୍ୱର୍ଶ ପାଇବାକୁ
ମିଛ ଲୋଭ ଭୁଲି ଯାଏ ।

ବନ୍ଦ ଆଖିର ଧୂଆଁ ତଳେ ମିଛକୁ
କେବେ ଆଦରିବି ନାହିଁ
ଆଖି ଧୂଆଁ ଯିବ ଦୂରକୁ ଦୂରକୁ
ସତ୍ୟ ଅନ୍ୱେଷଣ କରି ।

ପଦ୍ମପୁର,ବରଗଡ଼

# ସୀମାବଦ୍ଧ

ଡକ୍ଟର ବୀଣାଦତ୍ତ ପଟ୍ଟନାୟକ



ଅଶ୍ରୁଳ କଣ୍ଠରେ ମୁଁ ମାଗିଲି
ହେ ସମୁଦ୍ର ପିତା ମୋର
ଦିଅ ମୋତେ ବୈଦୁର୍ଯ୍ୟର ଚୁମାଟିଏ
ମୁକ୍ତାର ତରୀଟିଏ, ପ୍ରଭଞ୍ଜନର ପାଲଟିଏ
ତୁମ ଦିଗନ୍ତର ଲୋହିତ ଐଶ୍ୱର୍ଯ୍ୟର ଦେଶେ
ମୁଁ ଅରୁଣର ଉତ୍ସବକୁ ଯିବି
ମୁଁ ଜନମ ଦୁଃଖିନୀ
ଦୟାକର ପିତା ! ଦୟାକର !

ବ୍ୟଥାର ସୈକତରେ ତରଙ୍ଗର ମଥାପିଟି
ସମୁଦ୍ର ବାହୁନି ବସିଲା
ମା' ମୋର ! ମୁଁ ନିଃସ୍ୱ !ମୁଁ ନିଃସ୍ୱ !
ଯାହାଅଛି ପରିତ୍ୟକ୍ତ ଭଣ୍ଡାରରେ
ଲବଣାକ୍ତ ନୀଳ ଲହୁ
ସେ ତୋର ବେଦନାର୍ତ୍ତ ଉର୍ମିଟିଏ
ଜମିଦାରୀ ଆଭିଜାତ୍ୟ ଯିବାପରେ
ଭଗ୍ନ ଏକ ଆଲବଲୀ ହୁକ୍କା ।

ଅନ୍ଧାରରେ ଟଳିଟଳି ଆକାଶକୁ ମାଗିଲି
ବଉଦର ଦର୍ଜାଖୋଲି
ମୋତେ ଦିଅ ନକ୍ଷତ୍ରର ଫୁଲ
ମୁଁ ଜନମ ଦୁଃଖିନୀ
ମୋ ନୁଖୁରା ଗଭାରେ ଖୋସି ପ୍ରୀତିର ପ୍ରତୀକ୍ଷା
ମୋ ଦେବତାକୁ ଖୋଜିବାକୁ ଯିବି ।
ଆକାଶ କହିଲା 'ମାଆ ମୋର' !

ନକ୍ଷତ୍ର ଖମାରେ ଯେତେ ରିକ୍ତତାର ଅଶ୍ରୁ
ଖସିପଡ଼େ ବିନ୍ଦୁବିନ୍ଦୁ ଶିଶିର ଦୁର୍ବାରେ
ଏହାକୁ ଟିଟିଭ ନେଉ- ନେବୁ ଯଦି ଦୁର୍ବାଟିଏ
ଫେରିଯାଆ ସାଆନ୍ତର ଉଦ୍ୟାନକୁ ।

ଉଦ୍ୟାନକୁ କହିଲି – ମୁଁ ଜନମ ଦୁଃଖିନୀ
ମୋତେ ଦିଅ ଚନ୍ଦ୍ରମଲ୍ଲୀ
ମୋତେଦିଅ କ୍ରୋଟ୍ ସିକ୍ୱାର
ମଳୟର ବାଲ୍ଲକୀ ଅବା ଡାଲିଆ ବାହାର
ମୁଁ ଉତ୍ସବକୁ ଯିବି, ଡାକ ଆସେ 'ଅହୋମ୍ରାଜାର ।'

କାନ୍ଦିକାନ୍ଦି ଉଦ୍ୟାନ କହିଲା-
'ମାଳିକୁ ପଚାର
ଫଲ୍‌ଗୁ ସବୁ ଲୁଟାଇଛି ତୃଷାର ସଳିଳ
ପୁଷ୍ପକଳି ହେଲାଣି ସାବାଡ଼ ।'

ଏତେସବୁ କାତରତା ବ୍ୟର୍ଥ ହେଲାପରେ
ମାଟିମାଆ କାନ୍ଦିକାନ୍ଦି କହିଲା
' କୁଆଡ଼େ ଯିବୁଲୋ ମାଆ !
ବାଇ ହେଲା ଉଡ଼ନ୍ତା ଖଟୁଲୀ
ଦେଖ୍, ଏ ପାଖେ ତୋ ଧୂଳିଘର କାଠଘୋଡ଼ା
ସେପଟେ ତୋ ମହାଯଜ୍ଞ ଚୁଲି
ତୁ ନା ପାରିବୁ ଉଡ଼ି, ନା ପାରିବୁ ଗଡ଼ି
ତୋ ଉତ୍ସବ ମହିମାର ଉଦୟାସ୍ତ ତଟ
ସୀମାବଦ୍ଧ ! ସୀମାବଦ୍ଧ ।'

ଉମା ବିହାର, ପଟିଆ, ଭୁବନେଶ୍ୱର
ମୋ - ୯୪୩୭୬ ୯୨୫୯୫

# ନୀଳାଚଳ ଦର୍ଶନ

କମଳିନୀ ଦେବୀ



ଜୀବନରେ ଥିବି ଯେବେ ଯିବି ନୀଳାଚଳ
ଦର୍ଶନ କରିବି ଯାଇ ବ୍ରହ୍ମାଣ୍ଡ ଠାକୁର ।।

ସିଏ ବ୍ରହ୍ମା,ସିଏ ବିଷ୍ଣୁ ବରଦାତା ହର
ଦୁଃଖ ସୁଖ ଜଣାଇବି ମୋ ପାପ ପୁଣ୍ୟର ।।

ଶଙ୍ଖ କ୍ଷେତ୍ରେ ନୀଳଶୈଳେ ବିରାଜିତ ସିଏ
ଦାରୁବ୍ରହ୍ମ ରୂପରେ ଏ ଜଗତକୁ ମୋହେ ।।

ଶବରୀ ଅଇଁଠା ଖିଆ ଏହି ସେ କାଳିଆ
ବୃନ୍ଦାବନେ ଧେନୁ ଚରା ଶ୍ରୀ ବନମାଳୀଆ ।।

ବ୍ରଜବାଳୀ ହୃଦଚୋରା ରାଧିକା ବଲ୍ଲଭ
ବସିଅଛି ନୀଳାଚଳେ ସେ ନୀଳମାଧବ ।।



ଛପନ ପ୍ରକାର ଭୋଗ ଭୁଞ୍ଜଇ ସେ ବସି
ଆନନ୍ଦ ବଜାରେ ଦିଏ ଆନନ୍ଦ ପରସି ।।

ଭୁଲି ସିଏ ଗୋପପୁର ଭୁଲିଲା ଗିରି କନ୍ଦର
ଭୁଲିଛି ନନ୍ଦ, ଯଶୋଦା ସଖା ମଧୁ ମଙ୍ଗଳ ।।

ବଡ଼ ଦେଉଳରେ ବସି ବିଶ୍ୱା ଶବର ଭୁଲିଛି
ରତ୍ନ ସିଂହାସନ ସୁଖ ପାରୁନି ମନୁ ମୁରୁଛି ।।

ଦୁଇ ବାହୁ ଟେକି ଡାକେ ଭକତ ଜନେ ସେ
ପତିତପାବନ ବାନା ଉଡ଼ାଇ ଟାଣେ ସେ ।।

ସମ୍ପାଦିକା
ସ୍ୱୟଂପ୍ରଭା ଲେଖିକା ସଂସଦ, ବରଗଡ଼
ମୋ - ୮୨୪୯୮୭୧୭୩୨

# ସବୁବେଳେ ହସୁଥିବା ଝିଅ

ସବିତା ଶତପଥୀ



ଖିଲିଖିଲି ହସିଦେଲେ
ଝରିପଡେ ଗୋଲାପ ପାଖୁଡ଼ା
ମହକାଇ ଦେଉଥାଏ ସକାଳରୁ ସଞ୍ଜ
ଘରୁ ବାହାର ଯାଏ
ଗାଲ ଟିକେ ଛୁଇଁ ଦେଇ ପଚାରିଲି,
ଏତେ ହସ କେଉଁ ଠାରୁ ଆଣିଛୁ ଚୋରାଇ
ଉତ୍ତରରେ ଫିକ୍ କରି ହସିଦେଇ
ଦୌଡ଼ି ଚାଲିଯାଏ
ପରିବର୍ତ୍ତନ ସମୟ ରଙ୍ଗରୂପ
ଦିଏ ବଦଳାଇ
ସବୁରି ଦୁଃଖ ରେ ଦୁଃଖି
ସୁଖେସୁଖୀ ହୋଇ ଚାଲି ଥାଇ
ନିର୍ଲିପ୍ତ ଓଠ ରୁ ତାର
ସଦା ହସ ଝରୁ ଥାଇ
ବିଷାଦର ଚିହ୍ନ ନ ଦିଶଇ
ପାଖକୁ ଡାକି ପଚାରିଲି
ଏତେ ହସ କେଉଁ ଠାରେ
ରଖିଛୁ ଲୁଚାଇ
ମଥା ଟେକି ଦେଲା ମତେ ଚାହିଁ
ଦେଖୁ ଥିଲି ଆଖିକୁ ତାହାର
ଢଳଢଳ ଆଖି ଦୁଇ ଥିଲା ଛଳଛଳ
ତା ଭିତରେ ସମାହିତ
ସାତ ସାଗରର ଜଳ
ଚିକ୍ ଚିକ୍ କରୁଥିଲେ
ବେଦନାର କେତେ ହୀରା ମୋତି
ତା ଭିତର ହସ ଧାରେ ନେଇ
vvଗଲା ସିଏ ଚାଲି,
ବିବଶ ମୁଁ ପାଇ ଯାଇଥିଲି
ମୋର ପ୍ରଶ୍ନ ର ଉତ୍ତର ।



ଭୁବନେଶ୍ୱର

# ଅବ୍ୟକ୍ତ

ନିହାରିକା ରାୟବରାଳ



ମାଗିଲ ବୋଲି ତ ଦେଲି
ମୋ ଲୁହ, ମୋ କ୍ଷତ, ମୋ ଅଭିବ୍ୟକ୍ତି
ଆଉ କାହାପାଇଁ ସାଇତି ଥିବା କିଛି
ରୋମାଞ୍ଚ, କିଛି ସ୍ମୃତି
ଦେଇଦେଇ କେତେ ବା ଦେଲି
କିଛି ଅନୁରାଗ, କିଛି ଅବ୍ୟକ୍ତ ଅନୁଭବ
କିଛି ଆବେଗ ଓ
ମୋ ଆତ୍ମାର ତୀବ୍ରଦରଜ

ଦେଲି ଯେ,
ଦେଲାବେଳେ ଭୁଲିଗଲି ବୁଝିବାକୁ
ସେ ସବୁକୁ ସମ୍ଭାଳିବାକୁ
ତମେ ସମର୍ଥ କି ଅସମର୍ଥ
ଯେବେ ବିଶ୍ୱାସରୁ ଦୁଇଟୋପା ଫେଣ୍ଟି
ଦେଲିତମ ନିଶ୍ୱାରେ
ଦେଖିଲ ନାହିଁ ତାହା ବିଷ କି ଅମୃତ
କହି ବୁଲିଲ ଭଲ ଝିଅର ସବୁ ଭଲ
ତାର ଭଲପାଇବା, ମାନ, ଅଭିମାନ,
ନୀରବତା ଓ ନିରୀହ ପଣ



ନେଲ ବୋଲି ତ ଦେଲି
ଭାଙ୍ଗି ଯାଇଥିବା ବାଲିଘର
ଅଧା ଗଢ଼ା ଦିଅଁ
ଗହନ ଭଲ ପାଇବା
ଗୁମସୁମ ପାହାନ୍ତି
ଆଉ ନିର୍ଜନତାର ଫୁଲ ଝୁଡିରେ
ଖୁଣ୍ଟିଥିବା ଅସରାଏ ଜହ୍ନରାତି
ବୁଝିଲ ନାହିଁ
କୋଉଠୁ ଆଣିଲି, କଣ ଦେଲି,
ଆଜି ପର୍ଯ୍ୟନ୍ତ ଦେଲି ନା ନେଲି?

ଅନୁରାଗ
ବି/୧୦, ପ୍ରତିଭା ଏନ୍‌କ୍ଲେଭ,
ବିଜେବି ନଗର, ଭୁବନେଶ୍ୱର
ମୋ - ୯୪୩୭୧୨୩୨୪୮

# ପୁନଶ୍ଚ ପୃଥିବୀ

ଶରତ କୁମାରୀ ମିଶ୍ର



ପୁଣ୍ୟଗନ୍ଧା ଏହି ମାଟି ଆମର, ଅତି ପ୍ରିୟ ପ୍ରିୟତମ,
ଆସ ଗଢ଼ିବା ସରାଗେ ଏହାକୁ, ଆହୁରି ମନୋରମ।

ତରୁଲତା ଦେବେ ନୂଆ ନିଶ୍ୱାସ, ସୁଜଳା ସୁଫଳା ପ୍ରୀତି,
ବୃକ୍ଷ ରୋପି ଆମେ କରିବା ପାଳନ, ସୃଜିବା ସବୁଜ ଗୀତି।

ଶ୍ୟାମଳ ଶୋଭାରେ ହସିବ ଧରଣୀ, ସୁନ୍ଦର ରୂପ ଧରି,
ତୁମରି ସେବାରେ ଢାଳିଦେବୁ ପ୍ରାଣ, ଆକୁଳ ମନରେ ଭରି।

ତୁମେ ପରମ ପୂଜ୍ୟା ଧରିତ୍ରୀ ମାତା, ସ୍ନେହର ଜନନୀ ସେହି,
ତୁମ ଅନୁଗ୍ରହେ ଧନ୍ୟ ଆମେ ସଭିଏଁ, ତୁଳନା ତୁମର ନାହିଁ।

ଭାଗ୍ୟବାନ ଆମେ ଏହି କୋଳେ ମାଗୋ, ପାଇଛୁ ଜନ୍ମ-ଧନ୍ୟ,
ଫୁଲ-ଫଳ-ଭରା ଅମୃତ ତୁମର, ସତେ ଅପୂର୍ବ ଅନ୍ୟ!

ଜନ୍ମ ଜନ୍ମର ଏ ଋଣ-ପାଶେ ଆମେ, ବନ୍ଧା ସଦା ତୁମ ପାଶେ,
ଶପଥ ଆମ୍ଭର, ସଜାଇବୁ ତୁମକୁ, ଅନାବିଳ ସେବା-ଆଶେ।

ପାଦପର ସେହି ସବୁଜିମା ସାଥେ, ଫୁଟିବ ଫୁଲର ହସ,
ପରିବେଶ ଏହି ହେବ ସୁମଧୁର, ପବିତ୍ର ସୁବାସ-ବଶ।

ଶ୍ୟାମଳ କାନନେ ସଜେଇବୁ ତୁମକୁ, ରଖିବୁ ଆଦରେ ଟେକ,
ତୁମରି ସୁରକ୍ଷା ଆମରି ସଂକଳ୍ପ, ଆମରି ବ୍ରତ ଏକ।

ଆଇ. ଆର୍. ସି. ଭିଲେଜ୍,
ଭୁବନେଶ୍ୱର

# ପଲ୍ଲୀଗୀତ

ଶ୍ରୀମତୀ ପ୍ରତିମା ମିଶ୍ର



ଗହୀର ବିଲରେ ଧାନ
ବରଷା ବତାସ ଆସୁଛି ମାଡି
ଆସୁଛି ମାଡି ଲୋ
ଚାଷୀର ମନ ଉଛନ୍ନ ।
ପଡିଶା ଘରର ବୋହୂ
ମୁଣ୍ଡ ରେ ଟାଣିଛି ବଡ ଓଢ଼ଣା
ବଡ ଓଢ଼ଣା ଲୋ
କଥା ରୁ ଝରୁଛି ମହୁ ।
ଗାଇ ଗୋଠ ଖୁରା ଧୂଳି
ବୁଢ଼ା ବୁଢୀ ପ୍ରାଣ ହୁଏ ବିକଳ
ହୁଏ ବିକଳ ଲୋ
ଗଉଡ଼ ର ଜଳେ ଚୁଲୀ ।
ଫଗୁ ଦଶମୀ ର ଖେଳ
ପିଲା ଠାରୁ ବୁଢ଼ା ସଭିଏଁ ମେଳ
ସଭିଏଁ ମେଳ ଲୋ
ପଣା ରେ ପକାନ୍ତି ବେଲ ।
ଝିଅ ଯିବ ପାଠ ପଢ଼ି
ପୁଅଝିଅ ଏବେ ସବୁ ସମାନ
ସବୁ ସମାନ ଲୋ
କହୁଛି ପଧାନୀ ବୁଢୀ ।
ବିଲ ରେ ବଡ ଗଡିଶା
ସାହି ଝିଅ ସବୁ ହୁଅନ୍ତି ଏକ
ହୁଅନ୍ତି ଏକ ଲୋ
କରିବେ ଅଲଣା ଓଷା ।

ପୋଖରୀ ପାଣି ନିର୍ମଳ
ନୂଆ ବୋହୂ ସ୍ନାନ ଗାଧୁଆ ଘରେ
ଗାଧୁଆ ଘରେ ଲୋ
ଉଛୁର ହେଲାଣି ବେଳ ।
କୋଇଲି ର କୁହୁ କୁହୁ
ପ୍ରେମିକା ମନରେ ଭାବ ଉଛୁଳେ ଭାବ
ଉଛୁଳେ ଲୋ
ହସ ଝରେ କହୁ କହୁ ।
ଦଧିନଉତି କଳସ
ଗାଁଆ ରେ ଚାଲିଛି ଅଷ୍ଟପ୍ରହରୀ
ଅଷ୍ଟପ୍ରହରୀ ଲୋ
ଭକତ ମନ ହରଷ ।
ଶଗଡ କଟର କେଁ
ମାଗୁଣି ସାଂଗରେ ଶଗଡ ଅଛି
ଶଗଡ ଅଛି ଲୋ
ଫେରିବା ବାଟ ନପାଏ ।
ପାଛିଆ ରେ ଚୁନା ମାଛ
ଜେଜେମା ବାଛୁଛି ବାଡିରେ ବସି
ବାଡିରେ ବସି ଲୋ
ପାକୁଆ ପାଟିରେ ହସ ।

ସୃଷ୍ଟି ନିଳୟ, ଡୁମୁଡୁମା, ଭୁବନେଶ୍ୱର

# ଆସିବେ ଶ୍ରୀରାମ

ସରୋଜଲକ୍ଷ୍ମୀ ମହାନ୍ତି



ଦାଣ୍ଡ ମୋ ପଖାଳି ମୁରୁଜ ଗୁଣିଛି
ଝୋଟି ରେ ଲେଖିଛି ପଦୁଅଁ ପାଦ
ଏରୁଣ୍ଡି ରେ ପାଟ ବେଢେଇ ଦେଇଛି
ଆମ୍ବଡ଼ାଳ ସାଥେ ଗେଣ୍ଡୁ ମୁକୁନ୍ଦ
ପିପିଲି ଚାନ୍ଦୁଆ ଟାଣି ମୁଁ ଦେଇଛି
ନାନାଜାତି ଫୁଲେ ଗୁନ୍ଥିଛି ମାଳା
ରୂପାଥାଳିରେ ମୋ କସ୍ତୁରୀ ଚନ୍ଦନ
ମହମହ ବାସେ ଧୂପ ଗୋକୁଳ
ମୋ ଘରକୁ ଆଜି ଶ୍ରୀରାମ ଆସିବେ
ପାଦମୋ ଲାଗୁନି ମାଟିରେ ଜମା
ବାଡ଼ିରୁ ତୋଳିଛି ନାନାଜାତି ଫଳ
ସବରୀ ପରି ମୁଁ ଚାଖିନି ଜମା  ହୋଇଛି
ଆଖି ବିଛେଇଛି ତାଙ୍କ ରି ବାଟକୁ
କୌଶଲ୍ୟା ପରି ମୁଁ ସଜେଇ ହୋଇ
ଆଖିରେ ଭରିଛି ଆବେଗ ଅଶ୍ରୁ
ପଦ୍ମ ପାଦ ତାଙ୍କ ଦେବି ମୁଁ ଧୋଇ
ଆଶା ମୋ ବାଢ଼ିଛି ଭକତି ନୈବେଦ୍ୟ
ସମର୍ପି ଦେବି ମୋ ଆସ୍ଥା ବିଶ୍ୱାସ
ପରଶରେ ତାଙ୍କ ଆଉଁସି ଦେଲେ ସେ
ସବୁ ଅଭିମାନ ହୋଇବ ଶେଷ
ପାଣି ପାଣି ମୁଁ ହୋଇ ଯାଉଥିବି
ପାଦୁକା ପ୍ରସାଦ ଦେବେ ବଢ଼ାଇ
ଗୁଣ୍ଡୁଚି ପରିକା ଧୂଳି ଝାଡ଼ି ଦେଲେ
କୃତ୍ୟ କୃତ୍ୟ ଜୀବନେ ଯିବି ମୁଁ ହୋଇ



ନନ୍ଦନବିହାର, ଭୁବନେଶ୍ୱର

# ଲେଖନୀ ମୁନରୁ

ମଧୁସ୍ମିତା ମହାପାତ୍ର





ଝରୁନାହିଁ କାଳି
ଝରୁଛି କେବଳ ଆଖିର ଲୁହ,
ମନ ତା'ର ବେଦନାଗ୍ରସ୍ତ
ହୃଦେ ଭରିଛି ଅକୁହା କୋହ।
କେଉଁ ଶବ୍ଦରେ ଲେଖିବ ସିଏ
ଅତୀତ ଗାରିମା କାହାଣୀ,
ଆଜି ଚାରିଆଡ଼େ ଭରିରହିଛି
ହଣାକଟାର ବିଭତ୍ସ ଦୃଶ୍ୟ,
ନାରୀ ନିର୍ଯାତନାର ବାଣୀ।
ମୁନ ତା'ର ଆଜି ଭାରି ଅଶାନ୍ତ,
କାନ୍ଦୁଛି ହୋଇ କଇଁ କଇଁ,
ଗାଉନାହିଁ ମିଠା ଫଗୁଣ ଗୀତ
ମଳୟ ତାକୁ ଯାଉନି ଛୁଇଁ।
ତା' ମୁନ ଆଉ ଚାନ୍ଦକୁ ଯାଏନାହିଁ
ପ୍ରିୟାର ସନ୍ଦେଶ ନେଇ,
ରକ୍ତନଦୀରେ ଭାସି ସେ ଯାଉଛି
ଉଦ୍ଧାରିବାକୁ ତ କେହି ନାହିଁ।
ମୁନ ତା'ର ହୋଇଛି କ୍ଷତାକ୍ତ
କପଟୀଙ୍କ ମେଳେ ରହି,
ଅମୃତବାଣୀ କାହାକୁ ଶୁଣାଇବ
ସାଧୁଜଣେ ହେଲେ କେହି ନାହିଁ।
ସାଧୁମାନେ ଚକ୍ରବ୍ୟୁହେ ଆବଦ୍ଧ,
ନିରବତାରେ ହୁଅନ୍ତି ଭୀତ,
ସତ୍ୟର ସ୍ୱରେ ମୁଖ ଖୋଲିଲେ
ହରାଇବେ ମାନମହତ ।
ତଥାପି ଲେଖନୀ ଥମି ନାହିଁ,
ସତ୍ୟର ଦୀପ ଜଳାଇ ରହିଛି,
ଅନ୍ଧକାରର ଘନ ରାତିରେ
ନୂଆ ସକାଳକୁ ଡାକି ଆଣୁଛି।
ଭଙ୍ଗା ସ୍ୱପ୍ନର ଧୂଳି ମଧ୍ୟରୁ
ଉଠିବ ନୂତନ ଆଶାର ଫୁଲ,
ମନୁଷ୍ୟତାର ସୁଗନ୍ଧ ଭରି
ପୁଣି ହସିଉଠିବ ଏଇ ମାଟିକୂଳ।

ନୀଳାଦ୍ରୀ ବିହାର, ଭୁବନେଶ୍ୱର

# ବିରଳ

ସୁବ୍ରତା ମିଶ୍ର



ଗୀତ ତ
ଗାଅ ତୁମେ
ଖୁବ୍ କମ୍
କେବେ କେମିତି
ନିରୋଳାରେ ଥିଲେ

ଆଉ ସେଇ
ବିରଳ ସମୟର
ପ୍ରତୀକ୍ଷାରେ
ମୁଁ ଥାଏ....



କାରଣ
ତୁମର ସେ ଭାବ ତନ୍ମୟ
ଭସା ଭସା
ଆଖି ଦୁଇଟିର
ଅଥଳ ଗଭୀରତାରେ
ମନ ମୋର
ବାରମ୍ବାର
ବନ୍ଧା ପଡୁଥାଏ

ମୁକ୍ତିର ଡାକରା ବି
ତା ଆଗେ
ଫିକା ଫିକା ଲାଗେ।

ଜୟଦୁର୍ଗା ନଗର, ଭୁବନେଶ୍ୱର
ମୋ- ୮୨୪୯୮୩୨୦୯୩

# ସୁନାରୀ ଫୁଲର କାହାଣୀ

ଶ୍ୱାତି ମହାନ୍ତି





ସେଦିନ ଜ୍ୟେଷ୍ଠର  ଚାହାଣି ଟା
ଯେବେ ଆସି ପଡିଥିଲା
ଧରଣୀ  ଉପରେ
ଖୁବ ଠାଣିରେ  ଗରମ ଗରମ
ଚାହାଣିରେ
ପୋଡି ପକାଉଥିଲା...
ହଇରାଣ ହରକତ  ହୋଇ
ମୁଣ୍ଡଝାଳ ତୁଣ୍ଡେ ମାରି
କାନିଟାକୁ ଆଣି ଅଣ୍ଟାରେ ଖୋସି
କହିଥିଲା,
ଏବେ ଯାଏ ବୁଝିନ କି ?
ଏ ଦେହ ମୋର ସର୍ବସହା...
ଝଡଝଞ୍ଜା ପରେ ବି ମୁଁ
ବୀରଦର୍ପରେ ହୁଏ ଠିଆ
ନେଇଥିଲ ପରା ପରୀକ୍ଷା...
ଅଗ୍ନି ଉପରେ  ପାଦଦେଇ
ଚାଲିବାର ଦେଖିନ କି?
କେମିତି  ଆଁ କରି  ମୋ ମା' ଆସି
ତା' ବୁକୁ ରେ ମୋତେ ଚାପି ଧରିଥିଲା...
ଆଉ ଏବେ ଯେବେ ସୀମା ଲଙ୍ଘି
ଯାଇଥିଲେ ସିପାହୀ
ଘୋଡା ଟାପୁରେ ଛଡେଇ ଆଣିଥିଲି
ସେଦିନ ଝାନ୍ସୀ ମାଟି...
ଏ ଭୂ, ଧରା କାଳକାଳ ତା' ସାହସ ଓ
ନମ୍ରତାକୁ ନେଇ ଗାରିମାମୟୀ....
ଆଜି ଆସି  ଜ୍ୟେଷ୍ଠ ତା' ନିଦାଘରେ
ଜାଳିବାକୁ ବସିଲାବେଳେ
ଧରା ଆଉଥରେ
ସବୁପରେ ପଣତକାନିରେ
ବିଛାଇ ଦେଇଥିଲା
ସୁନାରୀଫୁଲର ପସରା....
ସେ ସୁନାରୀଫୁଲକୁ ଦେଖି
ଜ୍ୟେଷ୍ଠ ଟିକେ
ନରମ ହୋଇ ଯାଇଥିଲା
କରୁଣ ରାଗ ତୋଳି ଡାକିଥିଲା ଆଷାଢ଼କୁ
ଖୁବ୍ ନାଚିଥିଲେ ସେ ଦିନ
ଆଷାଢ଼, ଧରା ଓ ସୁନାରି ଫୁଲ...।


ଜେଡ୍ ୱାନ୍ ଇଷ୍ଟେଟ୍,
ଭୁବନେଶ୍ୱର

# ଲୋକ ଚିହ୍ନିବା ଶିଖ

ଡକ୍ଟର ପ୍ରବୀଣା ପରିଡ଼ା



ଉପରେ ଉପରେ ଚିକ୍କଣ  କଥା
ଭିତରେ ରଟନ୍ତି  କେତେ ଯେ ଲଥା,
ଭଦ୍ର ଲୋକିର ମୁଖାଟେ ନାଇ
ପାଖ ମାଡିବୁ ନି ଶୁଣ  ସତେଇ।
ଦିନରେ ସୁତୁରା ରାତିରେ କୋତରା
ଏଣ୍ଡୁଅ ପରି ରୂପ ବଦଳି
ଗଛକୁ ଗଛ ଡେଇଁ ବୁଲଇ।
ମନ ପୂରିଗଲା ଛାଡିବ ବସା
ଭାବ ସମ୍ବନ୍ଧ ତା ପାଇଁ ନିଶା।
ନ ଥାଏ ଲଗାମ ମନରେ  ତା'ର
ରୂପ ରଂଗ ଦେଖି କଲା ନିଜର।
ଏପରି ଲୋକକୁ ଦୂରୁ ଜୁହାର
ସୁବିଧା ଦେଖି  ଦେବ ପ୍ରହାର।
ଦେହର ଭୋକକୁ ମନର ଭୋକ
ଦରାଣ୍ଡି ହୁଅଇ ଜଗତଯାକ।
ନସରପସର ଯିଏ ସେ ହେଲା
ଗଳାମାଳି ପରା ସେ ବନିଲା!
ଘର, ଘରଣୀକୁ ମାରଇ ଗୁଲି
ମାନ ,ସମ୍ମାନ କୁ ଯାଆନ୍ତି ଭୁଲି।
ଏମିତି ଲୋକଙ୍କୁ ଦୂରୁ ଜୁହାର
ଲୋକ ଚିହ୍ନିକି ଦିଅ ପ୍ରହାର।
ଜାଣିବ ଯେବେ  ତା ହୀନ  ପ୍ରକୃତି
ପଶିବ ନାହିଁ ତାହାର କତି।



ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

# ଲୋକ ଦେଖାଣିଆ

ଦମୟନ୍ତୀ ଷଡ଼ଙ୍ଗୀ



ଲୋକ ଦେଖାଣିଆ ସେନେହ ଆଦର
ମୂଲ୍ୟ ତାହାର ନ ଥାଏ,
ବହୁତ୍ କଷ୍ଟ ହୋଇ ଥାଏ ପରେ
ଯେବେ ସତ୍ୟ ଜଣା ପଡି ଯାଏ।

ଲୋକ ଦେଖାଣିଆ ଠାକୁର ଭକ୍ତି
କରି କିଛି ଲାଭ ନାହିଁ,
ମନର ଭକ୍ତି,ହୃଦୟର ଶ୍ରଦ୍ଧା
ତାଙ୍କ ପାଦ ତଳେ ଦିଅ ଥୋଇ।



ଲୋକ ଦେଖାଣିଆ ବଡ଼ ବଡ଼ କଥା
କିଛି କାମକୁ ନୁହେଁ,
ଅଳ୍ପ କଥା,ବେଶୀ କାମ
ସଫଳତାର ମଥା ଛୁଏଁ।

ଲୋକ ଦେଖାଣିଆ ସେବା ଯତ୍ନ
ଜଣା ପଡି ଯାଏ ସହଜେ,
ମନ ଭିତରର ଅସୂୟା ଭାବନା
ମୁଖ ଉପରେ ବିରାଜେ।

ଲୋକ ଦେଖାଣିଆ କଅଁଳ କଥା
ବେଳେ ବେଳେ କରେ କିମିଆ
କିନ୍ତୁ କ୍ଷତ ବିକ୍ଷତ ହୁଏ ହୃଦୟ
ସେ ତ ଛୁରୀ ଠୁ ଅଧିକ ମୁନିଆ।

ଲୋକ ଦେଖାଣିଆ ପ୍ରଶଂସା ସିନା
ମନକୁ କରେ ହରଷ,
ସତ୍ୟ କଥାଟି ଜାଣିବା ପରେ
ଲାଗେ ତାହା ଉତ୍କଟ ବିଷ।

ଲୋକ ଦେଖାଣିଆ ଯାହା ବି କର
ଜୀବନେ ଆଣେନା ଶାନ୍ତି,
ସତ୍ୟ ହେଉ ଯେତେ କଷ୍ଟ ଦାୟକ
ତାକୁ ହିଁ କରିବା ନିଜର ନୀତି।

ଅନୁଗୋଳ

# ଆକାଙ୍କ୍ଷା

ଗୀତା ପଟ୍ଟନାୟକ



ଏ ଦେହ ମନ୍ଦିରେ  ଲୁଚକାଳି ଖେଳେ
ଅଝଟିଆ ଚିତ୍ତ ଚୋର,
ଆଖିରୁ ଝରାଇ  ଶ୍ରାବଣର ନୀର
ଖୋଜେ ତାକୁ ବାରବାର ।

ବୁଝି ବି ବୁଝେ ନି  ଜାଣି ବି ଜାଣେ ନି
କରୁଥାଏ କେତେ ନାଟ,
ସଙ୍କଟ ସମୟେ  ଆପେ ଧାଇଁ ଆସେ
ଫେଡିବା ପାଇଁ ସଙ୍କଟ ।

ପୁଣି ଚାଲିଯାଏ  କାହିଁ କେତେ ଦୂରେ
ଦିଏ ନାହିଁ ପାଶେ ଧରା,
ଆକୁଳେ କାନ୍ଦିଲେ  ବିକଳେ ଖୋଜିଲେ
ମୁରୁକି ହସଇ ପରା ।



ଛନ୍ଦା ଚରଣକୁ  ବନ୍ଧା ରଖିବାକୁ
ନାହିଁ ମୋର ଭକ୍ତି  ଧନ,
ସିଏ ନ ଚାହିଁଲେ  ଭାବ ସିନ୍ଧୁକ ମୋ
ହୋଇ କି ପାରିବ ପୂର୍ଣ୍ଣ ।

ହୃଦୟ ସୁମନ  କରି ସମର୍ପଣ
କରୁଛି ମୁହିଁ ଗୁହାରୀ ,
କୃପା କରି କାହ୍ନା  ଭାବ ସଲିଳରେ
ହୃଦୟ ଦେଏ ମୋ ଭରି ।

ଭାବର ଜୁଆର  କରୁ ଆନମନା
ଉଛୁଳୁ ମୋ ମନ ନଈ,
ଭାବ ଭକତିରେ  ବାନ୍ଧି ରଖି ଦେବି
ଆଉ ପାରିବୁ ନି ଯାଇ ।

ମୋ ପାଖେ ବସିବୁ  ମୋ ସାଥେ ହସିବୁ
କରିବି ମୁଁ ତୋତେ କୋଳ,
ଯିବା ବେଳ ମୋର  ଉପସ୍ଥିତ ହେଲେ
ତୋ ହାତୁ ପିଇବି  ଜଳ ।

ଆଦର୍ଶ ବିହାର, ଭୁବନେଶ୍ୱର
ମୋ– ୭୯୭୮୯୦୨୩୭୩

# ସମୟର ଚକ ନୋ ରିଭର୍ସ ବଟନ

ପ୍ରତିତୀ ମହାନ୍ତି



ମନ ଲୁଚକାଳି ଖେଳୁଛି
ଭାବନା ରାଇଜରେ ଉଙ୍କିମାରୁଛି
ସେ ଦିନର ସ୍ମୃତି
ହାତରେ ଥିବା ଟିଭି ରେମୋଟର
ରିଭର୍ସ ବଟନଟି ଦବିଗଲା
ମନ ପସନ୍ଦ ଦୃଶ୍ୟଟି ପୁଣିଥରେ
ଟିଭି ପରଦାରେ ଆସିଗଲା
ମନ ନାଚି ଉଠିଲା ଏକ ଅଦ୍ଭୁତ ଭାବନାରେ
ଫେରି ଚାହୁଁଥିଲା ମନ ସେ ସମୟକୁ
ସେ ଲୁଚକାଳି,ବୋହୁଚୋରି,
ପଥର ଧରି କିତକିତ୍ ଖେଳିବାକୁ
ଅଗଣାରେ ବସି ମାଉସୀ ପିଉସୀଙ୍କ
ସାଥେ ଛକିଶୂନ, କାଚକଉଡ଼ି,
ଲୁଡୁ ଖେଳିବାକୁ
ଗଣେଶ ପୂଜା ସରସ୍ୱତୀ ପୂଜା
ରାତିରୁ ଉଠି ପଡ଼ୋଶୀଙ୍କ ବାରିରୁ
ସେ ଫୁଲ ଚୋରି କରିବାକୁ
ରାଜା ଦୋଳି, ପଥର ଫିଙ୍ଗି
ଜାମୁକୋଳି ବରକୋଳି
ଖରା ବେଳେ ଅନ୍ୟ ବଗିଚାରୁ
ଆମ୍ବ ଚୋରି, ପିଜୁଳି ଚୋରି...
ମନରେ ଭାବନା ଉଙ୍କି ମାରୁଛି
ପୁଣି ସେ ଦିନ ବଞ୍ଚିବାକୁ
ପାଣି ଫୋଟକା ପରି ଭାବନା
ଅପସରି ଗଲା
କମାନରୁ ବାହାରିଥିବା ତୀର
ଗଡ଼ି ଯାଇଥିବା ଚକ ସମୟର
ନା ଅଛି କୌଣସି ଆପ୍ଲିକେସନ୍
ନା ଅଛି କୌଣସି ରିଭର୍ସ ବଟନ୍
ସ୍ମୃତିକୁ ସାଇତି ଆଗକୁ ବଢ଼ିଯିବା ହିଁ
ବୋଧେ ଜୀବନ...!!-



ଆଦର୍ଶ ବିହାର, ଭୁବନେଶ୍ୱର
ମୋ– ୭୯୭୮୯୦୨୩୭୩

# ଚାଲିବା ଏକାଠି ହୋଇ

ଜୟନ୍ତୀ ନାୟକ





ଷାଠିଏ ପରେ ଜୀବନ
ଚାଲିବା ଏକାଠି ହୋଇ,
ନିଶ୍ୱାସରେ ଭରସା କମ,
ବିଶ୍ୱାସ କାହାକୁ ସେଇ।

ସମୟର ଗଣନାରେ
ଦିନ ହେଉଛି କମ,
ଯେତେଦିନ ଅଛି ପଥେ
ସେହି ଅମୂଲ୍ୟ ଧନ।

ପଛକୁ ଦେଖିଲେ ଦିଶେ
ସ୍ମୃତିର ଲମ୍ବା ପଥ,
ହସ କାନ୍ଦରେ ଗଢ଼ା
ଆମ ଜୀବନକଥା ସତ୍ୟ।

କେବେ ଥିଲା ଅଭିମାନ,
କେବେ ତର୍କ ଓ ରାଗ,
ତଥାପି ଏହି ବନ୍ଧନ
ସବୁଠୁ ମୂଲ୍ୟବାନ ଆଜ।

ଆଜି ନାହିଁ ସେ ଦୌଡ଼,
ନାହିଁ ଜୀବନରେ ଭିଡ଼,
ନିରବ ସନ୍ଧ୍ୟା ଆଲୋକରେ
ମନକଥା କହୁଛୁ ନୀଡ଼ରେ।

ହାତରେ ହାତ ଧରି
ମନକୁ ମନରେ ମିଶାଇ,
ବାକି ସମୟକୁ ଆମେ
ସ୍ନେହରେ ପୁଣି ରଙ୍ଗାଇ।

ଷାଠିଏ ପରେ ମଧ
ଜୀବନ ହୁଏ ସୁନ୍ଦର,
ଥାଏ ଯଦି ସାଙ୍ଗରେ
ଏକ ସତ୍ୟ ସହଚର।

ଚାଲିବା ଏକାଠି ହୋଇ...
ଏକ ପଥରେ ଆମେ
ଶେଷ ପର୍ଯ୍ୟନ୍ତ ସାଙ୍ଗରେ,
ଏକ ଆତ୍ମା, ଦୁଇ ଶରୀର ହୋଇ।

ତ୍ରିଶୁଳିଆ, କଟକ
ମୋ– ୯୮୬୮୫ ୮୦୩୨୫

# ଶାନ୍ତି

ସ୍ୱର୍ଣ୍ଣଲତା ମହାପାତ୍ର



ଖୋଜିଲେ ମିଳେନା
ଆକାଶର ପ୍ରଶସ୍ତ ବୁକୁରେ
ଅବା ନୀଳ ସାଗରର ଉତ୍ତାଳ ଢେଉରେ,
ଉଦୁଉଦିଆ ଖରାବେଳର ନିର୍ଜନ ବେଳାରେ
ଗଳିକନ୍ଦି,ରାଜରାସ୍ତା ଅବା ରାଜ ଉଆସରେ।
ଆସେନାହିଁ ସପନରେ
ଭାସେ ନାହିଁ ବେଦନାର ବୁକୁରେ।
ଥକିପଡି ନିରାଶ ହେଲେ ବି
ଭେଟେନି ସେ ହୃଦୟର ବାହାରେ
ମନ୍ଦିର, ମସଜିଦ୍, ଗୁରୁଦ୍ୱାର
ପୁଣି ବି ଗୀର୍ଜାରେ।
ସେତ ଚିତ୍ତର ସ୍ଥିରତା,
ମନର ନିଶ୍ଚଳତା,
ଅନ୍ତର୍ମୁଖୀ ବିକାଶର ମାର୍ଗ
ଆତ୍ମ ସନ୍ତୋଷର ଏକ ମିଠା ଅନୁରାଗ।
ଲୁଚିଥାଏ ଅନ୍ତର ଭିତରେ
ନିଭୃତେ, ନିଶ୍ଚଳେ,
ଅପୂର୍ବ ପୁଲକ ପ୍ରେମ ପାରାବାରେ।
ଜଳୁଥାଏ ହୋଇ ପୁଣ୍ୟର ଆରତୀ
ହୃଦ ଅଗଣାକୁ ବାସମୟ କରେ
ଲକ୍ଷେ ଫଗୁଣର ଭାନ୍ତି।
ସେ ଯେ ଶାନ୍ତି ଶାନ୍ତି ଶାନ୍ତି।



ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ– ୯୦୪୦୬ ୮୮୦୧୨

# ତମ ଓଠର ହସ

ଡା. ନୀଳମାଧବ କର



ମିଛରେ ହେଉ ପଛେ,
ହସଟେ ଲାଖିଥାଉ ତମ ଓଠରେ,
ମୁଁ ବି ଟିକେ ଖୁସି ହେଇଯିବି ମିଛରେ,
ସବୁ ବୁଝିଲେ ବି
ଆମେ ଦିହେଁ ଅଭିନୟ କରିବା,
ନିଜ ପାଇଁ, ଜୀବନ ପାଇଁ ।



ସତ ଯେ ପରଦା ପଛରେ ଅଛି,
ତମେ ଜାଣ, ମୁଁ ଜାଣେ,
ସେ ସେଇଠି ଥାଉ,
ମିଛରେ ହେଉ ପଛେ,
ତା ରୂପର ପରଖ କରିବାର ଇଚ୍ଛା ନାହିଁ ।

ଶେଷକଥାର କିଛି ବିକଳ୍ପ ନାହିଁ,
ଅନ୍ୟ ଦୃଶ୍ୟ ନାହିଁ, ଅନ୍ତର ନାହିଁ
ପରିଣତିର ଭୟରେ,
ଲିଭି ନଯାଉ ହସ ତମ ମୁହଁରୁ,
ଶେଷ ଘଡି ଆସିବା ପୂର୍ବରୁ,
ଲିଭି ନଯାଉ ଜୀବନର ଚିହ୍ନ,
ମିଛରେ ହେଉ ପଛେ
ହସଟେ ଲାଖିଥାଉ ତମ ଓଠରେ ।

ଓଲଭରହମ୍ପଟନ୍, ୟୁକେ

# କବିତା

ନୀଳମଣି ଚାନ୍ଦ



କେମିତି ହେବ
କବିତାର ଶୈଳୀ
କ'ଣ ହେବ
କବିତାର ଭାଷା
ଆଉ କ'ଣ ରହିବ
ତା' ବିଷୟ
କେମିତି ପାଠକକୁ ଛୁଇଁବ
ଏ ସବୁ ବୁଝି ନ ଥିବା ସ୍ରଷ୍ଟାଠୁଁ
କ'ଣ ଅବା କରିବା ଯେ ଆଶା,
ଖାଲି ରିଫିଲ୍ ସରେ
କାଗଜରେ ଲେଖା ଭରେ
ଥିବାଯାଏ ଶଶାଙ୍କ,ସବିତା
ସେ କବିତା ରହିଯାଏ
ହୋଇ ଫବିତା,
ଇଏ ତ କିଛି ସ୍ରଷ୍ଟାଙ୍କର କଥା
ଅକବିତା ଲେଖି
ଯେ ଟୁଙ୍ଗାରୁଥାନ୍ତି ମଥା
ତଥାପି କିଏ କହେ
ମୋ ଶୈଳୀ ନୂଆ
ପାଠକର
ସେ କବିତା ପଠନରେ
ନ ଥାଏ ମୋଟେ ସ୍ପୃହା ।




ମହ ମାନୋର୍, ଗୋଠପାଟଣା
ଭୁବନେଶ୍ୱର
ମୋ : ୯୫୮୩୨୦୨୩୫୭

# ଭାଇ



ବୀରେଶ୍ୱର ମହାନ୍ତି

ଭାଇ ସମ ସମ୍ପର୍କ ଏ ଦୁନିଆରେ ନାହିଁ
ନିର୍ମଳ ସୁଶୀତଳ ସେ ବର ଗଛ ଛାଇ
ଖରାବର୍ଷା ପ୍ରକୋପ ଯେତେ ଥାଉ ପଛେ
ଜଣା ପଡ଼େନା କିଛି ଭାଇ ଥିଲେ ପାଖେ
ମୋ ଭାଇଙ୍କ ସ୍ନେହ ଶ୍ରଦ୍ଧା ପାରିବିନି ଭୁଲି
କଥା ପଦକେ ମନ ଆନନ୍ଦେ ଯାଏ ଫୁଲି ।



ମନେ ପଡ଼ିଯାଏ ମୋର ବାଲ୍ୟକାଳ କଥା
ଭାଇ ମୋର ହାତ ଧରି ଦେଖାଇଛନ୍ତି ରାସ୍ତା
ଚାଲୁଚାଲୁ ଯଦି କେବେ କେଣେ ଝୁଣ୍ଟି ମୁଁ ପଡିଛି
ଭାଇ ମୋତେ ତା କୋଳକୁ କୋଳେଇ ନେଇଛି
ତାଙ୍କ ସ୍ନେହଶ୍ରଦ୍ଧାରେ ଭିଜିଭିଜି ବଡ ମୁଁ ହୋଇଛି
ଜୀବନେ ବଢିବା ପାଇଁ ସାହା ତାଙ୍କଠୁ ପାଇଛି ।

ସ୍କୁଲ କଲେଜରେ ପାଠ ପୁଣି ଚାକିରି ଜୀବନ
ସବୁ କ୍ଷେତ୍ରେ ତାଙ୍କ ଦାନ ପୁଣି ତାଙ୍କ ହାତ ଚିହ୍ନ
ସବୁଥିରେ ଆଗଭର ନାହିଁ ତିଳେ ମାନ ଅଭିମାନ
ଅନ୍ୟ ପାଇଁ କିଛି କରିଯିବା ତାଙ୍କ ଜୀବନ ଦର୍ଶନ
ସବୁବେଳେ କର୍ମଚଞ୍ଚଳ ସଦା ସଦା କର୍ମବ୍ୟସ୍ତ
ବୟସ ମୋ ଭାଇଙ୍କ ପାଖେ ହୋଇଛି ପରାସ୍ତ ।

ଦିନ ରାତି, କାକର ତାତି ସବୁ ତାଙ୍କୁ ସମାନ
ଧୈର୍ଯ୍ୟ ଧରି କାମ କରିବା ତାଙ୍କ ପାଇଁ ଜୀବନ
ଉଚନୀଚ ସାନବଡ ଭେଦଭାବ ତାଙ୍କୁଛୁଇଁ ନାହିଁ
ଏ ଦୁନିଆରେ ମୋ ଭାଇ ପରି ଭାଇଟିଏ ନାହିଁ
ଭାଗ୍ୟ ମୋ ଏ ଜୀବନେ ପାଇଛି ଏପରି ଭାଇ
ଏମିତି ଭାଇ ମୋତେ ମିଳୁଥାନ୍ତୁ ଜନ୍ମ ଜନ୍ମ ପାଇଁ ।

ସି – ୧୦୫, ଶୁଭମ୍ ରୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୭୧୫୬୭୧

# ଖରା ମାରେ ଟାଇଁ ଟାଇଁ

ଅଜୟ କୁମାର ସେଠୀ





ଖରାମାରେ ଟାଇଁ ଟାଇଁ
ରହିହେଉନାହିଁ ଘରେକି ବାହାରେ
ମୁଣ୍ଡ ହୁଏ ଝାଇଁ ଝାଇଁ ।
ଜଳୁଛି ଏ ମାଟି ମାଆ
ପରିବେଶ ସାଥେ ପ୍ରକୃତି ଦେହରେ
ଆମେ ଲଗାଉଛେ ନିଆଁ ।
ଆମେ ସବୁ ସ୍ୱାର୍ଥପର
ଅର୍ଥ,ଅହଂକାର କରିଛି ପାଗଳ
ମାଡି ଆସୁଛି ଅନ୍ଧାର ।
ଜଳ,ଜମି,ଓ ଜଙ୍ଗଲ
ସବୁତ ନିଅଣ୍ଟ ଆମ ପେଟପାଇଁ
ଚାରିଆଡେ ହାହାକାର ।
ଗଛ ଆମେ କାଟୁଅଛେ
ଜଙ୍ଗଲ ପୋଡୁଛେ,ଘର କରୁଅଛେ
ବସୁଧାକୁ କନ୍ଦାଉଛେ ।
କାରଖାନା,ଗାଡି ଘର
ସବୁକରୁଅଛେ ଆମ ପାଇଁ ସିନା
ସେମାନେ କାଳ ଅମର ।
ବର୍ଜ୍ୟବସ୍ତୁ ବାହାରୁଛି
ଜଳ,ସ୍ଥଳ,ବାୟୁ ପ୍ରଦୂଷଣ କରି
ରୋଗେ ସଭିଙ୍କୁ ମାରୁଛି ।
ଜରି ଓ ପ୍ଲାଷ୍ଟିକ ଆଜି
ଏସାରା ବିଶ୍ୱକୁ ଗିଳି ଚାଲିଅଛି
ପ୍ଲାଷ୍ଟିକ ରାକ୍ଷସ ସାଜି ।
ବିଶ୍ୱ ଯୁଦ୍ଧ ଚାଲିଅଛି
ରାତି ଦିନ ଖାଲି ଗୋଳାବାରୁଦରେ
ତିନିପୁର ଜଳୁଅଛି ।
ଗଛତ ଅମୃତ ସିନ୍ଧୁ
କମାଧେନୁ ସିଏ ସାରା ଜଗତର
ସିଏ ଜଗତର ବନ୍ଧୁ ।
ଆସ ଲଗାଇବା ଗଛ
ଆଉ ସବୁକଥା ପଛରେ ପକାଇ
ବିଶ୍ୱକୁ କରିବା ସ୍ୱଚ୍ଛ ।
ଗଛ ପରିମିତ ନାହିଁ
ପ୍ରଚଣ୍ଡ ଖରାରୁ ଉଦ୍ଧାର କରିବ
ରକ୍ଷା କବଚଟି ହୋଇ ।
ଶୁଣ ମୋର ବିଶ୍ୱବାସୀ
ବିଶ୍ୱତାପନକୁ ରୋକିବାକୁ ହେଲେ
ଗଛ ଲଗାଇବା ମିଶି ।
ହସୁଥିଲେ ପରିବେଶ
ହସିତ ଉଠିବ ଏ ଜୀବଜଗତ
ଫୁଟିବ ଓଠରେ ହସ ।

ଅଞ୍ଜିରା, ଓହ୍ଲାଣ, ପୁରୀ
ମୋ :୯୯୩୭୧ ୯୮୮୭୮

# ଯନ୍ତ୍ରଣା

ଭୁବନେଶ୍ୱର ବିଶି



ଦେହ ନୁହେଁ
ମନରେ ବି
ଯନ୍ତ୍ରଣା ଥାଏ
କିଛି ଦେଖାଯାଏ
ଅନେକ କିଛି
ଅଦୃଶ୍ୟ ରହିଯାଏ ।
ଲୁହ ଝରେ
ଆଖିରେ, ମନରେ
ସମସ୍ତଙ୍କ ଆଲକ୍ଷ୍ୟରେ
ଲୁହ ପୋଛା ହୁଏ
କେହି କେବେ
କିଛି ପଚାରିବା ଆଗରୁ
ଲୁହ କୋହ,
ଏକାକାର ହୋଇ
ଝରା ଲୁହ
ଶୁଖି ଯାଇଥାଏ ।



ରେଳବାଇ କଲିନୀ, ଜୟପୁର,
କୋରାପୁଟ
ମୋ : ୭୫୮୭୪୪୫୮୦୩

# ସମ୍ପର୍କ

ଯଜ୍ଞଦତ୍ତ ସାମନ୍ତରାୟ



ଏବେ
ସଂପର୍କ ଯୋଡିବାକୁ
ଆଉ ଭଲ ଲାଗୁନି
ଏମିତିକି
ଡର ବି ଲାଗୁଛି ।
ହଁ,
କିଛି ସ୍ୱାର୍ଥୀ
ସ୍ୱାର୍ଥ ହାସଲ ପରେ
ସ୍ୱକୀୟ ସ୍ମାର୍ଟପଣରେ
ସଂପର୍କର ମୂଲ୍ୟକୁ
କଦର୍ଥ କରି
ଆକ୍ଷେପ, ଆଘାତ
ଦେବାକୁ ପଛାନ୍ତି ନାହିଁ ।
ସଂପର୍କ
ସେଇମାନଙ୍କ ସହିତ
ଯୋଡିବା ଉଚିତ
ଯେଉଁମାନେ ତା'ର
ଠିକ୍ ମୂଲ୍ୟ ବୁଝନ୍ତି ।



ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ବୈଶିଷ୍ଟ୍ୟ

ପ୍ରଫେସର ପ୍ରତିମା ଷଡ଼ଙ୍ଗୀ





ପ୍ରତି ପଦାର୍ଥ ଓ ସମ୍ପର୍କ ଭିତରେ
ମଣିଷ ଜୀବନ ବନ୍ଧା
ପ୍ରତି ପରିସ୍ଥିତି ଶିକ୍ଷା ଦେଇଥାଏ
ଭଲମନ୍ଦ ନେଇ ଛନ୍ଦା ।

ପ୍ରତ୍ୟେକ ଘଟଣା ବୈଶିଷ୍ଟ୍ୟ ପୂର୍ଣ୍ଣ ଯେ
ଜୀବନଟା ଭରାନଈ
ଅଙ୍କାବଙ୍କା ପଥେ ଗଡି ଗଡି ଚାଲେ
ଲାଭକ୍ଷତି ଭାବେ ନାଇଁ ।

ସଂସାର ସଂସ୍କୃତି ବୈଶିଷ୍ଟ୍ୟ ପୂର୍ଣ୍ଣ ଟି
ଜୀବନର ଜଳସ୍ରୋତେ
କାତ ମେଲିମେଲି ବହି ବହି ଚାଲେ
ଅନାହତ ଅବିରତେ ।

ପ୍ରତ୍ୟେକ ବସ୍ତୁ ଓ ଘଟଣା ସଂଶ୍ଳିଷ୍ଟ
ବୈଶିଷ୍ଟ୍ୟ ପୂର୍ଣ୍ଣ ଜୀବନେ
କାହାକୁ ଛାଡିବ କାହାକୁ ଧରିବ
ବିଧି ନିର୍ଦ୍ଦିଷ୍ଟ ସୃଜନେ ।

ଅକାରଣେ ନଷ୍ଟ କରନା ଜୀବନ
ଭୋଗ ବିଳାସକୁ ଭୋଗି
ମନୁଷ୍ୟ ଜୀବନ ଉଦ୍ଦେଶ୍ୟକୁ ବୁଝି
ପରହିତେ ଥାଅ ଲାଗି ।

କେତେ ଯୋନି ପରେ ମାନବ ଜୀବନ
ଉଦ୍ଦେଶ୍ୟ ସଫଳ କର
ବୈଶିଷ୍ଟ୍ୟକୁ ବୁଝି କାମ କରିଯାଅ
ଅବିରତେ ନାମ ଧର ।

ଭବ ବାରିଧିରୁ ମୁକତି ପାଇଁକି
ନାମ ଜପ ଏକା ସାହା
ବୈଶିଷ୍ଟ୍ୟପୂର୍ଣ୍ଣ ହିଁ ଜୀବନଶେଷରେ
ଏକହିଁ ସମ୍ବଳ ରାହା ।

ଭୁବନେଶ୍ୱର

# ବଦଳୁଥିବା ପରିଚୟ

ହରପ୍ରିୟା ପଣ୍ଡା



ଝିଅଟିଏ ଯେବେ କୁଆଁ କୁଆଁ ହୋଇ
ଜନମ ଲଭଇ ଧରା ପୃଷ୍ଠରେ
ପିତା ମାତା ଭାଇ ଭଉଣୀ ସାଥିରେ
ବଢ଼ ହୋଇଥାଏ ଅତି ଯତ୍ନରେ ।

ବାଲ୍ୟରୁ ଯୌବନ ଚପଳ ଜୀବନ
କଟିଯାଏ ପିତାମାତା ଙ୍କ ସାଥେ
ପ୍ରକୃତ ଜୀବନ ଆରମ୍ଭ ହୁଏ ତା
ହାତ ରଖେ ଯେବେ ପତିଙ୍କ ହାତେ ।

ଝିଅ ହୁଏ ବୋହୂ ଅନ୍ୟ ଘରେ ଯାଇ
ସଦସ୍ୟ ହୁଏ ସେ ସେହି ଘରର
ବଦଳିଯାଏ ତା ନିଜ ପରିଚୟ
ବଦଳିଲା ପରି ତା କଳେବର ।



ମିଳିଯାଏ କେତେ ନୂତନ ସମ୍ପର୍କ
ହୋଇରହେ ସବୁ ଚିରସ୍ଥାୟୀ
ବଢ଼ିଚାଲେ ସିଏ ଆଗକୁ ଆଗକୁ
ତା ସାଥିରେ ନିଜ ବଂଶ ବଢ଼ାଇ ।

ପିତା ମାତା ସାଥେ ଭାଇ ଭଉଣୀ ଯେ
ରହିଯାଇ ଥାନ୍ତି ସବୁ ପଛରେ
ଯେତେବେଳେ ଚାହେଁ ଫେରିପାରେନି ସେ
ଆଖି ଛଳଛଳ ହୁଏ ଲୁହରେ ।

ସେ ପରା ଦୁହିତା ଦୁଇ କୁଳ ହିତା
ଟାଣ କରିବାକୁ ପଡ଼େ ହୃଦୟ
କାହିଁ ତା ଏନ୍ତୁଡ଼ି କାହିଁ ଜଳେ ଚିତା
ବଦଳାଇ ଦେଇ ତା ପରିଚୟ ।

କଟକ

# ଅକ୍ଷୟ ତୃତୀୟା

ରାଧାରାଣୀ ପଟ୍ଟନାୟକ



ଏ ଅକ୍ଷୟ ତୃତୀୟା ଟି
ଏକ ମହାପୁଣ୍ୟ ତିଥି ।
ଓଡ଼ିଆ ପୁଅ ଆଜି ମାଟି ପୂଜା କରେ
ଏ ଜାତିର ଏହା ମହାନ ସଂସ୍କୃତି
ଚାଷୀ ଭାଇ ଧରଣୀ ଖୁସି କରେ
ଭଲ ଫସଲ ପାଇଁ ।
ମାତା ମହାଲକ୍ଷ୍ମୀ ବିରାଜିତ ହେବେ
ଚାଷୀ ଭାଇର ପୂଜା ପାଇ ।।
ପ୍ରଭୁ ବଳଦେବ ରେବତୀଙ୍କ ବାହା
ହେଲା ଏ ପୁଣ୍ୟ ତିଥିରେ
ଜୟଦେବ ଜନ୍ମ ଲଭିଥିଲେ
ଏଇ ଅକ୍ଷୟ ତୃତୀୟାରେ ।
ଗ୍ରୀଷ୍ମରୁ ତ୍ରାହି ପାଇବା ପାଇଁ
ପ୍ରଭୁ ଚନ୍ଦନଯାତ୍ରା କରନ୍ତି
ଜଳକ୍ରୀଡା କରି ନିଯେ ଥଣ୍ଡା ହୋଇ
ଜଗତ ଶୀତଳ କରନ୍ତି ।।
ଏହି ଦିନଟିରେ ବ୍ୟାସ ଆରମ୍ଭି ଲେ
ଲେଖିବା ପାଇଁ ମହାଭାରତ
ବୀର ପର୍ଶୁରାମ ଏହି ଦିନରେ
ଅବତରୀଲେ ଜଗତ ।।
ଏହି ଦିନଟି ରଥ ନିର୍ମାଣରେ
ହୁଏ ରଥଖଳା ଅନୁକୂଳ ।
ଶିରପା ବାନ୍ଧନ୍ତି ରାଜା ଗଜପତି
ବିଶ୍ୱକର୍ମାଙ୍କୁ କରି ଠୁଳ
ସୁନା ବେପାରିଏ ଏଇ ଦିନରେ
ରହୁ ଥାନ୍ତି ପାଟି କରି ।
ଆଜି ଭଲ ଦିନ କିଣ ସୁନା ରୂପା
ଧନ ରତ୍ନ ଯିବ ଭରି ।।
ଏହି ଦିନ ପରା ପବିତ୍ର ଦିନଟି
ମିଳୁ ଏହି ବରାଭୟ ।
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମ ର ହେଉ ଜୟ ।।



ଚନ୍ଦନ ନଗର, ବରଗଡ଼
ମୋ -୮୯୧୭୨୩୭୧୩୭

# ଅପେକ୍ଷା

ଅସୀମା ରାୟ(ଖୁଣ୍ଟିଆ)



ଅପେକ୍ଷା...!!
ଏକ ଧୈର୍ଯ୍ୟର ପରୀକ୍ଷା
ରାତି ପାଇଁ ଦିନର
ଆକାଶର ତାରା
ଚନ୍ଦ୍ରର ସୂର୍ଯ୍ୟ
କ୍ଷେତର ଶସ୍ୟ
ଶସ୍ୟର ବର୍ଷା
ବର୍ଷାର ବାଦଲ,
ନୀଳ କଇଁ
ସବୁଜ ଘାସର
ସାଧବ ବୋହୁ
ନଦୀର ସ୍ପର୍ଶ
ସାଗର ପାଇଁ...
ବୃକ୍ଷର ଫଳ
ପକ୍ଷୀର ନୀଡ
ବିରହର ମିଳନ
ଦୁଃଖର ସୁଖ
ପ୍ରେମର ବିଶ୍ୱାସ
ଅନ୍ଧର ଆଲୋକ
ନାରୀର ମାତୃତ୍ୱ
ଜନ୍ମର ମୃତ୍ୟୁ
ଭକ୍ତର ଭଗବାନ...!




ଗୁଆମାଳ, ଭଦ୍ରକ

# ପ୍ରେମ

ନୀନା ବଳିୟାରସିଂ



ପ୍ରେମ ସତରେ କଣ?
ତ୍ୟାଗର ସୁଖ, ନା ପ୍ରାପ୍ତିର ଭୋକ?
ନା ଆକାଶକୁ,ପୃଥିବୀକୁ,ଜୀବନକୁ,ମନକୁ
କଳ୍ପନାର ରଙ୍ଗରେ ରଙ୍ଗେଇବାର
ଅସାଧାରଣ କଳା?
ସମୟ ଅସମୟରେ ଅଦେଖା ଦୁନିଆରେ
ହଜିଯିବାର ବିଳାସ,
ଦେହ ଦେହାନ୍ତର ଡେଇଁ
ମନକୁ ଛୁଇଁଯିବାର ଅଦ୍ଭୁତ ପ୍ରୟାସ,
ନା ବାରମ୍ବାର ପାଖକୁ ଆସି
ଫେରିଯାଉଥିବା ଲହରୀର
ବିଷର୍ଣ୍ଣ ବେଳା?



ଖୁବ୍ ଲମ୍ବା ଏ ଜୀବନ ନୁହେଁ
କି ଖୁବ୍ ଛୋଟ ବି ନୁହେଁ
ଯେତେସବୁ ଅନୁଭୂତିକୁ
ସାଉଁଟି ରଖିବାର
ଦୁର୍ବାର ଇଚ୍ଛା ଭିତରେ
କୋଉ ଗୋଟେ କୋଣରେ
ତଥାପି ବଞ୍ଚିଥିବା ଗୋଟେ
ଶିଉଳିଲଗା ଶିଳା?
ନା ଜୀବନର ଶେଷ ପାହାଚରେ
ପାଦ ଥାପିଲା ବେଳେ
ଆଖପାଖରେ ହସି ଉଠୁଥିବା
କୈଶୋରର ଯୌବନର ସୁନ୍ଦର ଖେଳା..!

ମହାନଦୀବିହାର, କଟକ

# ଫେରିବାଲା

ଅନୀତା ମିଶ୍ର





ଆତ୍ମ ସନ୍ତୋଷର ସ୍ୱତଃସ୍ଫୂର୍ତ୍ତ ଭାବ
ଫେରିବାଲାର ଜୀବନ
ଅତ୍ୟନ୍ତ ସରଳ ହୃଦ ଅନାବିଳ
ଗତିବୃତ୍ତି ଅମଳିନ।

ଆଶା ଅସରନ୍ତି ଅଟଳ ପ୍ରଶାନ୍ତି
କର୍ମ ତା'ର ମାନଦଣ୍ଡ
ସାଇକେଲ ଧରି ନିଷ୍ଠାର ସହିତ
ବୁଲେ ହସି ଗାଆଁ ଦାଣ୍ଡ।

ତା ମଧୁର ଡାକ ଭାବର କୋଣାର୍କ
ଅବିରାମ ତା' ସଂଗ୍ରାମ
ସୁସ୍ଥ ମନୋଭବ ତୃପ୍ତ ଭାବାବେଗ
ଅବିଶ୍ରାନ୍ତ ପରିଶ୍ରମ।

ହାତ ପାହାନ୍ତାରେ ଚିଜ ପହଞ୍ଚାଏ
ସଭିଙ୍କୁ କରେ ଆଦର
ଗହନ ଅନ୍ତରେ ସେନେହ ସୋହାଗ
ଝରୁଥାଏ ନିରନ୍ତର।

ଝଡ଼ ବତାସକୁ ନ ଥାଏ ତା' ଡର
ଭାସ୍ୱର ତାର ପରାଣ
କୁଟୁମ୍ବ ପାଳନେ କରେ ସେ ବେଉସା
ପାଣି ଛଡେଇ ଜୀବନ।

ସଭିଙ୍କ ହୃଦୟେ ତା ଡାକ ପ୍ରତିକ୍ଷା
ବିପୁଳ ଭାବ ଚିତ୍ରଣ
ଜୀବନ ଆବେଶ ଅସୀମ ପ୍ରତୋଷ
ଚାରୁ ଚର୍ଚ୍ଚିତ ବରଣ।

ଅଦୃଷ୍ଟର ଆଜ୍ଞା ଫେରିବାଲା ସଂଜ୍ଞା
ଜୀବନର ସତ୍ୟନିଷ୍ଠା,
ନାହିଁ ଅବଶୋଷ ନାହିଁ ଅଭିଯୋଗ
କର୍ତ୍ତବ୍ୟର ପରାକାଷ୍ଠା।

ଭୁବନେଶ୍ୱର

# ଯାତ୍ରା

ପୁଷ୍ପାଞ୍ଜଳି ପଣ୍ଡା





ସବୁରି ମୂଳରେ ଯିଏ
ସବୁ କରୁଥାଏ ସିଏ।
ସିଏ ନାଟକ ଲେଖୁଛି
ଆରମ୍ଭରୁ ଶେଷ ଯାଏଁ
ଯାତ୍ରା ବି ଦେଖୁଛି ।
ଗାଁ ଯାତରା ରେ ବୁଲୁବୁଲୁ
ଭେଟ ହୁଏ ନାୟକ ସହିତ ।
ଆଲୋଚନା ହେଉଥାଏ
ସକାଳୁ ସକାଳୁ
ନାୟକ ର ଖଳନାୟକ ରୂପ
ନାୟିକା ର ଭଉଣୀ ସହିତ।।
ଟୁପୁରୁ ଟାପର ଶୁଭେ ଛକ ମୁଣ୍ଡରୁ
ଗାଁ ର ଶେଷ ଘର ଯାଏ
ରାମ ନାୟକ  ସାଜିଛି ରାବଣ
କରିଛି ଜାନକୀ ହରଣ
ଏବେ ଏବେ।।

ଏ ଯୁଗରେ ,ଏଠି ସବୁ ସମ୍ଭବ..!!
ସତ୍ୟ  ହେଉ
ତ୍ରେତୟା ହେଉ କି ଦ୍ୱାପର
ଆମେ ନଦେଖି ଥିବା ଯୁଗ କଥା ବି
ସବୁବେଳେ ସବୁଠାରେ
ଯାତ୍ରା ଆଉ ଯାତ୍ରା।
ଶେଷ ଦୃଶ୍ୟ ହେଇନି ଏଯାଏଁ
ଚାଲୁଥିବା ଏମିତି
ଘଣ୍ଟା କଣ୍ଟା ଚାଲୁଥିବା ଯାଏ।
ଅନନ୍ତ ଏ ସଂସାରର
ଅର୍ଥହୀନ ଯାତ୍ରା।
ଜୀବନ ଯାତ୍ରା,ଯାହା ସରେ ନାହିଁ
କେବେ କେବେ ବନ୍ଦ ଥିବା ପରି
ଲାଗିଲେ ବି
ଅନ୍ୟ ଏକ ଠିକଣା ରେ
ଯିବାପାଇଁ,ସଜବାଜ ହେଉଥାଏ
କୋକେଇରେ ଶୋଇ।।

କେନ୍ଦ୍ରାପଡ଼ା
ମୋ- ୯୮୬୧୫୬୫୬୩

# ପ୍ରଳୟର ପଦଧ୍ୱନି

ମମତାବାଳା ହୋତା



ହେ ବିଶ୍ୱବାସୀ!
ଶୁଣିପାରୁଛକି
ପ୍ରଳୟର ପଦଧ୍ୱନିକୁ
ଅନାଗତ ଭବିଷ୍ୟତ ର ବିଳାପକୁ
ବୁଭୁକ୍ଷାରେ ପ୍ରପୀଡ଼ିତ ପ୍ରାଣର
ଆକୁଳ ଚିତ୍କାରକୁ
ଯାତନାର ଯନ୍ତ୍ରଣାରେ
ଆତ୍ତାମାତ୍ତା ହୃଦୟର
ଅକୁହା ବ୍ୟଥାକୁ।
ଅନୁଭବ କରିପାରୁଛ କି
ଶୋକାତୁରା ଜନନୀର
ଅନ୍ତରର ବେଦନାକୁ
କ୍ଷତାକ୍ତ ଶାନ୍ତି କପୋତର
ହୃଦୟର ଜ୍ୱାଳାକୁ !
କିଏ ସେ ଲିଭାଇବ
ଏ ଅଶାନ୍ତିର ଦାବାନଳକୁ
ଭରିଦେବ ବିଶ୍ୱବୁକୁରେ
ଶାନ୍ତିର  ଶୀତଳତାକୁ !



ସମଲ ବ୍ୟାରେଜ, ଅନୁଗୋଳ

# ପ୍ରାତଃକାଳ

ଶୁଭଶ୍ରୀ ସିଂ



ଗିରିର ଉହାଡେ ପାଦପଙ୍କ ମେଳେ
ଉଦୟ ହୁଅନ୍ତି ଭାନୁ
ପାଦପ ତନୁରେ ଶିହରଣ ଖେଳେ
ପଡି ସେ କିରଣ ରେଣୁ ।
ଚନ୍ଦ୍ର ଛପି ଯାଏ ସୂର୍ଯ୍ୟଙ୍କ ଉହାଡ଼େ
କୁକୁଟ ରାବେ ଦିବସେ
ଅଳଶୀ ରଜନୀ ସେଜ ଛାଡ଼ିଯାଏ
ସୁନ୍ଦର ଅମ୍ବର ହସେ ।
ତରୁ ଡାଳେ ପ୍ରସ୍ଫୁଟିତ ମୁଦ୍ଦା କଢ଼
ଓଢଣା ତଳେ ସେ ଦେଖେ
ଲମ୍ପଟ ଭ୍ରମର ଗୁଣୁ ଗୁଣୁ ଗାଏ
ଫୁଲର ଚାରିପଟେ ।
ଝିଲ ମିଲ କରେ ପୁଷ୍କରଣୀ ଜଳ
ସବିତା ସୁବର୍ଣ୍ଣ ଢାଳେ
ମୃଦୁ ମଳୟ ର ସମୀର ଉଲ୍ଲାସେ
ବଜାଏ ଶାହାନାଇ ତାଳ ।
ସବୁଜ ବନାନୀ ଗିରି, ତରୁ, ଲତା
କେତେ ଶୋଭାମୟ ଦିଶେ
ବିହଙ୍ଗମ ପକାନ୍ତି ଶଙ୍ଖ ହୁଳହୁଳି
ଦିବସ କନିଆ ସାଜେ ।
ଅମ୍ବର ସାଜନ୍ତି ବରବେଶ ଏଠି
ରୋଶଣୀରେ ବାଘ, ହାତୀ
ନୃତ୍ୟରତେ ପୁଚ୍ଛଟେକି ସେ ମୟୁର
କଳା ବାଦଲକୁ ଦେଖି ।
ଶୁଭ ପ୍ରାତଃକାଳ ସରମି ଗଲାଣି
ପଡି ସୂର୍ଯ୍ୟଙ୍କ ତେଜରାଶି
ଭୂମି ରୁ ଭୂମା ସର୍ବେ ଆନନ୍ଦିତ
ସେ ଶୁଭ ମୁହୂର୍ତ୍ତ ଦେଖି ।



ଭୁବନେଶ୍ୱର
ମୋ: ୮୬୫୮୯୭୧୮୧୭

# ଆମ ମାତୃଭାଷା ଆମ ଅସ୍ମିତା

ବାସନ୍ତୀ ବାରିକ୍



ଜାତୀୟତା ପ୍ରେମ        ଭାଷା ପ୍ରୀତି ସ୍ୱରେ
ଗାଅ ମାତୃଭୂମି, ଭାଷା ବନ୍ଦନା,
ଭାଷା-ଅସ୍ମିତାର        ଭାବ-ସାଗରରେ
ଜାତି ସ୍ୱାଭିମାନ ଭବ୍ୟ ଭାବନା।

ବିଦେଶୀ ଭାଷାର        ବିଧୃତ-ଆଦର୍ଶେ
ଏ ଜାତି ହୋଇଛି ପାଶ୍ଚାତ୍ୟ ମନା,
ଉଜ୍ଜୀବିତ ହେଉ        ସର୍ବ ଜନ ପ୍ରାଣେ
ମାତୃଭାଷା ପ୍ରେମ ସ୍ୱତଃଚେତନା।



ଭାଷା ହିଁ ଜାତିର        ସଂସ୍କୃତି ସମ୍ମାନ
ଜାତି ସଂହତିର ବିଭା ବୈଭବ,
ଜାତି ସ୍ୱାଭିମାନ        ଜାତିର ଅସ୍ମିତା
ଜାତି ପରିଚୟ ଗର୍ବ ଗୌରବ।

ଭାଷା ସଭ୍ୟତାର        ଭବ୍ୟ ମାନଦଣ୍ଡ
ବିଭା ବିଭୂତିର ଦିବ୍ୟ ଆଧାର,
ବାଣୀ ଭଣ୍ଡାରର        ଅମୂଲ୍ୟ ଐଶ୍ୱର୍ଯ୍ୟ
ସାହିତ୍ୟ ସଂସ୍କୃତି

ଜାତି ପ୍ରାଣବିନ୍ଦୁ        ଭାଷା ପ୍ରେମ ସିନ୍ଧୁ
ସାରସ୍ୱତ ସ୍ରୋତ ତରଙ୍ଗ ମାଳା,
ପ୍ରଜ୍ଞା ପୀୟୂଷର        ମନ୍ଦାକିନୀ ଧାର
ଜ୍ଞାନ ବିଜ୍ଞାନର ଆଧାର ଶିଳା।

ମାତୃଭୂମି ମାତୃ-        ଭାଷାର ମମତା
ହେଉ ସାରସ୍ୱତ ଶ୍ରେଷ୍ଠ ସାଧନା,
ସମ୍ମିଳିତ ଭାବେ        ସମୁନ୍ନତ କର
ଭାଷା-ସୁରକ୍ଷାର ସ୍ୱୀୟ ଅର୍ଚ୍ଚନା।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ : ୬୩୭୨୦୮୪୭୧୫

# ପାଇବାରେ ନାରୀ

ପ୍ରିୟଦର୍ଶିନୀ ନାୟକ



ସେ ନାରୀଟିଏ, ସେ ଖୁସି ପାଏ
ପିଇବାରେ ପ୍ରତି ମୁହୂର୍ତ୍ତରେ ବିଷ
ଜନ୍ମସ୍ଥାନ ନୁହେଁ ତାହାର
ଯାହା ହାତରେ ଦାନ କରାଯାଏ,
ସେ ଟିକେ ଭୁଲରେ କହେ ଘରୁ ବାହାର
ବାପ ଘରେ ନାହିଁ ଅଧିକାର
କି ଶାଶୁଘରେ ନାହିଁ ତାର ଅଧିକାର
ସହିବାକୁ ହେବ ସବୁ ପାତି ମଥା
କାରଣ ସମାଜ କହେ ତାକୁ ଦୁହିତା ।



ସେ ନାରୀଟିଏ, ସେ ଖୁସିପାଏ
ଦାନ କରାଯାଥିବା ବସ୍ତୁ ଭାବେ
ମିଳେ ଢ଼େର ସାରା ଗଞ୍ଜଣା
ନିଜ ମନ କଥା କୁହାଯାଇ ପାରେନା
ପ୍ରତିବାଦ କଲେ ମିଳେ ଯନ୍ତ୍ରଣା
ପୁରୁଷଟି କହେ ମୋ ପରିବାର
ନାରୀର ନ ଥାଏ ପରିବାର?
ସ୍ୱାମୀ କହେ, ବାପା ମୋର, ମା' ମୋର
ଭାଇ ମୋର, ଭଉଣୀ ମୋର
ଆଗେ ବୁଝିବ ସବୁକଥା ତାଙ୍କର
ଆଉ ହାତଧରି ଆଣିଥିବା ନାରୀଟି?
ସେ କାହାର?
ଉତ୍ତର ଦେବେ ପୁରୁଷ ସମାଜ ।

ଅଧ୍ୟାପିକା,ଓଡ଼ିଆ ବିଭାଗ,
ସିମୁଳିଆ ମହାବିଦ୍ୟାଳୟ,
ତଳାଙ୍ଗ, ଭଦ୍ରକ

# ସେଦିନ କୁଞ୍ଜରେ

ଅନୁସୟା ବାରିକ





ସେଦିନ କୁଞ୍ଜରେ କଅଁଳ ସଂଜରେ
ପ୍ରୀତିର କଜ୍ଜଳ ନୟନେ ମାଖି
ତୁମ ଆଗମନ ଆବେଗରେ ଥିଲି
କୁଞ୍ଜବନ ଥିଲା ହୋଇ ମୋ ସାକ୍ଷୀ ।

ପରାଚୀ ତଟରେ ଧାରେ କିରଣରେ
ଚାହିଁ ହସୁଥିଲେ ତପନ ସତେ
ସଞ୍ଚାର ଛାତି ରେ ରାତିର ରାଜୁତି
ତୁମ ପାଶେ ନେଉଥିଲା କି ମୋତେ ।

ତୁମେଥିଲ କେତେ ଦୂରେଯେ ମୋଠାରୁ
ପ୍ରତେ ହେଉଥିଲା ନିକଟେ ତୁମେ
ରାତିବଢୁଥିଲା ଆଶାବି ବଢିଲା
ଆଶଙ୍କା ତ ବଢୁଥିଲା ମରମେ ।

ସଞ୍ଚାର ସୁନେଲି ବିଚ୍ଛୁରିତ କର
ଅଦୃଶ୍ୟ କିହେଲା ଦୃଶ୍ୟ ପଟରୁ
ଚହଲା ପବନ କାନେ କହୁଥିଲା
ଆସିବ ଚାନ୍ଦିନୀ ଚାନ୍ଦ ପାଖରୁ ।

ରାତିର ସାଥିରେ ଅଳପ ଚାନ୍ଦିନୀ
ଛୁଇଁଥିଲା ମୋର ମନ ବନକୁ
ଅନ୍ତରକୋଣେ ଅଳ୍ପ ଅଳ୍ପ ଖୁସି
ବୋଧେ ଆସୁଥିଲ ତୁମେ ପାଖକୁ ।

ମନ ପବନ ର ପକ୍ଷୀରାଜ ଘୋଡା
ଉଡ଼ାଇ କିଅବା ଆଣେ ତୁମକୁ
ଚାନ୍ଦିନୀ ପରଶେ ତୁମ ସ୍ୱପ୍ନଛବି
ନୟନ ବାରିଲା ଉପସ୍ଥିତିକୁ ।

ମହକି ଥିଲାଟି ସୁପ୍ତ କୁଞ୍ଜବନ
ଅଧିରା ଥିଲି ମୁଁ ତୁମ ଦର୍ଶନେ
ପୁଲକି ଥିଲାଟି ମନ ଆତ୍ମା ମୋର
ବିଭୋର ହୃଦୟ ନିଶବ୍ଦ କ୍ଷଣେ ।

ସାରାଜୀବନର ଯେତେ ଅଭିଯୋଗ
ଅଭିମାନ ଯେତେ ଗଲି ମୁଁ ଭୁଲି
ଦରସନେ ସିକ୍ତ ନୟନ ଯୁଗଳ
ଭାବର ଅମୀୟ ଧାରା ଆଦରି ।

ଆଜି ମନେପଡେ ସେ ଅନୂଢ଼ା ସଞ୍ଜ
କେତେ ଗତିଶୀଳ ରାତ୍ରି ଆଡକୁ
ଏବେ ତୁମବିନା ଜୀବନର ଗତି
ଶେଷ ଆଲିଙ୍ଗନ ମହାଶୂନ୍ୟକୁ ।

ବି.ଡି.ଏ. କଲୋନୀ, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର

# ଅକ୍ଷୟ ତୃତୀୟା

ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ



ବଇଶାଖ ମାସ ତୃତୀୟା ତିଥିରେ
 ଅକ୍ଷୟ ତୃତୀୟା ପଡେ
ସବୁ ଶୁଭକାର୍ଯ୍ୟ ଆରମ୍ଭ କରନ୍ତି
ସେହିଦିନ ଠାରୁ ଲୋକେ ।
କୃଷକ ଭାଇଟି କ୍ଷେତକୁ ଯାଇଣ
ପୁଜଇ ମାଆ ଲକ୍ଷ୍ମୀଙ୍କୁ
ଧାନ ଭଲହେବ ଅମଳ କରିବ
ଏହି କଥା ଜଣାଏ ମାଆଙ୍କୁ ।
ଐଶାନ କୋଣରେ ଶସ୍ୟକୁ ପୋତିଣ
ହଳ ଅନୁକୂଳ କରେ
ଧୂପ, ଦ୍ୱୀପ ଦେଇ ବନ୍ଦାପନା କରି
ଆନନ୍ଦ ଲଭେ ମନରେ ।
ନୂଆ ଟୋକେଇରେ ବିହନ ଧାନକୁ
ରଖିଥାଏ ଯତନରେ
ଖଇ ନେଇଥାଏ ଭୋଗ ଦେବାପାଇଁ
ବେତ ଟୋକେଇ ଭିତରେ ।
ହଳ ଓ ଲଙ୍ଗଳେ ସିନ୍ଦୁର ଚନ୍ଦନ
 ଭକ୍ତିରେ ଥାଏ ଲଗାଇ
ମାଆଙ୍କୁ ମନାସି ମୁଣ୍ଡିଆ ମାରିଣ
ଘରକୁ ଫେରି ଆସଇ ।
ତିନି ଠାକୁରଙ୍କ ଚନ୍ଦନ ଯାତ୍ରାଟି
ହୋଇଥାଏ ଏହିଦିନ
ନରେନ୍ଦ୍ରରେ ଚାପ ଖେଳନ୍ତି ଠାକୁର
ରହିଛି ବିଧି ବିଧାନ ।
ରଥ ଗଢ଼ା ପାଇଁ କାଠ ଅନୁକୂଳ
ଏହି ଦିନ ପୁଣି ହୁଏ
କବି ଜୟଦେବ ପ୍ରଭୁ ପର୍ଶୁରାମ
ଜନ୍ମଦିନ ପଡିଥାଏ ।
ରାଜା ଭଗିରଥ ତପସ୍ୟା କରିଣ
ଗଙ୍ଗା ମାତାଙ୍କୁ ଆଣିଲେ ।
ମାଆଙ୍କ କୃପାରୁ ରୁଷି ଶତପୁତ୍ର
ଅଭିଶାପୁ ମୁକ୍ତହେଲେ ।
ପ୍ରଭୁ ବଳରାମ ରୋହିଣୀ ବିବାହ
ଏହି ଦିନ ହୋଇଥିଲା
ବ୍ୟାସଦେବ ମିଶି ଗଣେଷଙ୍କ ସହ
ଲେଖା ଆରମ୍ଭ ହେଲା
ମହାଭାରତର ରଚନା କରିଲେ
ଦୁଇଜଣ ପ୍ରଭୁ ମିଶି
ବ୍ୟାସ ଡାକୁଥିଲେ ଗଣେଷ ଲେଖିଲେ
ତାହାଙ୍କ ପାଖରେ ବସି ।
 କୁବେର ପ୍ରଭୁଙ୍କୁ ଧନର ଭଣ୍ଡାର
ଏହି ଦିନ ମିଳିଥିଲା
ଚିରଞ୍ଜିବି ପ୍ରଭୁ ପର୍ଶୁରାମ ଜନ୍ମ
ଧରାପୃଷ୍ଠେ ହୋଇଥିଲା ।
ଆନନ୍ଦ ମନରେ ସବୁ ଶୁଭକାର୍ଯ୍ୟ
କରିଥାନ୍ତି ଧାରାବାସୀ
ପବିତ୍ର ଦିବସ ଅକ୍ଷୟ ତୃତୀୟା
ଶାସ୍ତ୍ରରେ ଗଣା ହୋଇଛି ।

ସମ୍ପାଦିକା 'ବଉଳଫୁଲ'
ଯାଜପୁର ରୋଡ଼, ଯାଜପୁର

# ଆଉ ନାହିଁ ସେଇ ଦିନ

ସାବିତ୍ରୀ ଦାସ





ଆଉ ନାହିଁ ସେହିଦିନ
ଆସେ ବସନ୍ତ ନ ଥାଇ
ମଳୟ ପବନ
ଅଛି  ଜନମମରଣ
ନାହିଁ ଭାଇଚାରା ପଣ
ଅଛି ଘର ପରିବାର
ନାହିଁ  ସମ୍ପର୍କ ମଧୁର
ବ୍ୟକ୍ତି ଏବେ ସ୍ୱାର୍ଥପର
ମାତାପିତା ଲାଗିଲେଣି  ପର
ଆଉ ନାହିଁ ସେହି ଦିନ
ନାହିଁ  ଷଡ଼ ଋତୁ ଆଗମନ
ସହରି ଜୀବନ ମାୟାରେ
ହଜିଲାଣି ମାଟିରୁ ପଲ୍ଲୀ ଜୀବନ
ପଶ୍ଚିମ ଚଳନି ହୋଇଛି ନିଜର
ସମାଜରେ ନାହିଁ ଅତିଥି ସତ୍କାର
ସମ୍ବେଦନହୀନ ଜୀବନ ନେଇ
ସମାଜ ଯିବ ପଙ୍ଗୁ ହୋଇ
ଆଉ ନାହିଁ ସେହି ଦିନ
ନାହିଁ ଭାଇ ଭଉଣୀର ସ୍ନେହ ବନ୍ଧନ
ଧୁଆ ମୂଳା ଅଧୁଆମୂଳା
ସବୁ ଲାଗନ୍ତି ସମାନ
ପ୍ରତିଭା ସମ୍ମାନକୁ ନାହିଁ ଏବେବେଳ
ଜ୍ଞାନୀଙ୍କୁ ଦେଇ ନିର୍ବାସନ
ରାଜନେତା ଏ ପାଆନ୍ତି ସିଂହାସନ
ଆଉନାହିଁ ସେହି ଦିନ
ଆଚମ୍ୱିତ କରେ ବରିଷ୍ଠ ଜୀବନ
ପୁତ୍ର କନ୍ୟା ନୁହନ୍ତି ଆଜ୍ଞାକାରୀ
ପାଖେ ନ ରଖନ୍ତି ଆସ୍ଥାଳନ କରି
ନିଃସଙ୍ଗ ଜୀବନ ନେଇ
ଜରାଶ୍ରମ ଯାନ୍ତି ଦାରୁ ପ୍ରାୟ ହୋଇ
ଆଉ ନାହିଁ ପୂର୍ବର ସେହିଦିନ
ଆଜିର ସଂସାରେ ଏହି ତ ଜୀବନ

ଅନ୍ନପୁର, କେନ୍ଦୁଝର

# ଜୀବନ ଭରା ତୋ ଆଖି

ଜୟଶ୍ରୀ ଦାଶ



ଜଳି ଜଳି ଯାଏ ସଳିତାର ଶିଖା',
ସରି ସରି ଯାଏ ବ୍ୟଥାର ରାଗିଣୀ
ଶୁଣାଏ ନିଶବ୍ଦ ରାତ୍ରୀ।

ବୁକୁତଳ କୋହ ବରଫ ତରଳେ,
ହୋଇ ଅମାନିଆ ନଈ,
ଝର ଝର ଝର ବୋହିଯାଏ ସେତ
ନୟନର ପଥ ଦେଇ ।

ରାକା ରଜନୀଟି ରଜତ ଜୋଛନା
ବୁଣିଯାଏ ଅନୁରାଗେ,
ମହକ ଛୁଟାଇ ଝରା ଶେଫାଳିବି
ଝଡ଼ିଯାଏ ଉଦବେଗେ ।



ଛୁଇଁପାରୁନାହିଁ ମନକୁ ଜୋଛନା
ଅବା ଶେଫାଳୀ ମହକ,
କ୍ଲାନ୍ତ ପଥିକ ମୁଁ ଜୀବନ ଯାତ୍ରାର

କେତେବେଳେ ଲାଗେ ଏଇଟା ହେବ କି
ଶେଷ ବସନ୍ତର ଚିଠି,
ହେଲେ ଜୀବନକୁ ଭିଡି ଧରେ ସେଇ
ଜୀବନ ଭରା ତୋ ଆଖି ।

ବରଗଡ଼

# ଜୀବନ

ସ୍ମୃତିସ୍ମିତା ରାଉତ



ଜୀବନ କେବେ ସାଧାରଣ
ପୁଣି କେବେ ଅସାଧାରଣ ।

କେବେ ଅନ୍ୱେଷଣର ଗନ୍ତାଘର
ପୁଣି କେବେ ସବୁ ପ୍ରଶ୍ନର ଉତ୍ତର ।

କେବେ ସେ ସୁଖ ଦେଖି
ବଞ୍ଚିବା ପାଇଁ  ବ୍ୟଗ୍ର ।

କେବେ ଦୁଃଖ ଦେଖି
ଜୀବନ ତ୍ୟାଗ ପାଇଁ କାତର ।

ଜୀବନ ଅଟେ ଖୁବ୍ କ୍ଷଣସ୍ଥାୟୀ
ସମୟର ଧାରରେ ଯାଏ ବୋହି ବୋହି ।

ଜୀବନ ଦେଇଥାଏ ନାନା ଶିକ୍ଷା
ସଚେତନ ହେବ ଯିଏ ପାଇବ ସଫଳତା।



କେନ୍ଦୁଝର

# ସାଥି ତୁମେ

ଅନୁରାଧା ମହାପାତ୍ର



ସାଥି ତୁମେ ମୋର
ମୁଁ ଖାଲି ତୁମର
ତୁମର ପ୍ରତ୍ୟେକଟି
ଭାବନାରେ
ଖାଲି ମୋର ଚିତ୍ରପଟ୍ଟ।
ସାଥି ତୁମେ
ଖିଆଲି ମନର କଳ୍ପନା
ମୁଁ ଝରା ଶେଫାଳିର ପାଖୁଡ଼ା।
ସାଥି ତୁମେ ତଲ୍ଲୀନ ହୃଦୟର
ଏକ ଅସୁମାରୀ ଭାବନା
ମୁଁ ଅବ୍ୟକ୍ତ ମନର
ଏକ ଅପ୍ରକାଶିତ ଅକୁହା କଥା।
ସାଥି ତୁମେ ଉତ୍ତପ୍ତ ମରୁଭୂମିରେ
ଅସରାଏ ଟୋପାଟୋପା ବର୍ଷା
ମୁଁ ବୈଶାଖର ଢ଼ହଢ଼ହ ଟାଣ ଖରା।
ସାଥି ତୁମେ ଅଦିନ ବରଷାରେ
ମାଟିର ବିଭୋର ବାସ୍ନା
ମୁଁ ସ୍ଥିର ହୋଇ ପଡ଼ିରହିଥିବା ଖଣ୍ଡେ ଶିଳା।
ସାଥି ତୁମେ ମୋ ରଫ୍ ଖାତାର
ସଫେଦ ପୃଷ୍ଠା
ମୁଁ ବାରମ୍ବାର କଟା ହୋଇଥିବା
ଅସଜଡ଼ା କବିତା।



ବୈତରଣୀ ରୋଡ଼, ଯାଜପୁର

# ଅସ୍ତିତ୍ୱ

ଭାଗ୍ୟଶ୍ରୀ ମହାପାତ୍ର





ନୁହେଁ ମୁଁ ନାରୀବାଦୀ
ନୁହେଁ ମୁଁ ନାରୀ ପ୍ରତିଦ୍ୱନ୍ଦୀ
ମୁଁ ତ ସେଇ ସ୍ୱାଭିମାନ
ଯିଏ ଚାହେଁ ମାତ୍ର ସମ୍ମାନର ସନ୍ଧି।

ସୃଷ୍ଟିର ସେହି ସମନ୍ୱୟ ମୁଁ
ଅର୍ଦ୍ଧନାରୀଶ୍ୱରର ଏକ ପରିଭାଷା
ଆତ୍ମସମ୍ମାନର ସାଥେ ବଞ୍ଚିବା ହିଁ
ମୋ ଜୀବନର ଏକମାତ୍ର ଆଶା ।


ମୋ ଭିତରେ ଅଛି ଶିବଙ୍କ ଧୈର୍ଯ୍ୟ
ଆଉ ଶକ୍ତିର ସ୍ୱରୂପ
ମୋ ସ୍ୱାଭିମାନ ଆଗେ ତୁଚ୍ଛ ହୁଏ
ସବୁ ଅହଂକାରର ରୂପ ।

ଯେମିତି କୃଷ୍ଣ ସେମିତି ରାଧା
ବିନା ରାଧାରେ କୃଷ୍ଣ ଅଧା ।
ରାଧା ଯଦି ଭକ୍ତି, କୃଷ୍ଣ ଭଗବାନ
କେହି କାହା ଠାରୁ ନୁହଁନ୍ତି ଭିନ୍ନ ।

ପୁବୁ ସାହି, ଖୋର୍ଦ୍ଧା

# ପ୍ରତିଶବ୍ଦ

ଆକୁଳାନନ୍ଦ ପୃଷ୍ଟି



ତୁମେ ତ ନଥିଲ ରାତିର ସପନ
ପାହାନ୍ତା ପହର ନିଦ
ମନର ମାନସୀ ଷୋଡ଼ଶୀ ରୂପଶୀ
ପୂର୍ଣ୍ଣିମା ରାତିର ଚାନ୍ଦ ।

ତୁମେ ବସନ୍ତର ବାସନ୍ତିକ ସନ୍ଧ୍ୟା
ଚୋରା ଚଇତାଳି ଛନ୍ଦ
ମନ ବଗିଚାର ରକ୍ତ ଗୋଲାପ
ମୋହନ ବଂଶିର ନାଦ ।



ଇନ୍ଦ୍ରଧନୁର ଚାରୁଚିତ୍ର ତୁମେ
ଶ୍ରାବଣର ବାରି ଧାର
ଶରତ ଋତୁର କାଶତଣ୍ଡୀ ଫୁଲ
ପ୍ରକୃତି ଗଳାରେ ହାର ।

ନାଟ ମଣ୍ଡପର ଚପଳ ଛନ୍ଦା
ଗୀତ ଗୋବିନ୍ଦର ସ୍ୱର
କାବ୍ୟ ନାୟିକା ଅଳସ କନ୍ୟା
ଆଖିର କଜଳ ଗାର ।

ଅଙ୍ଗେ ଅଙ୍ଗେ ଭରା ଯୌବନ ଲାବଣ୍ୟ
କଳା ଭାସ୍କର୍ଯ୍ୟର ଛାପ
ଅର୍କ କ୍ଷେତ୍ରର ଶିଳା ଶତଦଳ
ରମ୍ୟ କଳାର ରୂପ ।

ଭୂଗୋଳ ଶାସ୍ତ୍ରର ଭୂମିରୂପ ତୁମେ
ଇତିହାସ ଲୋକକଥା
ଶାସ୍ତ୍ର ସାହିତ୍ୟର ମଞ୍ଜୁଳ ରସାଳ
ଧର୍ମ ଦର୍ଶନର ଗାଥା ।


ଚାନ୍ଦ,ଛନ୍ଦ,ନାଦ,ନିଦ
ସମାହାର ତୁମେ ସବୁ ଶବ୍ଦର
ନାହିଁ ତୁମ ପ୍ରତିଶବ୍ଦ ।

ମହାକାଳପଡ଼ା, କଟକ

# ବାପୁ ତୁମେ ଚାଲିଗଲା ପରେ

ବସନ୍ତ କୁମାର ପ୍ରଧାନ





ଜାତିର ଜନକ ଆହେ ପୁଣ୍ୟଶ୍ଳୋକ
ବାପୁ ତୁମେ ଚାଲିଗଲା ପରେ
ତୁମ ଜୟ ଗୀତି ଅମର କୀରତି
ସ୍ମୃତି ଚାରଣରେ ଏ ଜାତି ଝୁରେ ।

ଚିର ସ୍ମରଣୀୟ ବିଶ୍ବ ପୂଜନୀୟ
ବିଶ୍ବର ବିସ୍ମୟ ପ୍ରିୟ ବାପୁଜୀ
ତୁମରି ସ୍ୱପ୍ନର ରାମରାଜ୍ୟ ଦେଖ
ଗୁମୁରି ଗୁମୁରି କାନ୍ଦୁଛି ଆଜି ।

ବିକଳାଙ୍ଗ ଆଜି ସୁନାର ଭାରତ
ଜାତି ନନ୍ଦିଘୋଷ ଯାଏ ଅଟକି
ଏବେ ବି ରହିଛି ଅନେକ ଆହ୍ୱାନ
ସମସ୍ୟା ରହିଛି ମୁଣ୍ଡ ଟେକି ।

ତୁମ ସତ୍ୟ ନ୍ୟାୟ ଅହିଂସା ମାର୍ଗରେ
ଅନ୍ୟାୟ ଅନୀତି ଯାଉଛି ବଢ଼ି
ମାନବିକତା ର ସ୍ୱର ହଜିଯାଏ
ଧର୍ମ ସମନ୍ୱୟ ଯାଉଛି ଛିଡ଼ି ।

ବେକାରୀ ସମସ୍ୟା ନାରୀ ନିର୍ଯ୍ୟାତନା
ଅସ୍ପୃଶ୍ୟତା ବ୍ୟାଧି ହୋଇନି ଦୂର
ବୃଦ୍ଧ ପିତାମାତା ଜରାଶ୍ରମେ ଆଜି
ନୀରବେ ଢାଳଇ ଲୋତକ ଧାର ।

ଅନ୍ୟାୟ ଅନୀତି ଦୁରାଚାର ଦେଖି
ଶୁଭୁ ନାହିଁ ପ୍ରତିବାଦର ସ୍ୱର
ଜାତୀୟ ସଂହତି ହେଉଛି ଦୁର୍ବଳ
ଆତଙ୍କବାଦୀର ହୁଏ ଶିକାର ।

ସ୍ୱର୍ଗେ ଥାଇ ବାପୁ କୃପା ଢାଳିଦିଅ
ପବିତ୍ର ଭୂମିର ଯଶ ଗାରିମା
ଅକ୍ଷୁଣ୍ଣ ରହୁ ବିଶ୍ବ ଦରବାରେ
ପ୍ରତି ହୃଦେ ପୂଜା ପାଅ ମହାତ୍ମା ।

ହରିହରପୁର, ଛେଣ୍ଡିପଦା, ଅନୁଗୋଳ

# ଧରଣୀ ବୁକୁରେ ସମୁଦ୍ର

ସୁନନ୍ଦା ମହାନ୍ତି



ଧରା ଧାରେ ତୁମେ ଅତୀବ ମନୋହର
ସମୁଦ୍ର କାହିଁକି ଆଶାନ୍ତ
ନିଜେ ସହି ଅନ୍ୟକୁ କର ଏତେ ଶାନ୍ତ
ନୀଳ ଜଳ ହୁଏ ଫେନିଳ
ଶୁଣି ଅନ୍ୟର ଆକୁଳ ବିକଳ
ଜୁଆରିଆ ହୁଏ ସାଗର ଅଥଳ
ଶବ୍ଦ  ଲୁଟି ନେଇ କବିତା ପଖାଳ
କବି ମନ ପ୍ରାଣ ଏତେ ଆକୁଳ
ସମୁଦ୍ର ଆକୁଳେ ପାଏ ବିକଳ
କୂଳ ଉପକୂଳେ ବସି କବି କୂଳ
କରେ ଶବ୍ଦ ମେଳ ଆକଣ୍ଠ ଆକଳ
ତରଙ୍ଗ ଫେନିଳ ଶବ୍ଦ ଯୁଗଳ
ଗୁନ୍ଥି ଗଜରା ମାଳ
କବିତା ଉତ୍କଳେ ଫୁଟେ ତତ୍କାଳ
ତୁମ ପାଇଁ ସମୁଦ୍ର କେବଳ
ପ୍ରଶଂସା ପାତ୍ର ବେଳ କାଳ
ସମୁଦ୍ର ତୁମ ଆଖିରପରଳ
ତୁମ କର୍ଣ୍ଣ ପଟଳ ରସାଳ
ସ୍ଥିର ସକାଳ ସକଳ ତୁମ ନୀଳ ଜଳ
ବିଭୋର ଏ ଧରା ଧରି ତୁମକୁ ବକ୍ଷସ୍ଥଳ
ତୁମେ ହୀରା ଲୀଳା ମାଣିକ ହାର
ଧରଣୀ ମାଆ ବୁକୁତଳ
ତୁମ ଗର୍ଜନ ବିଜନ ପ୍ରହରରେ
ଧରା ପିନ୍ଧେ ଢେଉ ଜଳ ଧାର କଣ୍ଠିମାଳ
ଆଭୂଷଣେ ମାଆ ଧରିତ୍ରୀ ସୁକୋମଳ ।




ସାକ୍ଷୀଗୋପାଳ, ପୁରୀ

# ଅନୁସ୍ୱାର

The Anuswaar
Monthly e-Magazine
Vol - 1/Issue-VIII
April -2026

ମାସିକ ଇ-ପତ୍ରିକା

ଏପ୍ରିଲ-୨୦୨୬




ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar

Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com